

ଓପନିଂରେ ଖେଳିବେ ରାହୁଲ:ରୋହିତ
ପୃଷ୍ଠା ୬

# ସଂଚାର
**THE SANCHAR**

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 252 | ଭାଗ ୩୨ | ସଂଖ୍ୟା୨୫୨ | Bhubaneswar | Friday 6 December 2024 | Page 8 Rs. 4.00 | ଭୁବନେଶ୍ୱର ଶୁକ୍ରବାର ୬ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ଆଳୁ ଅଭାବ ମନୁଷ୍ୟକୃତ





**ଭୁବନେଶ୍ୱର,୫।୧୨(ସଂଚାର ବ୍ୟୁରୋ):** ଆଳୁ ଦରକୁ ନେଇ ଯୋଗାଣ ମନ୍ତ୍ରୀଙ୍କ ବଡ ବୟାନ। କୃତିମ ଅଭାବ ତିଆରି କରାଗଲା। ସରକାରକୁ ବଦନାମ କରିବାକୁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମନା କଲେ ଆମେ ଦେବୁ ନାହିଁ।ଏବେ ପୁଣି ରାଜି ହେଲେ ଦେବାକୁ। କାହିଁକି ଏମିତି ରାଜନୀତି କଲେ ମୁଁ ଜାଣି ନାହିଁ। ମାର୍କେଟରେ ପରିମାଣ କମିଲେ ଦର ବଢ଼େ। ଏବେ ତ ସ୍ୱାଭାବିକ ଅଛି। ଆହୁରି କମିବ। ଅନ୍ୟପଟେ ଆଳୁ ଯୋଗାଇବାକୁ ରାଜି ହୋଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ। ଗତ ୨ ଦିନ ତଳେ ପଶ୍ଚିମବଙ୍ଗରେ ଆନ୍ଦୋଳନରେ କରିଥିଲେ ଆଳୁ ବ୍ୟବସାୟୀ। ତେବେ କୃଷି ମନ୍ତ୍ରୀଙ୍କ ସହ ଆଲୋଚନା ପରେ ଆନ୍ଦୋଳନରୁ ହଟିଛନ୍ତି ବ୍ୟବସାୟୀ। ଶୀତଳ ଭଣ୍ଡାରରୁ ପୂର୍ବପରି ଆଳୁ ବାହାରକୁ ଆସିବ ବୋଲି ସମ୍ଭାବନା କରାଯାଉଛି। ହୋଲସେଲ୍ ଓ ରିଟେଲ ମାର୍କେଟକୁ ଆଳୁ ପଠାଯିବ। ଯେପରି ଆଳୁ ଅନ୍ୟ ସ୍ଥାନକୁ ଯାଉଥିଲା ତାହା ପୂର୍ବପରି ଚାଲିବ ବୋଲି ଜଣାପଡ଼ିଛି। ଯାହାଦ୍ୱାରା ଓଡ଼ିଶା ପରି ରାଜ୍ୟରେ ଦେଖାଦେଇଥିବାଆଳୁ ସଙ୍କଟ ଦୂର ହେବ ବୋଲି ଆଶା କରାଯାଉଛି। ସୂଚନା ଅନୁସାରେ ମାତ୍ର ୩ ମାସ ନ ଯାଉଣୁ ପୁଣି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କର ପୃଷ୍ଠା-୬

**ସ୍କାମଷ୍ଟର୍ ଦାସଙ୍କ ହାତସଫେଇ**

## ଯାଜପୁର ଡିଏମ୍ଏଫ୍ ପାଣ୍ଠି ଖୋଲ

- ଖଣି ନଥିବା ବ୍ଲକ ଓ ପୌରାଞ୍ଚଳକୁ ଏତେ ଅନୁକମ୍ପା କାହିଁକି ?
- କାହା ଇଙ୍ଗିତରେ କାମ କରୁଥିଲା ଜିଲ୍ଲା ପ୍ରଶାସନ



**ଭୁବନେଶ୍ୱର,୫।୧୨ (ଭାରତ ବିନୋଦ ନାୟକ):** ବିଜେଡି ସରକାରର ୨୪ ବର୍ଷର ଶାସନରେ ଅନେକ ଦୁର୍ନୀତି ହୋଇଥିବା ବେଳେ ଡିଏମଏଫ ବା ଜିଲ୍ଲା ଖଣିଜ ପାଣ୍ଠିର ଦୂରୁପଯୋଗକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ବିଜେଡି ସରକାରରେ ଥିବା ସମୟରେ ସବୁ ଅଭିଯୋଗକୁ ଚାପି ଦେଉଥିଲା। ହେଲେ ବିଜେଡି ସରକାରରୁ ଯିବା ପରେ ଗୋଟିଏ ପରେ ଗୋଟିଏ ଗୁମର ଖୋଲୁଥିବା ବେଳେ ଡିଏମଏଫ ପାଣ୍ଠିର ଅପବ୍ୟବହାରର ସାଂଘାତିକ ତଥ୍ୟ ଏବେ ସାମନାକୁ ଆସିଛି। ଉଦାହାରଣ ସ୍ୱରୂପ ଯାଜପୁର ଜିଲ୍ଲା। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ବିଶେଷଜ୍ଞଙ୍କ ମୁଣ୍ଡ ଜାମ କରିଦେଇଛି।

କେନ୍ଦ୍ର ସରକାରଙ୍କ ଏମଏମଡିଆର ଆଇନ ଅନୁଯାୟୀ ରାଜ୍ୟରେ ୨୦୧୫ ଜାନୁଆରୀ ମାସରେ ଖଣି ସମୃଦ୍ଧ ଜିଲ୍ଲା ପାଇଁ ଗଠନ ହେଲା ଡିଏମଏଫ। ଖଣି ଲିଜଧାରୀଙ୍କ ଠାରୁ ରୟାଲଟି ବାବଦରେ ଆଦାୟ ହେଉଥିବା ଅର୍ଥ ଡିଏମଏଫରେ ଜମା ହୋଇଥାଏ। ଯେଉଁ ଜିଲ୍ଲାରୁ ଯେଉଁ ଅର୍ଥ ଆଦାୟ ହୁଏ ସେହି ଅର୍ଥ ସେହି ଜିଲ୍ଲାର ଖଣି ଖାଦନ ଦ୍ୱାରା ପ୍ରଭାବିତ ହେଉଥିବା ଅଞ୍ଚଳ ଓ ସେହି ଅଞ୍ଚଳର ଲୋକଙ୍କ ସାମାଜିକ, ଆର୍ଥିକ ଉନ୍ନତି ପାଇଁ ଖର୍ଚ୍ଚ କରାଯିବା ଏହି ପାଣ୍ଠିର ମୁଖ୍ୟ ଉଦ୍ଦେଶ୍ୟ। ଜିଲ୍ଲାଗୁଡିକ ଉନ୍ନତି ପାଇଁ ରାଜ୍ୟ ବଜେଟରେ ହେଉଥିବା ବ୍ୟୟବରାଦ ବାହାରେ ଡିଏମଏଫ ପାଣ୍ଠିରୁ ମଧ୍ୟ ଜିଲ୍ଲା ପ୍ରଶାସନ ପୃଷ୍ଠା-୬

# ଫଡନାବୀଶ ରିଟର୍ଣ୍ଣସ୍, ସିନ୍ଦେ ଡେପୁଟି

**ପ୍ରଥମ କ୍ୟାବିନେଟ୍‌ରେ ଐତିହାସିକ ନିଷ୍ପତ୍ତି**



**ମୁମ୍ବାଇ,୫।୧୨:** ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ମହାରାଷ୍ଟ୍ରରେ ଆରମ୍ଭ ହେଲା ଫଡନାଭିସ୍ ୩.୦ ସରକାର। ମୁଖ୍ୟମନ୍ତ୍ରୀ ଭାବେ ନୂଆ ଇନିଂସ ଆରମ୍ଭ କଲେ ଦେବେନ୍ଦ୍ର ଫଡନାବୀସ। ଦୁଇ ଉପମୁଖ୍ୟମନ୍ତ୍ରୀ ଭାବେ ଏନସିପି ନେତା ଅଜିତ ପାୱାର ଓ ଶିବସେନା ନେତା ଏକନାଥ ସିନ୍ଦେ ଶପଥ ନେଇଛନ୍ତି। ତିନି ଜଣଙ୍କୁ ପଦ ଗୋପନୀୟତାର ଶପଥ ପାଠ କରାଇଛନ୍ତି ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ। ଅଜିତ ପାୱାର ଷଷ୍ଠ ଥର ପାଇଁ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

- ଅଜିତ, ଏକନାଥ ଉପମୁଖ୍ୟମନ୍ତ୍ରୀ
- ପ୍ରଧାନମନ୍ତ୍ରୀଙ୍କ ସହ ଟପ୍ ନେତା ସାମିଲ
- ସିନ୍ଦେଙ୍କ ମାନଭଞ୍ଜନ କଲେ ମୋଦୀ

ସାଉଥ ମୁମ୍ବାଇର ଆଜାଦ ମୈଦାନରେ ଆୟୋଜିତ ଭବ୍ୟ ଶପଥ ଉତ୍ସବ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ରାଜନାଥ ସିଂ, ନୀତିନ ଗଡକାରୀ, ନିର୍ମଳା ସୀତାରମଣ, ଧର୍ମେନ୍ଦ୍ର ପ୍ରଧାନ, ଦଳ ଅଧ୍ୟକ୍ଷ ଜେପି ନଡ୍ଡା, ଚନ୍ଦ୍ରବାବୁ ନାଇଡୁ, ନୀତିଶ କୁମାର, ଯୋଗୀ ଆଦିତ୍ୟନାଥ, ଚିରାଗ ପାଶୱାନଙ୍କ ସମେତ ବହୁ ଟପ୍ ଲିଡର ଓ ବଲିଉଡର ବହୁ କଳାକାର ସାମିଲ ହୋଇଛନ୍ତି। ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାମଧ୍ୟ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେବେନ୍ଦ୍ର ଫଡନାଭିସଙ୍କ ସହିତ କରମର୍ଦ୍ଦନ କରି ଶୁଭେଚ୍ଛା ଜଣାଇଛନ୍ତି।


'ମହାୟୁତି' ସରକାରର ରାଜତିଳକର ସାକ୍ଷୀ ହୋଇଛନ୍ତି ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ, ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂହ ସୈନି, ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ୭୦ରୁ ଅଧିକ ଭିଭିଆଇପି, ୪୦୦ରୁ ସାଧୁସନ୍ଥ, ଶିଳ୍ପପତି ମୁକେଶ ଅମ୍ବାନୀ, ଅନନ୍ତ ଅମ୍ବାନୀ, ବଲିଉଡ୍ ଷ୍ଟାର୍ ମାଧୁରୀ ଦୀକ୍ଷିତ, ସଂଜୟ ଦତ୍ତ, ସଲମାନ ଖାନ, ଶାହରୁଖ ଖାନ, ରଣବୀର କପୁର, ରଣବୀର ସିଂ, ସଚିନ ତେନ୍ଦୁଲକର, ଅଞ୍ଜଳି ତେନ୍ଦୁଲକର, ବିକି କୌଶଲ, ଜାହ୍ନବୀ କପୁର, ସିଦ୍ଧାର୍ଥ ରୟ, ରୋହିତ ସେଟ୍ଟୀ, ଶ୍ରଦ୍ଧା କପୁର, ଏକତା କପୁର, ବିକ୍ରାନ୍ତ ମେସି, ନୀତା ଅମ୍ବାନୀ, ରାଧିକା ଅମ୍ବାନୀ, ନୋଏଲ ଟାଟା, କୁମାର ମଙ୍ଗଳମ ବିର୍ଲା ପ୍ରମୁଖ। ସୂଚନାଯୋଗ୍ୟ, ମହାରାଷ୍ଟ୍ର ନିର୍ବାଚନରେ ବିରୋଧୀଙ୍କୁ ଧରାଶାୟୀ କରି ବମ୍ପର ଭୋଟରେ ଜିତିଥିଲା ପୃଷ୍ଠା-୬



## ମୁମ୍ବାଇରେ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ

**ଭୁବନେଶ୍ୱର,୫।୧୨ (ସଂଚାର ବ୍ୟୁରୋ):** ବାଣିଜ୍ୟିକ ରାଜଧାନୀ ମୁମ୍ବାଇ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ମୁମ୍ବାଇ ପ୍ରବାସୀ ଓଡ଼ିଆ ସଂପ୍ରଦାୟ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶ୍ରୀ ମାଝୀ ଓ ଶ୍ରୀମତୀ ପରିଡ଼ା ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବୀସ୍‌ଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବାକୁ ମୁମ୍ବାଇ ଯାଇଛନ୍ତି। ଉଭୟ ଆଜି ୧୦ଟା ୨୦ ବିମାନ ଯୋଗେ ମୁମ୍ବାଇ ଯାଇଥିଲେ। ମୁମ୍ବାଇ ବିମାନବନ୍ଦରରେ ଉଭୟଙ୍କୁ ପ୍ରବାସୀ ଓଡ଼ିଆମାନେ ସ୍ୱାଗତ କରିଥିଲେ। ଦୁହେଁ ପ୍ରବାସୀ ଓଡ଼ିଆଙ୍କ ସହିତ କିଛି ସମୟ ଆଲୋଚନା କରିବା ପରେ ବିଶ୍ରାମ ନେଇ ଅପରାହ୍ଣରେ ଶପଥଗ୍ରହଣ ସମାରୋହରେ ଯୋଗଦେଇଥିଲେ। ଆସନ୍ତା କାଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଓଡ଼ିଶା ଫେରିବେ ବୋଲି ସୂଚନା ମିଳିଛି।

## ରାଜୁ ବନଗୟା ଜେଣ୍ଟଲମ୍ୟାନ





ନାଇଟ୍ ଡ୍ରେସ ପିନ୍ଧି ଏନ୍ଏଚ୍ ପାର୍ଶ୍ୱ ଥାନାର ଜଣେ ମହିଳା ଆଇଆଇସିଙ୍କ କଥା କିଛି ଦିନତଳେ ସାମ୍ନାକୁ ଆଣିଥିଲା 'ସଂଚାର'। ଖବର ପ୍ରକାଶ ପରେ ଡିସିପି ସେହି ଆଇଆଇସିଙ୍କୁ ୟୁନିଫର୍ମ ପିନ୍ଧିବାକୁ ତାଗିଦ କରିଥିଲେ। ଥାନା କ୍ୟାମ୍ପସ ପରିସରରେ ସମ୍ପୃକ୍ତ ଆଇଆଇସି ମ୍ୟାଡାମଙ୍କ କ୍ୱାର୍ଟର ଥିଲେ ସୁଧା ଡ୍ୟୁଟି ବେଳେ ଖାକି ପିନ୍ଧିବାକୁ କୁହାଯାଇଥିଲା। ତେବେ ସେଥିରେ ମ୍ୟାଡାମଙ୍କ ସୁଧାର ଆସିଥିବା ବେଳେ ଏବେ ଶୁଣିବାକୁ ମିଳୁଛି ଆହୁରି କିଛି ରୋଚକ କଥା। ଶୁଣାକଥା ମୁତାବକ ମ୍ୟାଡାମ କୁଆଡେ ଭାରି ପ୍ରେମାଳୁ। ହ୍ୟାଣ୍ଡସମ ଅଫିସରଙ୍କୁ ଭାରି ଭଲ ପାଆନ୍ତି। କେବଳ ଅଫିସର ନୁହେଁ ଏଏସ୍ଆଇ ଓ ଏସ୍ଆଇଙ୍କ ସହ ମଧ୍ୟ ଥାନାରେ ତାଙ୍କର ଭଲ ସମ୍ପର୍କ। କେହି ନଥିବା ବେଳେ ଏକାନ୍ତରେ ମ୍ୟାଡାମ କୁଆଡେ ସେମାନଙ୍କ ସହ କ୍ୱାଲିଟି ଟାଇମ କାଟନ୍ତି। କମିଶନରେଟ ପୋଲିସରେ ସମସ୍ତେ ଏକଥା ଜାଣନ୍ତି। କିନ୍ତୁ ବର୍ଦ୍ଦି ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ସେହି ଥାନାରେ କାମ କରୁଥିବା ଏଏସଆଇ (ରାଜୁ) ଏବେ ଆଉ ମ୍ୟାଡାମଙ୍କୁ ଧରା ଛୁଆଁ ଦେଉନାହାନ୍ତି। ସିଧା ମନା କରିଦେଉଛନ୍ତି ମ୍ୟାଡାମଙ୍କୁ ଡାକିବା ପାଇଁ। ରାଜୁ କହିବା ମୁତାବକ ଥାନାରେ ଯାହା ହେଉଛି 'ସଂଚାର' ସବୁ ଜାଣିଦେଉଛି। ତେଣୁ କବାଟ ଦେଇ ଗପିଲେ ମଧ୍ୟ କାଁଥ ବାଡର କାନ ଥିବା ଭଳି ଖବର ବାହାରକୁ ଚାଲିଯିବ। ଏଣୁ ଡ୍ୟୁଟି ପରେ ଥାନାରେ ବସି ଆଇଆଇସିଙ୍କ ସହ ଗୁପ୍‌ଚୁପ୍ ଖାଇବାକୁ ଯାଉଥିବା ରାଜୁ ଏବେ ସଚେତନ ହୋଇଯାଇଥିବା ଚର୍ଚ୍ଚା ଶୁଣିବାକୁ ମିଳୁଛି। ଏପରିକି ପୁରା ଭୁବନେଶ୍ୱର ପୋଲିସ ମହଲରେ ଶୁଣିବାକୁ ମିଳୁଛି, 'ରାଜୁ ବନଗୟା ଜେଣ୍ଟଲମ୍ୟାନ'।

## ଋଣ ବଢ଼େଇ ଛୁ'
**ମୁଣ୍ଡପିଛା ଋଣ ୨୦ହଜାର**



**ଭୁବନେଶ୍ୱର,୫।୧୨ (ସଂଚାର ବ୍ୟୁରୋ):** ଏକ ଅଭାବୀ ରାଜ୍ୟରୁ ଆର୍ଥିକ ସ୍ୱଚ୍ଛଳ ରାଜ୍ୟରେ ପରିଣତ ହୋଇଛି ଓଡିଶା। ଗତ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବିଜେଡି ନେତାମାନେ ଯେଉଁ ଦାବି କରୁଥିଲେ, ତାହା ଆଜି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉତ୍ତରରୁ ସ୍ପଷ୍ଟ ହୋଇଯାଇଛି। ଆଜି ଆଇନମନ୍ତ୍ରୀ ଅର୍ଥବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ତରଫରୁ ବ୍ୟୟ ମଂଜୁରୀ ବିଲର ଉତ୍ତର ଦେଇ ରାଜ୍ୟର ଋଣ ଭାର ନେଇ କିଛି ତଥ୍ୟ ବିଧାନସଭାରେ ଉପସ୍ଥାପିତ କରିଥିଲେ। ତଦନୁଯାୟୀ ଚଳିତବର୍ଷ ଅକ୍ଟୋବର ମାସ ଶେଷସୁଦ୍ଧା ରାଜ୍ୟର ପ୍ରତ୍ୟେକ ଲୋକଙ୍କ ମୁଣ୍ଡରେ ରହିଛି ୨୦ହଜାର ୧୭୭ଟଙ୍କାର ଋଣବୋଝ। ତେବେ ଏହି ଋଣବୋଝ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଯଥେଷ୍ଟ କମ୍। ତେଣୁ ରାଜ୍ୟର ଋଣଭାର ଓ ମୁଣ୍ଡପିଛା ଋଣକୁ ନେଇ ବିଧାୟକମାନେ ଚିନ୍ତା ବ୍ୟକ୍ତ କରିବାର ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ। ବ୍ୟୟମଞ୍ଜୁରୀ ବିଲ୍ ଉପରେ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନଙ୍କ ଆଲୋଚନା ପରେ ଅର୍ଥମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ରଖି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, କେତେକ ବିଧାୟକ ରାଜ୍ୟର ଋଣବୋଝ ଓ ମୁଣ୍ଡପିଛା ଋଣକୁ ନେଇ ଚିନ୍ତା ବ୍ୟକ୍ତ କରଇଛନ୍ତି। ତେବେ ରାଜ୍ୟ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା ଅଧିନିୟମ-୨୦୦୫ ଅନୁଯାୟୀ ରାଜ୍ୟର ପୃଷ୍ଠା-୬

## ଆଇସିଏସ୍ଏସ୍ଆର ରିସର୍ଚ୍ଚ ଇଣ୍ଟର୍ଣ୍ଣସିପ୍ ଶୁଭାରମ୍ଭ



**ନୂଆଦିଲ୍ଲୀ,୫।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀଠାରେ ସାମାଜିକ ଓ ମାନବ ବିଜ୍ଞାନରେ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ (ଆଇସିଏସଏସଆର) ଗବେଷଣା ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ସେ ଆଇସିଏସଏସଆର ରିସର୍ଚ୍ଚ ଇଣ୍ଟର୍ଣ୍ଣମାନଙ୍କୁ ନିଯୁକ୍ତି ପତ୍ର ମଧ୍ୟ ବଣ୍ଟନ କରିଥିଲେ। ଶ୍ରୀ ପ୍ରଧାନ ୟୁଜି, ପିଜି ଏବଂ ଡକ୍ଟରେଟ୍ ଛାତ୍ରମାନଙ୍କୁ 'ଭାରତରେ ଏକକାଳୀନ ନିର୍ବାଚନ: ଏକ ରାଷ୍ଟ୍ର, ଗୋଟିଏ ନିର୍ବାଚନ' ଶୀର୍ଷକ ଜାତୀୟ ଯୁକ୍ତି ପ୍ରବନ୍ଧ ଲେଖନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆଇସିଏସଏସଆରର ସଦସ୍ୟ ସଚିବ ପ୍ରଫେସର ଧନଞ୍ଜୟ ସିଂ, ଆଇସିଏସ୍ଏସ୍ଆରର ଅଧ୍ୟକ୍ଷ ପ୍ରଫେସର ଦୀପକ କେ ଶ୍ରୀବାସ୍ତବ, ଶିକ୍ଷାବିତ୍, ଅନୁଷ୍ଠାନର ମୁଖ୍ୟ, ବିଦ୍ୟାର୍ଥୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଏହି ଅବସରରେ ଶ୍ରୀ ପ୍ରଧାନ କହିଥିଲେ ଯେ ଏହି ଇଣ୍ଟର୍ନସିପ୍ ସାମାଜିକ ବିଜ୍ଞାନର ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବା ସହ ସାମାଜିକ ପ୍ରଗତି ହାସଲ, ବୈଷୟିକ ବାଧାବିଘ୍ନକୁ ଗ୍ରହଣ କରିବା ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ବିକଶିତ ଭାରତର ଜାତୀୟ ଉଦ୍ଦେଶ୍ୟ ସହ ଯୋଡ଼ି ହୋଇଥିବା ସାମାଜିକ ବିଜ୍ଞାନ ଗବେଷଣାକୁ ସୁଦୃଢ଼ କରିବ। ସେ ଆହୁରି ମଧ୍ୟ କହିଥିଲେ ଯେ ଏଆଇ ଭଳି ଟେକ୍ନୋଲୋଜି ଏହି ପରିବର୍ତ୍ତନ ଆଣିବା ସହିତ ଚାକିରିର ପ୍ରକୃତି ଦ୍ରୁତ ଗତିରେ ବଦଳୁଛି ଏବଂ ସାମାଜିକ ବିଜ୍ଞାନ କ୍ଷେତ୍ରରେ ଗବେଷଣା ସାମାଜିକ ବିକାଶରେ ସହାୟକ ହେବା ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।



**କାନ ଡେରିଥା**

ମୋଦୀ ଶାହାପରେ,
ମହାମହିମ ଦ୍ରୋପଦୀ
ଆସିଲେ ଓଡ଼ିଶା ଭୂଇଁରେ
ବାଜାବାଣ ଆଉ
ରୋଷଣୀ ଭିତରେ
ବିଜେଡ଼ି ଯାଉଛି ଦବିରେ

## ଦେବୀଙ୍କୁ ଦୈବୀଛଡ଼ା କଲା କିଏ ?



- କ୍ରୀତଦାସ ମାଷ୍ଟରମାଇଣ୍ଡ
- ସନ୍ଦେହମୁକ୍ତ ନୁହନ୍ତି ସନ୍ୟାସୀ

**ଭୁବନେଶ୍ୱର,୫।୧୨ (ସଂଚାର ବ୍ୟୁରୋ):** ବିଜେଡିର ବରିଷ୍ଠ ନେତା ଦେବୀ ମିଶ୍ର ଦୈବୀ କୃପାରୁ ବଡମ୍ବା ମାଟିରୁ ଜିଣି ରାଜ୍ୟର ଏକାଧିକ ବିଭାଗର ମନ୍ତ୍ରୀ ପଦ ସମ୍ଭାଳିଥିଲେ। କଥା କହିବାର ଚାତୁରୀ ସହିତ ବଡମ୍ବାବାସୀଙ୍କ ସ୍ନେହ ଶ୍ରଦ୍ଧା ଯୋଗୁଁ ଦେବୀ ଥିଲେ ଅପତିଦ୍ୱନ୍ଦୀ। ହେଲେ ସେହି ଦେବୀ ଏବେ ଦୈବୀଛଡା ହୋଇଯାଇଛନ୍ତି। ତାଙ୍କର ଏଭଳି ଦୈବୀଛଡା ପଛରେ କିଏ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ଗତ ନିର୍ବାଚନରେ ଦେବୀ ତାଙ୍କର ପାରମ୍ପରିକ ଗଡ଼ ବଡମ୍ବାରୁ ଲଢୁଥିଲେ। ବିଜୟ ଏକ ପ୍ରକାର ନିଶ୍ଚିତ ଥିଲା। କାରଣ ସେଠାରେ ବିଜେପି ପ୍ରାର୍ଥୀ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ଭୋଟ ବିଭାଜନ ହେବାର ଥିଲା। ଲଢୁଥିଲେ ମୋଟ୍ ୧୦ ପ୍ରାର୍ଥୀ ଓ ଭୋଟ ପଡ଼ିଥିଲା ୧, ୮୪, ୯୪୫। ତେବେ ସ୍ୱାଧୀନ ପ୍ରାର୍ଥୀ ବିଜୟ ଦଳ ବେହେରା ୮୬, ୧୦୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ଦେବୀ ପାଇଥିଲେ ୬୨, ୫୩୯ ଖଣ୍ଡ ଏବଂ ବିଜେପି ପ୍ରାର୍ଥୀ ସମ୍ବିତ ତ୍ରିପାଠୀ ପାଇଥିଲେ ୩୦, ୭୫୫ ଖଣ୍ଡ। ଏହି ଦୁଇ ଜଣଙ୍କ ଭୋଟ ମିଶି ବିଜୟଙ୍କ ଠାରୁ ଢେର ଅଧିକ ଥିଲା।

ରାଜ୍ୟରେ ବିଜେପିର ହାୱା ବହୁଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ଏତେ ବିପୁଳ ଭୋଟ ପାଇଲେ କିଭଳି ତାହା ସମସ୍ତଙ୍କୁ ଚକିତ କରିଥିଲା। ତେବେ ଦେବୀଙ୍କୁ ହରାଇବାପାଇଁ ଯେଉଁ ଜାଲ ବିଛାଯାଇଥିଲା ତାହା ସଫଳ ହୋଇଥିଲା। କ୍ରୀତଦାସ ଭିତିରିଆ ଷଡଯନ୍ତ୍ର କରିଥିଲେ। ଅର୍ଥ ବଳ ବି ଖଟାଯାଇଥିଲା। ଯାହା ଫଳରେ ସ୍ୱାଧୀନ ପ୍ରାର୍ଥୀ କେବଳ ବିଜୟୀ ହେଲେ ନାହିଁ ବିଜେପି ବହୁ ଭୋଟ ପଛରେ ପଡ଼ିଲା। ତେବେ କ୍ରୀତଦାସଙ୍କର ଏଭଳି ଭିତିରିଆ ଖେଳ କାହା ସ୍ୱାର୍ଥ ପାଇଁ ହୋଇଥିଲା ତାହା ଏବେ ପୁଣିଥରେ ଆଲୋଚନାର ପରିସରକୁ ଆସିଛି।

ଦେବୀ ହାରିବା ପରେ ଲୋକ ଦେଖାଣିଆ ଭାବେ ତାଙ୍କୁ ଦଳରେ ଗୁରୁତ୍ୱ ଦିଆଗଲା। ହେଲେ ଭିତରେ ଭିତରେ ଯେ ଚେର କଟାଯାଉଥିଲା ଦେବୀ ତାହା ବୁଝିପାରିଲେ ନାହିଁ। କ୍ରୀତଦାସଙ୍କ ବଳରେ ବିଜୟୀ ହୋଇଥିବା ବିଜୟ ଧିରେ ଧିରେ ତାଙ୍କରି ନିର୍ଦ୍ଦେଶରେ ଦେବୀଙ୍କୁ ସଫା କରିବାର ଲାଗିଲେ। ଦେବୀଙ୍କର ଏକାନ୍ତ ଅନୁଗତ ବଡମ୍ବର ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତିଙ୍କୁ ନେଇ ବିଜେପିରେ ମିଶାଇଥିଲେ। ରଘୁପତି କହିଲେ ବିକାଶ ପାଇଁ ମିଶିଛି। ହେଲେ ସିଏ ଭଲଭାବେ ଜାଣିଛନ୍ତି ଯେ ଖୋଦ ବିଜୟ ବିଧାୟକ ଥିବା ପର୍ଯ୍ୟନ୍ତ ବିଜେପିରେ ମିଶି ପାରିବେ ନାହିଁ। ସହଯୋଗୀ ହୋଇ ରହିବେ।

ଏବେ ରଘୁପତି ଦଳ ବଳ ସହିତ ବିଜେଡି ଛାଡି ଯିବାପରେ ଦେବୀଙ୍କର ବଡ ଧରଣର ପକ୍ଷ ଛେଦନ ହୋଇଛି। ଆଗକୁ ଆଉ କିଛି ବିଜେଡି ନେତାଙ୍କୁ ବିଜେପିରେ ସାମିଲ ପାଇଁ ଯୋଜନା ହେଉଛି। ଦେବୀ ମଧ୍ୟ କହିଛନ୍ତି ଯେ ଚାପରେ ପଡ଼ି ରଘୁପତି ଗଲେ। ହେଲେ ରଘୁପତି ଯିବା ପୂର୍ବରୁ ବିଜେଡି ଖବର ପାଇଲା ନାହିଁ ନା ଖବର ପାଇ ତାଙ୍କୁ ଅଟକାଇଲା ନାହିଁ ତାହା ବଡ ପ୍ରଶ୍ନ ହୋଇଛି।

ତେବେ ବଡମ୍ବାରେ ହେଉଥିବା ଏହି ଦେବୀ ମାରଣ ଯଜ୍ଞରେ ସନ୍ୟାସୀ ବି ସନ୍ଦେହରୁ ମୁକ୍ତ ନୁହନ୍ତି। କାରଣ ନିର୍ବାଚନବେଳେ ଯାହାସବୁ ଘଟୁଥିଲା ସବୁକିଛିର ମାଷ୍ଟର ମାଇଣ୍ଡଥିଲେ ସନ୍ୟାସୀ। ଦେବୀଙ୍କ ହରାଇବାପାଇଁ ଯେଉଁ ଚକ୍ରବ୍ୟୁହ ରଚନା ହୋଇଥିଲା ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

ନିର୍ବାଚନର ଠିକ୍ ପୂର୍ବରୁ ଦିଲ୍ଲୀ ବିଧାନସଭା ବାଚସ୍ପତି ଓ ଆମ୍ ଆଦ୍‌ମୀ ପାର୍ଟିର ବରିଷ୍ଠ ବିଧାୟକ ରାମ ନିବାସ ଗୋଏଲ ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି। ଏନେଇ ରାମ ନିବାସ ଗୋଏଲ ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲଙ୍କୁ ଏକ ଚିଠି ଲେଖି ଜଣାଇଛନ୍ତି।

ମାତ୍ର ୩ ମାସ ଭିତରେ ଭାଙ୍ଗିଗଲା ଫ୍ରାନ୍ସର ମିସେଲ ବର୍ଣ୍ଣିୟରଙ୍କ ସରକାର। ଅନାସ୍ଥା ଭୋଟ୍‌ରେ ହାରିଲେ ପ୍ରଧାନମନ୍ତ୍ରୀ ମସିଲେ। ସେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନଙ୍କ ନିକଟରେ ଇସ୍ତଫା ଦାଖଲ କରିଛନ୍ତି। ଗତ ୬୦ ବର୍ଷରେ ଏହା ଫ୍ରାନ୍ସରେ ପ୍ରଥମ ଘଟଣା।

ପଶ୍ଚିମବଙ୍ଗରୁ ମୟୂରଭଞ୍ଜକୁ ଚାଲାଣ ହେଉଥିବା ୫୫ ବସ୍ତା ମହୁଲକୁ ଜବତ କଲା ପୁଲିସ। ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ଗୋଟିଏ ଦିନ ବିଳମ୍ବ ପରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ପିଏସ୍ଏଲ୍ଭି-ସି ୫୯ ଲଞ୍ଚ୍ ଭେହିକଲରୁ ଗୁରୁବାର ଅପରାହ୍ଣ ୪.୦୪ରେ ୟୁରୋପୀୟ ସ୍ପେସ୍ ଏଜେନ୍ସିର ପ୍ରୋବା-୩ ମିଶନକୁ ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ସ୍ପେସ ସେଣ୍ଟରରୁ ଲଞ୍ଚ୍ କରାଯାଇଛି। ସୂର୍ଯ୍ୟଙ୍କ କରୋନା ଉପରେ ଗବେଷଣା ଏହି ମିଶନର ଲକ୍ଷ୍ୟ।

ସଂସଦରେ ଥମୁନି ଆଦାନୀ ଝଡ଼। ଆଦାନୀ ଲାଞ୍ଚ ମାମଲାରେ ସଂସଦ ବାହାରେ କଳା ପୋଷାକ ପିନ୍ଧି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ନେତୃତ୍ୱରେ ପ୍ରତିବାଦ।

## ବେଲଗାମ୍ ଆଳୁ ଦର, ଖାଉଟି ହନ୍ତସନ୍ତ



କେନ୍ଦ୍ରାପଡ଼ା, ୫।୧୨ (ସଂଚାର ବ୍ୟୁରୋ) : କେନ୍ଦ୍ରାପଡ଼ା ଜିଲ୍ଲା ବିଭିନ୍ନ ବ୍ଲକ୍ ଅଞ୍ଚଳରେ ବେଲଗାମ୍ ହୋଇଛି ଆଳୁ ଦର। କେନ୍ଦ୍ରାପଡ଼ା, ଆଳି, ରାଜନଗର, ପଟ୍ଟାମୁଣ୍ଡାଇ, ମାର୍ଶାଘାଇ, ଗରଦପୁର, ପାଟକୁରା, ଡେରାବିଶି ଆଦି ଛକବଜାରରେ ଆଳୁ କିଲୋପିଛି ୫ଠରୁ ୬ଠଟଙ୍କାରେ ବିକ୍ରି ହେଉଛି।

ସବୁବର୍ଗ ଲୋକଙ୍କର ପ୍ରିୟ ଓ ମୁଖ୍ୟ ପରିବା ହେଉଛି ଆଳୁ। ଆଳୁ ଦର ଏବେ ଆକାଶଛୁଆଁ ହୋଇଯାଇଥିବାରୁ ଗରିବ ଓ ଶ୍ରମିକମାନେ ଆବଶ୍ୟକ ପରିମାଣର ଆଳୁ କିଣିବାକୁ ସକ୍ଷମ ହେଉନାହାନ୍ତି। ଏପଟେ ତେଲ ଓ ମସଲାଜାତୀୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ଯୋଗୁଁ ପରିବାର ଚଳାଇବା କଷ୍ଟକର ହେଉଛି। ଉତ୍ତରପ୍ରଦେଶ ଓ ପଶ୍ଚିମ ବଙ୍ଗରୁ ଆଳୁ ଆସିଲେ ଦର ନିୟନ୍ତ୍ରଣକୁ ଆସିପାରିବ ବୋଲି ବ୍ୟବସାୟୀମାନେ ମତ ଦେଉଛନ୍ତି। କିଛିଦିନ ଆଳୁ ପଶ୍ଚିମବଙ୍ଗରୁ ଆମଦାନୀ ବନ୍ଦ ରହିଥିବାରୁ ଆଳୁର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇଥିବା କୁହାଯାଉଛି। ଖୁଚୁରା ବଜାରରେ ଆଳୁ କିଲୋ ୪୫ ଟଙ୍କାରେ ବିକ୍ରି କରିବାକୁ ସରକାର କହୁଥିବା ବେଳେ ବଜାରରେ କିନ୍ତୁ ୫ଠରୁ ୬ଠଟଙ୍କାରେ ବିକ୍ରି ହେଉଛି। ଆଳୁର ଏଭଳି ଅଭାବ ସମୟରେ କେତେକ ଅସାଧୁ ବ୍ୟବସାୟୀ ପୂର୍ବ ଗଚ୍ଛିତ ଆଳୁକୁ ଚଢ଼ା ଦରରେ ବିକ୍ରି କରି ମାଲାମାଲ ହେଉଛନ୍ତି। ଯୋଗାଣ ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

### ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି ଅତ୍ୟାଚାର ଘଟଣାର ପ୍ରତିବାଦ

# ଏକାଠି ହେଲେ ବିଭିନ୍ନ ହିନ୍ଦୁ ସୁରକ୍ଷା ମଞ୍ଚ

କେନ୍ଦ୍ରାପଡ଼ା, ୫।୧୨ (ସଂଚାର ବ୍ୟୁରୋ) : ବାଂଲାଦେଶରେ ହିନ୍ଦୁ ମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ ଗୁରୁବାର ଦିନ ଏକାଠି ହୋଇଛନ୍ତି ବିଭିନ୍ନ ହିନ୍ଦୁ ସୁରକ୍ଷା ସଂଗଠନ ଏବଂ ସାଧୁ ସନ୍ଥ। କେନ୍ଦ୍ରାପଡ଼ା ତିନିମୁହାଣୀ ସ୍ଥିତ ରାମ ମନ୍ଦିର ପ୍ରାଙ୍ଗଣରୁ ବ୍ରହ୍ମଚାରୀ ବିଶ୍ୱଚୈତନ୍ୟ ମହାରାଜଙ୍କ ଅଧ୍ୟକ୍ଷତାରେ ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ହିନ୍ଦୁ ମାନଙ୍କ ସୁରକ୍ଷା ଯୋଗାଇ ଦେବା ନିମନ୍ତେ ଏକ ବିଶାଳ ସମାବେଶ ଏବଂ ରାଲିର ଆୟୋଜନ କରା ଯାଇଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣ୍ଟିଆ ମଠାଧୀଶ ବିଶ୍ୱର ଶଙ୍କର ଦାସ ମହାରାଜ, ଇସ୍କନ ମଠର ମଠାଧୀଶ ବାବାଜୀ ହରେକୃଷ୍ଣ ଦାସଙ୍କ ସମେତ ସ୍ୱାମୀ ବିଶ୍ୱ ସ୍ୱରୂପା ଗିରୀ ମହାରାଜ, କଳାବୁଦା ଆଶ୍ରମର ସାଧୁ ବାବା ଗୁଣ୍ଡୁଚୀ ଦାସ ମହାରାଜ, ଛେଦରା ମଠର ମଠାଧୀଶ ଯଶବନ୍ତ ଦାସ ଏବଂ ରାଜ ନଗରର ମହିମା ଅଲେଖ ଦାସ ମହାରାଜ ପ୍ରମୁଖ ଯୋଗଦେଇ ବାଂଲାଦେଶରେ ହିନ୍ଦୁ ଲୋକ ମାନଙ୍କ ପ୍ରତି କରାଯାଉଥିବା ଅନ୍ୟାୟ, ଅତ୍ୟାଚାର ଏବଂ ବିଶେଷ କରି ହିନ୍ଦୁ ମହିଳା ମାନଙ୍କ ପ୍ରତି ଅତି ଅମାନବୀୟ ଅତ୍ୟାଚାର କରାଯିବା, ହିନ୍ଦୁ ଧର୍ମାବଲମ୍ବୀ ମଠ ମନ୍ଦିର ଗୁଡିକୁ ଭଙ୍ଗାରୁଜା ବା ନଷ୍ଟ ଭ୍ରଷ୍ଟ କରିବା ସଙ୍ଗେ ସଙ୍ଗେ ବାଂଲାଦେଶରୁ ଚାଲିଆସି ଭାରତର ବିଭିନ୍ନ କୋଣ ଅନୁକୋଣରେ ଲୁଚିଛପି ରହି ଆତଙ୍କବାଦୀ କାର୍ଯ୍ୟ କଳାପରେ ଲିପ୍ତ ରହି ହିନ୍ଦୁ ଲୋକ ମାନଙ୍କୁ ବାରମ୍ବାର ଆକ୍ରମଣ କରି ଭାରତରେ ଦଙ୍ଗା ପରିସ୍ଥିତି ଓ ହିଂସାକାଣ୍ଡ ଭଳି ଅତି ଦୟନୀୟ ପରିସ୍ଥିତି ସୃଷ୍ଟି କରିବା ଭଳି ବିଭିନ୍ନ ଆତଙ୍କୀ କାର୍ଯ୍ୟକଳାପମାନ କରୁଥିବା ପ୍ରତିବାଦରେ ହିନ୍ଦୁ ମଠ ମନ୍ଦିରକୁ ତୁରନ୍ତ ସୁରକ୍ଷା ଦେବା, ହିନ୍ଦୁତ୍ୱକୁ ବଜାୟ ରଖିବା ଓ ବିଭିନ୍ନ ହିନ୍ଦୁ ସଂଗଠନ ଗୁଡ଼ିକୁ ସୁଦୃଢ଼ କରି ହିନ୍ଦୁ ରାଷ୍ଟ୍ରବାଦୀ ଦେଶମାନଙ୍କ ହାତକୁ ଟାଣି କରିବା ନିମନ୍ତେ ଏକ ବିଶାଳ ସମାବେଶର ଆୟୋଜନ କରାଯାଇଥିଲା।

ହିନ୍ଦୁ ମାନଙ୍କୁ ତୁରନ୍ତ ସୁରକ୍ଷା ଓ ନ୍ୟାୟ ଯୋଗାଇ ଦେବା ନିମନ୍ତେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପ ଜିଲ୍ଲାପାଳଙ୍କ ଜରିଆରେ ଏକକିତା ଦାବିପତ୍ର ମଧ୍ୟ ପ୍ରଦାନ କରାଯିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ କ୍ରୁର ଓ ନିଷ୍ଠୁର ବାଂଗଲାଦେଶୀ ମାନଙ୍କ ବିରୋଧରେ ବିଭିନ୍ନ ନାରା ଦିଆ ଯାଇଥିଲା।

ଏହି କାର୍ଯ୍ୟକ୍ରମ ନେତୃତ୍ୱ ତେଜେଶ୍ୱର ପରିଡ଼ା, କୃଷ୍ଣ ପଣ୍ଡା, ବିବେକାନନ୍ଦ ମହାରଣା, ଶଶାଙ୍କ ଶେଖର ଜେନା, ମାଧବ ଚନ୍ଦ୍ର ପ୍ରଧାନ, ବିରେନ୍ଦ୍ର ସାମଲ, ସଂଜୟ ପତ୍ରି, ଉମେଶ ଦାସ, ବିନୋଦ ଦାସ, ରାଜକିଶୋର ନାୟକ, କରୁଣାକର ସାହୁ, ପ୍ରଫୁଲ୍ଲ ଦାସ, ନାରାୟଣ ସୁଆର, ସୁନାକର ବେହେରା, ଲୋକନାଥ ଦାସ, ଗୀତାଞ୍ଜଳୀ ସେଠୀ, ପ୍ରଦୀପ ନାୟକ, ପ୍ରଭାତ ରଂଜନ ଦାସ, ଯସପାଲ୍ ସୁତାର, ସୁକାନ୍ତ ସାହୁ ପ୍ରମୁଖ ନେଇଥିଲେ।




ତିନିମୁହାଣିରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଶୁଭିଲା ଜୟ ଶ୍ରୀରାମ ନାରା

# ଅନ୍ୟ ପୁରୁଷଙ୍କ ସହ ପ୍ରେମିକାଙ୍କୁ ଦେଖି ଆତ୍ମହତ୍ୟା କଲେ ଯୁବକ

କେନ୍ଦ୍ରାପଡ଼ା, ୫।୧୨ (ସଂଚାର ବ୍ୟୁରୋ) : ଅନ୍ୟ ପୁରୁଷ ବନ୍ଧୁଙ୍କ ସହ ପ୍ରେମିକାକୁ ଦେଖି ଜଣେ ଯୁବକ ଶେଷରେ କୀଟନାଶକ ପିଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତି



ନେଇ ମୃତ୍ୟୁ ବରଣ କରିଥିବା ଦେଖିବାକୁ ମିଳିଛି। ସହ ପାଠୀ ପ୍ରେମିକା ଦିର୍ଘ ୬ବର୍ଷରୁ ଉର୍ଦ୍ଧ ସମୟ ସମ୍ପର୍କରେ ରହିବା ପରେ ମଧ୍ୟ ଅନ୍ୟ ପୁରୁଷ ବନ୍ଧୁକୁ ସାଙ୍ଗରେ ଧରି ବୁଲିବା ଯୋଗୁଁ ପୁଅ ଶେଷରେ ଆତ୍ମହତ୍ୟା କରିଥିବା ମୃତ ଯୁବକର ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ର ସୌମ୍ୟ ରଞ୍ଜନ ମଲ୍ଲିକ (କାଳିଆ) ଗତ ମାସ ୨୯ ତାରିଖି ସନ୍ଧ୍ୟା ପ୍ରାୟ ୬ଘଟିକା ସମୟରେ ଦୁହୁରିଆ ନିକଟସ୍ଥ ପାଣ୍ଡିରୀ ଗ୍ରାମ ଅନ୍ତର୍ଗତ ପାଟସାମୁଳାଇ ପୀଠର ନିର୍ଜନ ସ୍ଥାନରେ ହଠାତ୍ ବିଷ ପିଇ ଅଚେତ ହୋଇପଡ଼ିଥିବା ଖବର ପାଇ ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ପରିବାର ସଦସ୍ୟ ସେହି ସ୍ଥାନରେ ପହଞ୍ଚି ସୌମ୍ୟଙ୍କୁ ଉଦ୍ଧାର କରିଥିଲେ। ପ୍ରଥମେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। କିଛି ସମୟ ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ଡାକ୍ତର ସ୍ଥାନାନ୍ତର କରିଥିଲେ। ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନଆସିବାରୁ ପରବର୍ତ୍ତୀ ସମୟରେ ଅଶ୍ୱିନୀ ହସ୍ପିଟାଲ୍ ଓ ପରେ ଘରୋଇ ହାଇଟେକ୍ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଦୁଇ ଦିନ ବହୁ ଚେଷ୍ଟା ପରେ ବିଷାକ୍ତ ଔଷଧର କୌଣସି ନିରାକରଣ ନଥିବା ଯୋଗୁଁ ଗତ ୨ ତାରିଖ ସକାଳ ୫ ଘଟିକା ସମୟରେ ଚିକିତ୍ସା କରୁଥିବା ଡାକ୍ତର ଆତ୍ମ ହତ୍ୟା ପାଇଁ ଉଦ୍ୟମ କରିଥିବା ଛାତ୍ର ସୌମ୍ୟ ରଞ୍ଜନ ମଲ୍ଲିକଙ୍କୁ ମୃତ ଘୋଷଣା କରିଥିଲେ। ଏହା ପରେ ସବ ବ୍ୟବଚ୍ଛେଦ ହୋଇ କେନ୍ଦ୍ରାପଡା ମହାବିଦ୍ୟାଳୟରେ ମୃତ ଶରୀର ପହଞ୍ଚିଥିଲା। ସୌମ୍ୟଙ୍କ ସହିତ ପଢୁଥିବା ସହପାଠୀ ଓ ଅଧ୍ୟାପକ ମାନେ ଶ୍ରଦ୍ଧାଞ୍ଜଳି ଦେବା ପରେ ମୃତ ଶରୀରକୁ ଅନ୍ତିମ ସଂସ୍କାର ପାଇଁ ନିଜ ଗ୍ରାମ ଗାଙ୍ଗପଡ଼ା ପଞ୍ଚାୟତ ଅନ୍ତର୍ଗତ ଦୋବନ୍ଦା ଗ୍ରାମକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା।

## ବଡ଼ ଦାଣ୍ଡରେ ଉଠା ଦୋକାନୀଙ୍କ ଧାରଣା

ପୁରୀ, ୫।୧୨ (ସଂଚାର ବ୍ୟୁରୋ): ବଡ଼ଦାଣ୍ଡରେ ଚାଲୁରହିଛି ଗରୀବ ଉଠା ଦୋକାନୀ ମାନଙ୍କର ଦିବାରାତ୍ର ଧାରଣା ଅନଶନ। ୪୨ ଦିନ ହୋଇଗଲା ନିରନ୍ତର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ରାଷ୍ଟ୍ରପତିଙ୍କର ଗସ୍ତ ଯୋଗୁଁ ଓ ପୁଲିସ ପ୍ରଶାସନର ଅନୁରୋଧ ରକ୍ଷାକରି ଧାରଣାରତ ଉଠା ଦୋକାନୀ ମରିଚି ଠାକୁରାଣୀଙ୍କ ମନ୍ଦିରକୁ ଉଠିଯାଇ ଧାରଣା ଜାରି ରଖିଛନ୍ତି। ଆଜି ସକାଳ ଠାରୁ ନିଜ ଜୀବନ ଜିବିକା ପାଇଁ ପୁଣି ଫେରିଛନ୍ତି ବଡ଼ଦାଣ୍ଡକୁ। ଆର୍ଥିକ ସାହାଯ୍ୟ ବନ୍ଦ କରାଯିବା ସହ ନିର୍ଦ୍ଧାରିତ ସ୍ଥାନରେ ଥଇଥାନ




କରିବାରେ ଦୁଇମାସ କହି ବାରମାସ ପରେ ମଧ୍ୟ ପ୍ରଶାସନ ସମ୍ପୁର୍ଣ୍ଣ ବିଫଳ ହୋଇଥିବାରୁ ଦୀର୍ଘ ଦିନ ଧରି ଉଚ୍ଛେଦ ହୋଇଥିବା ଉଠା ଦୋକାନୀ ବଡ଼ଦାଣ୍ଡରେ ଶୀତ ବର୍ଷାରେ ଖୋଲା ଆକାଶ ତଳେ ଧାରଣାରେ ବସିରହିଛନ୍ତି। ପ୍ରଶାସନ ସମାଧାନ ପରିବର୍ତ୍ତେ ମିଛ ପ୍ରଲୋଭନ ଦେଖାଇ ଏମାନଙ୍କର ଏକତା ଭାଙ୍ଗିବାରେ ଲାଗିପଡିଥିବାରୁ ସମସ୍ତେ ହତାଦର ହେବା ସହ ଆଜି ନିର୍ଧାରିତ ସ୍ଥାନରେ ଜଣେ ଗରୀବ ଉଠା ଦୋକାନୀଙ୍କର ହତ୍ୟା ହୋଇଥିବାରୁ ଆମର କି ସୁରକ୍ଷା ଅଛି ବୋଲି ପ୍ରଶାସକକୁ ପ୍ରଶ୍ନ କରିଛନ୍ତି। ଆଜିର ଦିନକୁ ସେମାନେ କଳାଦିବସ ଭାବେ ପାଳନ କରିଛନ୍ତି।

# ହିନ୍ଦୁ ବିରୋଧି ହିଂସା ପ୍ରତିବାଦରେ ଶୋଭାଯାତ୍ରା

ଜଗତସିଂହପୁର, ୫।୧୨ (ସଂଚାର ବ୍ୟୁରୋ) : ଜଗତସିଂହପୁର ଜିଲ୍ଲା ହିନ୍ଦୁ ସୁରକ୍ଷା ମଞ୍ଚ ତରଫରୁ ପଡୋଶୀ ବାଂଲାଦେଶରେ ସଂଖ୍ୟାଲଘୁମାନେ ହିନ୍ଦୁମାନଙ୍କ ଉପରେ ହିଂସା, ଅତ୍ୟାଚାରକୁ ବିରୋଧକରି ଜଗତସିଂହପୁର ଜିଲ୍ଲାପାଳଙ୍କ ପଡିଆରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ହିନ୍ଦୁ ସୁରକ୍ଷା ମଞ୍ଚର ସଂଯୋଜକ ରାମ ପଙ୍କଜ ଦାସଙ୍କ ସଂଯୋଜନାରେ ସ୍ଥାନୀୟ କଲେଜ ଛକଠାରୁ ଏକ ଶୋଭାଯାତ୍ରା ଶତାଧିକ ହିନ୍ଦୁ ସୁରକ୍ଷା ମଞ୍ଚର କାର୍ଯ୍ୟକର୍ତ୍ତା ସହର ପରିକ୍ରମା କରି ଜିଲ୍ଲାପାଳଙ୍କ ପଡିଆଠାରେ ପହଂଚି ଏକ ପ୍ରତିବାଦ ସଭା ଆୟୋଜନ କରିଥିଲେ।




ଉକ୍ତ ପ୍ରତିବାଦ ସଭାର ଜିଲ୍ଲାର ପ୍ରମୁଖ ସନ୍ଥ ବାବା ଦିବାକର ଦାସ, ସ୍ମୃତି ସାଗର ମହାରାଜ, ମନୋଜ ଦାସ, ବାବା ବଂଶୀଧର ଦାସ, ଅଧିକାରୀ ପ୍ରସନ୍ନ ନନ୍ଦ ଦାସ, ଦୟାନିଧି ଦାସ, ପ୍ରଫୁଲ୍ଲ କୁମାର ସାହୁ ପ୍ରଭୃତି ଉପସ୍ଥିତ ରହି ବାଂଲାଦେଶରେ ହିନ୍ଦୁ ମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର, ହତ୍ୟା, ସାଧୁସନ୍ଥମାନଙ୍କ ଗିରଫଦାରୀ, ହିନ୍ଦୁ ମନ୍ଦିର ମାନଙ୍କ ଭଙ୍ଗାରୁଜା, ଘୋର ବିରୋଧ କରି କଟୁ ସମାଲୋଚନା କରିଥିଲେ। ତତସହିତ ଇସ୍କନର ବାଙ୍ଗଲା ପ୍ରମୁଖ ସ୍ୱାମୀ ଚିନ୍ମୟ କୃଷ୍ଣ ପ୍ରଭୁଙ୍କୁ ଦୋଷମୁକ୍ତ କରି ଜେଲରୁ ମୁକୁଳାଇବା, ହିନ୍ଦୁମାନଙ୍କ ଉପରେ ହିଂସାତ୍ମକ ଆକ୍ରମଣ ଓ ଷଡ଼ଯନ୍ତ୍ର କାରୀଙ୍କ ବିରୁଦ୍ଧରେ ନିରପେକ୍ଷ ତଦନ୍ତ ଓ ଉପଯୁକ୍ତ ଦଣ୍ଡବିଧାନ। ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ମାନଙ୍କ ସାମ୍ବିଧାନିକ ଅଧିକାର, ସୁରକ୍ଷା ଏବଂ ସାମାଜିକ ପ୍ରତିଷ୍ଠା, ସମାନତା ରକ୍ଷା କରିବାକୁ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଶେଷରେ ସୁନାକାର ବେହେରା ଜିଲ୍ଲାର ସମସ୍ତ ସାଧୁ ସନ୍ଥ, ମଠ, ମହନ୍ତ ଏବଂ ହିନ୍ଦୁ ସୁରକ୍ଷା ମଞ୍ଚର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିଥିବାରୁ କୃତଜ୍ଞତା ଜଣାଇଥିଲେ।

# କୋରୋରେ ସଂଗୀତ ଓ ନୃତ୍ୟ ମହୋତ୍ସବ

କେନ୍ଦ୍ରାପଡ଼ା, ୫।୧୨ (ସଂଚାର ବ୍ୟୁରୋ) : କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ କୋରୋ ଠାରେ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସତୀର୍ଥର ଦଶମ ବାର୍ଷିକ ଉତ୍ସବ ଉପଲକ୍ଷେ ସତୀର୍ଥ ଏବଂ ରେଡିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ସଂଗୀତ ଓ ନୃତ୍ୟ ମହୋତ୍ସବ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ



ସୌଜନ୍ୟରୁ ବାରୋ ସ୍ଥିତ ଅଗ୍ରଣୀ ସାସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଏବଂ ମହ୍ଲାର ଅକେଷ୍ଟ୍ରାର ପ୍ରତିଷ୍ଠିତ କଳାକାର ବିମଳ ପ୍ରସାଦ ପରିଡା, ନିରୁପମା ଜେନା, ଉପେନ୍ଦ୍ର କୁମାର ପାଢ଼ୀ, ରଂଜନ ବରାଳ, ଅଜୟ ଜେନା, କୈଳାସ ପରିଡା, ଅମର ବିଶ୍ୱାଳ, ସ୍ମୃତିରେଖା ବିଶ୍ୱାଳ, ରାଜଲକ୍ଷ୍ମୀ ପରିଡା ପ୍ରମୁଖ ଶିଳ୍ପୀମାନେ ଭଜନ ଏବଂ ଅକ୍ଷୟ ମହାନ୍ତିଙ୍କ ସୁଗମ ସଂଗୀତ ଏବଂ ଚଳଚ୍ଚିତ୍ର ସଂଗୀତ ପରିବେଷଣ କରିଥିଲେ। ବରଗଡରୁ ଆସିଥିବା ବୋଧନ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀମାନେ ଢୋଲ୍, ତାସ୍, ନିଶାନ୍ ଏବଂ ମହୁରୀ ବାଦ୍ୟର ତାଳେ ତାଳେ ତରଣୀ ଛତର୍ ଏବଂ ସବିତା ଛତର୍ଙ୍କ ନେତୃତ୍ୟରେ ଆକର୍ଷଣୀୟ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କ ମନ କିଣି ନେଇଥିଲେ। ପୁରୀରୁ ଆସିଥିବା ନାଚ ଘରର କଳାକାରମାନେ ଗୁରୁ କୁମାର ଭୀମସେନ୍ଙ୍କ ନିର୍ଦ୍ଦେଶନାରେ ଶାସ୍ତ୍ରୀୟ ଓଡିଶୀ ନୃତ୍ୟ ପରିବେଷଣ କରି ଏକ ଭକ୍ତିଭାବ ପୂର୍ଣ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ।

ସତୀର୍ଥ ସଭାପତି କବି ଅମର ପ୍ରସାଦ ରାଉତ୍ କଳାକାରମାନଙ୍କୁ ମଂଚରେ ସ୍ୱାଗତ କରିଥିଲେ। ଭାବଗ୍ରାହୀ କଳା ନିକେତନ ତଥା ରେଡିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଂଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡା ସାସ୍କୃତିକ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ସମସ୍ତ ଦଳର ମୁଖ୍ୟମାନଙ୍କୁ ସତୀର୍ଥ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋରୋ, ତନାର, ପାଳକଣା, ଗଇଦୁଆ, ପିଙ୍ଗଳ,ଉପେଇପୁର, ମିର୍ଜାପୁର, ଶ୍ରୀବନ୍ତପୁର ଆଦି ଗ୍ରାମର ଶତାଧିକ ଦର୍ଶକ ଓ ଦର୍ଶିକାମାନେ କାର୍ଯ୍ୟକ୍ରକୁ ଆଗ୍ରହର ସହିତ ଉପଭୋଗ କରିଥିଲେ। ଶେଷରେ ସତୀର୍ଥର ସଂପାଦକ କବି ମନ୍ମଥନାଥ ବରାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଆଇନ ଖଣି ଖାଦାନ ବିରୋଧକୁ ନେଇ ଆକ୍ରମଣ

ଖୋର୍ଦ୍ଧା, ୫।୧୨ (ସଂଚାର ବ୍ୟୁରୋ) : ଖୋର୍ଦ୍ଧା ଜିଲ୍ଲାରେ ଅଳ୍ପ କେତେକ ଲିଜ ଖଣି ଥିବାବେଳେ ଅନେକ ସ୍ଥାନରେ ସରକାରୀ କାଜୁ ଜଙ୍ଗଲ ଏବଂ ଜଗନ୍ନାଥଙ୍କ ଜମିରୁ ବେଆଇନ ଭାବରେ ଖଣି ମାଫିଆ ମାନେ ରାତି ସାରା ବଡ଼ ବଡ଼ ହାଇୱା ଗାଡ଼ିରେ ମୋହରମ ଏବଂ ଟ୍ରକ ଓ ଟ୍ରାକ୍ଟର ମାଧ୍ୟମରେ ପଥର ଚାଲାଣ କରୁଛନ୍ତି। ଖୋର୍ଦ୍ଧାରେ ଖଣି ବିଭାଗର କାର୍ଯ୍ୟାଳୟ ଥିଲେ ମଧ୍ୟ ଏହା ଖଣି ଖାଦାନକୁ ଠିକ ଭାବରେ ସୁରକ୍ଷା ଦେଇପାରୁନଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ପ୍ରତ୍ୟେକ ଦିନ ରାତି ୧୨ଟା ପରେ ସହରର ମୁଖ୍ୟ ରାସ୍ତାରେ ଦ୍ରୁତ ଗତିରେ ଶହ ଶହ ଗାଡ଼ିରେ ଖଣିଜ ସମ୍ପଦ ଚୋରା ଚାଲାଣ ହେଉଥିବା ବେଳେ ପ୍ରଶାସନ ଦେଖି ନଦେଖିଲା ପରି ଲାଗୁଛି। ବେଆଇନ ଖଣି ଖାଦାନକୁ କିଛି ସରକାରୀ କର୍ମଚାରୀ ପରୋକ୍ଷ ସହଯୋଗ କରୁଥିବା ଅଭିଯୋଗ ହେଉଛି।

କିଛି ଦିନ ତଳେ ଖୋର୍ଦ୍ଧା ଥାନାର ଜଣେ କର୍ମଚାରୀ ଜଣେ ଲିଜ ଖଣି ମାଲିକଙ୍କୁ ଅର୍ଥ ଦାବି କରୁଥିବା ନେଇ ଅଭିଯୋଗ ପରେ ଆରକ୍ଷୀ ଅଧିକ୍ଷକା ତାଙ୍କୁ ତୁରନ୍ତ ନିଲମ୍ବିତ କରିଥିଲେ। ଆଜି ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ କୁମାର ବସ୍ତ ଗ୍ରାମରେ ବେଆଇନ ଖଣି ଖାଦାନ ବିରୋଧ କୁ ନେଇ ଗ୍ରାମ ସଭାପତିଙ୍କୁ ଆକ୍ରମଣ ହୋଇଛି। ଗ୍ରାମର କିଛି ଅସାମାଜିକ ଯୁବକ ସରକାରୀ ଜଙ୍ଗଲ ଜମିକୁ ମାଙ୍କଡ଼ା ପଥର ଖଣି କରି ମୋହରମ ଚୋରି କରି ବିକ୍ରି କରୁଥିବା ଖବର ପାଇ ଗ୍ରାମ ସଭାପତି ଗ୍ରାମର କିଛି ମେମ୍ବର ମାନଙ୍କୁ ନେଇ ବେଆଇନ ଖଣି ବନ୍ଦ କରାଇଥିଲେ। ଏହାକୁ ନେଇ ଆଜି ଆଠ ଦଶ ଜଣ ପଥର ମାଫିଆ ତାଙ୍କୁ ଗାଳିଗୁଲଜ ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗ୍ରାମରେ ଚାପା ଉତେଜନା ଲାଗିରହିଛି।

### ବ୍ୟକ୍ତିଗତ ଆଇଡିରେ ରେଲୱେ ଟିକେଟ ବୁକିଂ ମହଙ୍ଗା ପଡ଼ିଲା

# ଲ୍ୟାପଟପ୍ ସିଜ୍ କରି ଯୁବକଙ୍କୁ ଉଠାଇ ନେଲା ରେଲୱେ ପ୍ରୋଟେକ୍ସନ ଫୋର୍ସ

ରାଜନଗର, ୫।୧୨ (ସଂଚାର ବ୍ୟୁରୋ) : ରେଲୱେ ଟିକେଟ ବିକ୍ରି କରିବାକୁ ରେଳବାଇ ପକ୍ଷରୁ ଆଇଡି ପାସୱାର୍ଡ ଦିଆଯାଇଛି। ମାତ୍ର ଟ୍ୟାକ୍ସ ଫାଙ୍କିବା ପାଇଁ ରେଳବାଇ ଆଇଡି ପାସୱାର୍ଡ ପରିବର୍ତ୍ତେ ବ୍ୟକ୍ତିଗତ ଆଇଡିରେ ଟିକେଟ ବୁକିଂ କରିବା ସହିତ ବିକ୍ରି କରୁଥିଲେ। ଆଜି ରେଲୱେ ପ୍ରୋଟେକ୍ସନ ଫୋର୍ସ ରାଜନଗରରେ ପହଁଚି ଯୁବକଙ୍କ ଲ୍ୟାପଟପ ଜବତ କରିବା ସହିତ ତାଙ୍କୁ ଉଠାଇ ନେଇଛି। ସୂଚନା ମୁତାବକ ରାଜନଗର ଗାଁର ତ୍ରିନାଥ ସେଠୀ ଆଇସିଆଇସିଆଇ ବ୍ୟାଙ୍କ ଛକରେ ଏକ ଦୋକାନ ଖୋଲିବା ସହ ରେଲୱେ ଟିକେଟ ବୁକିଂ କରି ବିକ୍ରି କରୁଥିଲେ। ତାଙ୍କୁ ରେଳବାଇ ପକ୍ଷରୁ ଟିକେଟ ବିକ୍ରି କରିବା ପାଇଁ ବ୍ୟବସାୟିକ ଆଇଡି ଓ ପାସୱାର୍ଡ ଦିଆଯାଇଥିଲା। ମାତ୍ର ଏହି ବ୍ୟବସାୟିକ ଆଇଡି ପାସୱାର୍ଡ ରେ ଟିକେଟ ବୁକିଂ କଲେ, ଟ୍ୟାକ୍ସ ପଡୁଥିବାରୁ ଯୁବକ ଜଣଙ୍କ ନିଜର ବ୍ୟକ୍ତିଗତ ଆଇଡି ପାସୱାର୍ଡ ଖୋଲି ରେଲୱେ ଟିକେଟ ବୁକିଂ କରିବା ସହ ବିକ୍ରି କରୁଥିଲେ। ଆଜି କେନ୍ଦ୍ରାପଡ଼ା ରେଲୱେ ପ୍ରୋଟେକ୍ସନ ଫୋର୍ସ ତାଙ୍କ ଦୋକାନ ନିକଟରେ ପହଁଚି ତାଙ୍କ ଲ୍ୟାପଟପକୁ ତନଖି କରିବା ପରେ ଏହା ସ୍ପଷ୍ଟ ହୋଇଥିଲା। ତାଙ୍କ ଲ୍ୟାପଟପକୁ ଜବତ କରିବା ସହିତ ତ୍ରିନାଥଙ୍କୁ ରେଲୱେ ପ୍ରୋଟେକ୍ସନ ଫୋର୍ସ ଉଠାଇ ନେଇଥିବା ଜଣାପଡ଼ିଛି।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ଏଡସ୍ ଦିବସ ଓ ସଚେତନତା ସଭା

କେନ୍ଦ୍ରାପଡା, ୫।୧୨ (ସଂଚାର ବ୍ୟୁରୋ) : କେନ୍ଦ୍ରାପଡାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାରତ ଟି.ଆଇ ପ୍ରକଳ୍ପ ତରଫରୁ ବିଶ୍ୱ ଏଡସ୍ ଦିବସ ଉପଲକ୍ଷେ ବିଭିନ୍ନ ସ୍ଥାନରେ ସଚେତନତା ସଭା ଭାରତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ଉଦୟନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଟି.ଆଇ ପ୍ରକଳ୍ପର ନିର୍ଦ୍ଦେଶିକା ରୋଜାଲିନ୍ ଦାଶଙ୍କ ତତ୍ୱବଧାନରେ ପଟ୍ଟାମୁଣ୍ଡାଇ, ଆଳି ପ୍ରଭୃତି ବ୍ଲକ ଗୁଡିକରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏଥିସହିତ ବିଭିନ୍ନ ସ୍ଥାନରେ ସଚେତନତା ସଭା ଓ ମହିଳାମାନଙ୍କୁ ନେଇ ଝୋଟି, ରଙ୍ଗୋଲି, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା।

ଏହି ପ୍ରତିଯୋଗୀତାରେ ଉତ୍ତୀର୍ଣ୍ଣ ହୋଇଥିବା ମହିଳାମାନଙ୍କୁ ଭାରତ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରାମର୍ଶ ଦାତ୍ରୀ ନଳିନୀପ୍ରଭା ନାୟକ, ଓଆର୍ଡବ୍ଲ୍ୟୁ ମିନଲତା ନାୟକ, କଳ୍ପନା ମଲ୍ଲିକ, ପି.ଇ ନିର୍ମା ମଣ୍ଡଳ, ପରୱିନ୍ ବିବିଙ୍କ ସହ ଆଳି ଓ ପଟ୍ଟାମୁଣ୍ଡାଇ ଅଂଚଳର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ। ସଭାଶେଷରେ ବଜ୍ରକିଶୋର ଜେନା, କିରଣ କୁମାର ପାତ୍ର, ରଘୁପତି ରାଉତରାୟ ପ୍ରମୁଖ ସଭା ଓ ଶୋଭାଯାତ୍ରା ସହଯୋଗ କରିଥିଲେ।

# ବିଶ୍ୱ ଭିନ୍ନକ୍ଷମ ଦିବସ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୫।୧୨ (ସଂଚାର ବ୍ୟୁରୋ) : ଅନ୍ତର୍ନିବେଶୀ ଶିକ୍ଷା କେନ୍ଦ୍ରର ଆୟୋଜିତ ବିଶ୍ୱ ଭିନ୍ନକ୍ଷମ ଦିବସ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ କଷଣଅଣ୍ଟା ହାଇସ୍କୁଲ ଠାରେ ମହାସମାରୋହ ରେ ପାଳିତ ହୋଇଯାଇଅଛି। ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସି ଆର ସି ସି ମଳୟ ଜେନାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ କବି ସଚ୍ଚିତ୍ର କୁମାର ବେହୁରା ମୁଖ୍ୟବକ୍ତା ଓ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ କଥାକାର ପ୍ରଦୀପ ନାୟକ, ବି ଆର ସି ସି ଚନ୍ଦ୍ରଶେଖର ତ୍ରିପାଠୀ,ଏ ବି ଇ ଓ ସୁନିତୀ ଦାଶ ଓ ପ୍ରେମବାଳା




ମହାପାତ୍ର, ଶିକ୍ଷାବିତ ସୁରେଶ ଜେନା ଅଶୋକ ପରିଡା, ରଞ୍ଜିତ ନାୟକ, ଜୁଲାଦିନ୍ ସେଠୀ, ବ୍ରଜକିଶୋର ଦାଶ ଯୋଗ ଦେଇ ଭିନ୍ନକ୍ଷମ ଦିବସର ତାତ୍ପର୍ଯ୍ୟ ଓ ଭିନ୍ନକ୍ଷମ ମାନଙ୍କ ପାଇଁ ସରକାରୀ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସି ଆର ସି ସି ରଞ୍ଜନ କୁମାର ସାହୁ ସ୍ୱାଗତଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ। ଏଇ ଅବସରରେ ଆୟୋଜିତ ସଚେତନତା ରାଲିରେ ସମଗ୍ର ବ୍ଲକରୁ ଆସିଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ଭାଗନେଇ ସଙ୍ଗୀତ, ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏଥି ସହିତ ଚିତ୍ରାଙ୍କନ, କୌତୁକ ଚେୟାର,ସଙ୍ଗୀତ,ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ପ୍ରଦୀପ କୁମାର ତରାଇ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାସ୍ତରୀୟ ପୁରୁଷ ବନ୍ଧ୍ୟାକରଣ ପକ୍ଷର ଉଦଘାଟନୀ ଉତ୍ସବ

ରାଜକନିକା, ୫।୧୨ (ସଂଚାର ବ୍ୟୁରୋ) : ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସଭାଗୃହରେ ବୁଧବାର ଦିନ ଜିଲ୍ଲାସ୍ତରୀୟ ପୁରୁଷ ବନ୍ଧ୍ୟାକରଣ ପକ୍ଷ ବିପିଏମ ବିଶ୍ୱରଞ୍ଜି ଜେନାଙ୍କ ସଂଯୋଜନାରେ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼କ୍ଟର ପ୍ରମୋଦ କୁମାର ପ୍ରହରାଜ ଯୋଗଦେଇ କେମିତି ବିନା ଅସ୍ତ୍ରପ୍ରଚାର ରେ ପୁରୁଷ ବନ୍ଧ୍ୟାକରଣ କରାଯଇପାରିବ ସେ ବିଷୟରେ ଆଲୋକପତ କରିଥିଲେ। ଅନ୍ୟତମ ଅତିଥିଭାବେ ଡାକ୍ତର ସଚିତାନନ୍ଦ ମିଶ୍ର,ଏଡ଼ି ପି ଏଚ ଓ ରୂପେନ କୁମାର ଶତପଥି, ରାଜକନିକା ମେଡିକାଲ ଅଫିସର ଡାକ୍ତର ବାଦଲ କୁମାର ମହାନ୍ତି,ଡେପୁଟି ମ୍ୟନେଜର ଆର ସି ଏଚ କୃଷ୍ଣ ଚନ୍ଦ୍ର ଲୁହା, ଜିଲ୍ଲା ଜିଲ୍ଲା ଖାତା ପ୍ରବନ୍ଧକ ସର୍ବେଶ୍ୱର ପ୍ରଧାନ, ପି ଏଚ ଇ ଓ ତୃପ୍ତି ରାଉତ ଉପସ୍ଥିତ ରହି ଆଶା କର୍ମୀ ଓ ସ୍ୱସ୍ତ୍ୟକର୍ମୀ ମାନଙ୍କୁ ବୁଝାଇଥିଲେ କେମିତି ଜନସଂଖ୍ୟ ବୃଦ୍ଧି କୁ ଏହି ପୁରୁଷ ବନ୍ଧ୍ୟାକରଣ ପକ୍ରିୟା ମାଧ୍ୟମରେ ରୋକିହେବ ଓ ଅବାଂଛିତ ଗର୍ଭଧାରଣ କୁ ରୋକି ହୋଇପାରିବ। ଏହି କାର୍ଯ୍ୟକ୍ରମକୁ ବା.ଆ. ମ ସୁଶାନ୍ତ କୁମାର ସାହୁ,ବିଡ଼ିଏମ ସୌରଭ କୁମାର ରାଉତ, ଏମ ଆର ଶୁଭ୍ରଜ୍ୟୋତି ବେହେରା ଓ ରାଜକନିକା ଗୋଷ୍ଠୀ ସ୍ୱସ୍ତ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କେଇଥିଲେ।

# ଶିକ୍ଷକଙ୍କ ଆନ୍ଦୋଳନ ପୁଣି ତେଜିଲା

ଖୋର୍ଦ୍ଧା, ୫।୧୨ (ସଂଚାର ବ୍ୟୁରୋ) : ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଦାବିକୁ ନେଇ ପୁଣି ଏକ ଆନ୍ଦୋଳନ ଦାନା ବାନ୍ଧିବାରେ ଲାଗିଛି। ଚଳିତ ମାସ ୧୦ ତାରିଖରେ ଭୁବନେଶ୍ୱର ରାଜରାସ୍ତାରେ ଏକ ମହାସମାବେଶରେ ସମବେତ ହୋଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନେଇ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଖୋର୍ଦ୍ଧା ଜିଲ୍ଲାର ଆବାହକ ତଥା 'ଓଷ୍ଟା' ଖୋର୍ଦ୍ଧା ଜିଲା ସମ୍ପାଦକ ସୁଧାକର ମହାପାତ୍ରଙ୍କ ଆବାହକତ୍ୱରେ ଜିଲ୍ଲା ସ୍ତରୀୟ କନଭେସନ 'ଓଷ୍ଟା' ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟାଳୟ ପଲ୍ଲାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା 'ଓଷ୍ଟା'ର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ବୈଠକରେ ୧୯୪ ବିଦ୍ୟାଳୟ ସହିତ ଯୋଗ୍ୟ ବିବେଚିତ ସମସ୍ତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ ସହିତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ପେନସନ୍ ସହିତ ଚାକିରି ସର୍ତ୍ତାବଳୀ ପ୍ରଦାନ, ଅବସର ବୟସ ୬୦ ରୁ ୬୨ କୁ ବୃଦ୍ଧି, ୨୦୦୪ ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତି ଭିତିକ ଶିକ୍ଷକ ମାନଙ୍କର ୬ଟି ନୋସନାଲ ଇନ୍କ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ପୋଷାକ ଓ ସାଇକେଲ ପ୍ରଦାନ, ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଇଲେକ୍ଟ୍ରିକ ବିଲ ପ୍ରଦାନ କରିବା ସହିତ ଅନ୍ୟାନ ଦାବି ଉପରେ ଆଲୋଚନା କରାଯାଇଥିଲା ଯୋଗ୍ୟ ବିଦ୍ୟାଳୟର ଅନୁଦାନ ଏବଂ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ପେନସନ୍ ଏକ ସ୍ୱର୍ଶକାତର ସମସ୍ୟା ହୋଇଥିବାରୁ ଏବଂ ପ୍ରତ୍ୟେକ ମାସରେ ଟଙ୍କାଟିଏ ଅନୁଦାନ ଓ ପେନସନ୍ ନ ପାଇ ଶିକ୍ଷକ, କର୍ମଚାରୀମାନେ ଅବସର ଗ୍ରହଣ କରୁଥିବାରୁ ଏହାକୁ ତୁରନ୍ତ ସମାଧାନ କରିବା ପାଇଁ ବୈଠକରେ ସରକାରଙ୍କୁ ଦାବି କରାଯାଇଥିଲା। ଏହି ଅବସରରେ ଡିସେମ୍ବର ୧୦ ତାରିଖ ସମାବେଶରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ 'ଓଷ୍ଟା'ର କର୍ମକର୍ତ୍ତାମାନେ ଆହ୍ୱାନ ଦେଇଥିଲେ।

# କୃଷି ଓ କୃଷକଙ୍କ ବିକାଶ ବିନା ସାମଗ୍ରିକ ବିକାଶ ଅସମ୍ଭବ

## ଓୟୁଏଟିର ୪୦ ତମ ସମାବର୍ତ୍ତନ ସମାରୋହ

### ସମାବର୍ତ୍ତନ ଦିବସ ଛାତ୍ରଛାତ୍ରୀଙ୍କ ଭବିଷ୍ୟତର ମାର୍ଗ ଖୋଲିଥାଏ

ଭୁବନେଶ୍ୱର,୫।୧୨ (ସଂଚାର ବ୍ୟୁରୋ): ସମାବର୍ତ୍ତନ ଦିବସ ଛାତ୍ରଛାତ୍ରୀଙ୍କ ଆଶାଜନକ ଭବିଷ୍ୟତର ମାର୍ଗ ଖୋଲିଥାଏ। ଛାତ୍ରଛାତ୍ରୀ ଅଭିନବ ଚିନ୍ତାଧାରା ଓ ଉତ୍ସର୍ଗୀକୃତ କାର୍ଯ୍ୟ ମାଧ୍ୟମରେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଜାତୀୟ ଲକ୍ଷ୍ୟରେ ଯୋଗଦାନ କରିବାକୁ ରାଷ୍ଟ୍ରପତି




ଦ୍ରୌପଦୀ ମୁର୍ମୁ ଆହ୍ୱାନ କରିଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୪୦ ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି କହିଥିଲେ, ଛାତ୍ରଛାତ୍ରୀବର୍ତ୍ତମାନ ଏକ ଭିନ୍ନ ପରିବେଶରେ ପ୍ରବେଶ କରୁଛନ୍ତି, ଯେଉଁଥିରେ ସେମାନେ ବାସ୍ତବ ବୈଶ୍ୱିକ ପରିସ୍ଥିତିରେ ସେମାନଙ୍କ ଜ୍ଞାନ ଓ ଦକ୍ଷତାର କଠୋର ପରୀକ୍ଷାର ସମ୍ମୁଖୀନ ହେବେ। ସେମାନେ ହାସଲ କରିଥିବା ଜ୍ଞାନ ଓ କୌଶଳର ସର୍ବୋତ୍ତମ ପ୍ରୟୋଗ ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ଯୋଗଦାନ ଦେବେ। ଏପରି ଏକ ସମୟ ଥିଲା ଯେତେବେଳେ ଆମେ ଖାଦ୍ୟଶସ୍ୟ ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରୁଥିଲୁ। ବର୍ତ୍ତମାନ ଆମେ ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ କୃଷି ଜାତ ଦ୍ରବ୍ୟ ରପ୍ତାନି କରୁଛୁ। ଆମ କୃଷି ବୈଜ୍ଞାନିକମାନଙ୍କ ମାର୍ଗଦର୍ଶନ ଏବଂ କୃଷକମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ରାଷ୍ଟ୍ରପତି କହିଥିଲେ ଯେ କୃଷି ଓ କୃଷକଙ୍କ ବିକାଶ ବିନା ଦେଶର ସାମଗ୍ରିକ ବିକାଶ ସମ୍ଭବ ନୁହେଁ। କୃଷି, ମତ୍ସ୍ୟ ଉତ୍ପାଦନ ଏବଂ ପଶୁସମ୍ପଦର ବିକାଶ ଦ୍ୱାରା ଆମର ଅର୍ଥବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ଆଜି କୃଷି କ୍ଷେତ୍ର ପ୍ରାକୃତିକ ବିପର୍ଯ୍ୟୟ, ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ, ମୁଣ୍ଡପିଛା ଚାଷ ଜମି ହ୍ରାସ ଏବଂ ପ୍ରାକୃତିକ ସମ୍ପଦର ଅତ୍ୟଧିକ ଶୋଷଣ ଭଳି ନୂତନ ଆହ୍ୱାନର ସମ୍ମୁଖୀନ ହେଉଛି। ଏହି ଆହ୍ୱାନର ମୁକାବିଲା କରିବା ପାଇଁ ଆମ ବୈଜ୍ଞାନିକମାନଙ୍କୁ ଠିକ୍ ସମୟରେ ପ୍ରଯୁକ୍ତିବିଦ୍ୟା ବିକଶିତ ଏବଂ ପ୍ରସାର କରିବାକୁ ପଡ଼ିବ। ଆମକୁ ପରିବେଶ ସୁରକ୍ଷା, ମୃତ୍ତିକା ସ୍ୱାସ୍ଥ୍ୟ ସୁରକ୍ଷା, ଜଳ ଓ ମୃତ୍ତିକା ସଂରକ୍ଷଣ ଏବଂ ପ୍ରାକୃତିକ ସମ୍ପଦର ଉନ୍ନତ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ରାଷ୍ଟ୍ରପତି କହିଥିଲେ।

## ମିଲେଟ ରାଣୀ ରାଇମତୀଙ୍କୁ ଡକ୍ଟରେଟ୍



ମିଲେଟ ରାଣୀ ଭାବେ ପରିଚିତ ରାଇମତୀ ଘିଉରିଆଙ୍କୁ ଓୟୁଏଟି ସମାବର୍ତ୍ତନ ଉତ୍ସବରେ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଦୀର୍ଘ ଦିନ ହେବ ରାଇମତୀ ମାଣ୍ଡିଆକୁ ସଂରକ୍ଷଣ କରି ରଖିବା ସହ ଏହି ଚାଷକୁ ଗୁରୁତ୍ୱ ଦେଉଛନ୍ତି। ବିଶ୍ୱ ଦରବାରରେ ଓଡ଼ିଶାର ମାଣ୍ଡିଆକୁ ପହଞ୍ଚାଇବାରେ ତାଙ୍କର ଯଥେଷ୍ଟ ଅବଦାନ ରହିଛି। କୋରାପୁଟ ଜିଲ୍ଲା କୁନ୍ଦ୍ରା ବ୍ଲକର ନୂଆଗୁଡା ଗାଁ ଭୁମିଆ ସମ୍ପ୍ରଦାୟର ରାଇମତୀଙ୍କ ଶିକ୍ଷାଗତ ଯୋଗ୍ୟତା ସପ୍ତମ। ଖୁବ କମ ବୟସରୁ ସେ କୃଷି, ସାମାଜିକ ବ୍ୟବସ୍ଥା, ଜୀବନ ଜୀବିକାର ଉନ୍ନତି, ଜୈବ ବିବିଧତାର ସଂରକ୍ଷଣ, ମହିଳା ସଶକ୍ତିକରଣ ଆଦି ଅନେକ ପ୍ରଗତିମୂଳକ କାର୍ଯ୍ୟରେ ସାମିଲ ହୋଇ ଆସିଛନ୍ତି। ଏପର୍ଯ୍ୟନ୍ତ ସେ ୭୦ରୁ ଅଧିକ ପ୍ରକାରର ଧାନ ଏବଂ ୩୦୦ରୁ ଅଧିକ କିସମର ମାଣ୍ଡିଆ ଏବଂ ଅନ୍ୟ ଶସ୍ୟ ସଂରକ୍ଷଣ କରିବା ଦିଗରେ କାମ କରିସାରିଛନ୍ତି। କୃଷି କ୍ଷେତ୍ରରେ ତାଙ୍କର ଅବିସ୍ମରଣୀୟ ଅବଦାନ ରହିଛି।

# ୭ରେ କଟକ ଷ୍ଟେସନ ଭବନ ଉଦ୍‌ଘାଟନ



ଭୁବନେଶ୍ୱର,୫।୧୨(ସଂଚାର ବ୍ୟୁରୋ): ୭ ଡିସେମ୍ବର ୨୦୨୪ ରେ ଓଡ଼ିଶା ଗସ୍ତ ସମୟରେ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ କଟକ ରେଳ ଷ୍ଟେସନରେ ନୂତନ ପୂର୍ବ ପାର୍ଶ୍ୱ ଷ୍ଟେସନ୍ ଭବନର ଉଦଘାଟନ କରିବେ। କଟକ ରେଳ ଷ୍ଟେସନର ପୂର୍ବ ପାର୍ଶ୍ୱ ଷ୍ଟେସନ ଭବନ ସିଧାସଳଖ ଜାତୀୟ ରାଜପଥ ପାର୍ଶ୍ୱରୁ ଯାତ୍ରୀମାନଙ୍କ ନିରବଚ୍ଛିନ୍ନ ଯାତ୍ରାରେ ସହଜ ହେବା ସହଜ ଯାତାୟାତ, ଜନସାଧାରଣଙ୍କ ସୁବିଧା ଏବଂ ଯାତ୍ରୀଙ୍କ ଅଭିଜ୍ଞତାକୁ ସୁଗମ କରିବା ପାଇଁ ଏହି ବିକାଶ ଲକ୍ଷ୍ୟ ରଖିଛି। କଟକ ଷ୍ଟେସନ ଠାରେ ପୂର୍ବ ପାର୍ଶ୍ୱ ଷ୍ଟେସନ୍ ଭବନର ଉଦ୍ଘାଟନ ଯାତ୍ରୀଙ୍କ ସୁବିଧା ଏବଂ ନିରାପତ୍ତାକୁ ବହୁଗୁଣିତ କରିବ। ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶରେ ଏହା ଏକ ନୂତନ ଅଧ୍ୟାୟ ଚିହ୍ନିତ କରୁଛି ଯାହାକି ବିଶ୍ୱ ସ୍ତରୀୟ ରେଳ ନେଟୱାର୍କ ନିର୍ମାଣର ଦୃଷ୍ଟିକୋଣ ସହିତ ସମାନ ଅଟେ। ଓଡ଼ିଶାରେ ତାଙ୍କର କାର୍ଯ୍ୟକ୍ରମ ପରେ ଶ୍ରୀ ଅଶ୍ୱିନୀ ବୈଷ୍ଣବ ୮ ଡିସେମ୍ବର ୨୦୨୪ ଦିନ ସକାଳେ ଭୁବନେଶ୍ୱରରୁ ବାରାଣସୀ ମାର୍ଗ ଦେଇ ନୂଆଦିଲ୍ଲୀ ଫେରିବେ। ରେଳ ମନ୍ତ୍ରୀଙ୍କ ଏହି ଗସ୍ତରେ ପୂର୍ବାଞ୍ଚଳ କ୍ଷେତ୍ରରେ ବିଶେଷ ଧ୍ୟାନ ଦେଇ ଭିତ୍ତିଭୂମି ସୁଦୃଢ଼ କରିବା ସହ ଯାତ୍ରୀମାନଙ୍କ ଯାତାୟାତର ସୁବିଧାରେ ଉନ୍ନତି ଆଣିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରାଯାଇଛି।

# ସୋଆରେ ବିଶ୍ୱ ମୃତ୍ତିକା ଦିବସ



ଭୁବନେଶ୍ୱର,୫।୧୨(ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଫ୍ୟାକଲ୍ଟି ଅଫ୍ ଏଗ୍ରିକଲ୍‌ଚରାଲ ସାଇନସେସ୍ (ଆଇଏଏସ୍) ର ମୃତ୍ତିକା ବିଭାଗ ପକ୍ଷରୁ ଗୁରୁବାର ଦିନ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କୃଷି ବିଜ୍ଞାନୀ ତଥା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ହୃଷୀକେଶ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୃତ୍ତିକାର ଯତ୍ନ ନେବା ଅତ୍ୟନ୍ତ ଆବଶ୍ୟକ ବୋଲି କହିବା ସହ ଏଥିରେ ଥିବା ବିଭିନ୍ନ ଗୁଣାତ୍ମକ ଦିଗ ବିଷୟରେ ଆଲୋଚନା କରିଥିଲେ। ମୃତ୍ତିକାର ଉପକାରିତା, କ୍ଷୟ ଓ ସୁରକ୍ଷା ବିଷୟରେ ଗୁରୁତ୍ୱାରୋପ କରିବା ସହ ଛାତ୍ରଛାତ୍ରୀମାନେ ମୃତ୍ତିକାର ସ୍ୱାସ୍ଥ୍ୟ ରକ୍ଷା ଦିଗରେ ସଚେତନ ହେବା ପାଇଁ ଡକ୍ଟର ସେନାପତି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଥିଲେ ଯେ ପ୍ରତିବର୍ଷ ଡିସେମ୍ବର ୫ ତାରିଖକୁ ସାରା ବିଶ୍ୱରେ ମୃତ୍ତିକା ଦିବସ ରୂପେ ପାଳନ କରାଯାଇଥାଏ। ବର୍ତ୍ତମାନ ଯେଉଁ ଭଳି ଭାବେ ମୃତ୍ତିକା କ୍ଷୟ ହେବାକୁ ଲାଗିଛି, ଆମେ ସମସ୍ତେ ବର୍ତ୍ତମାନ ଠାରୁ ମୃତ୍ତିକାର ଯତ୍ନ ଓ ସଂରକ୍ଷଣ କରିବା ଆବଶ୍ୟକ ତାହାଲେ ଆଗାମୀ ପିଢ଼ିଙ୍କ ପାଇଁ ଏହା ଲୋପ ପାଇଯିବ ବୋଲି କୁଳପତି କହିଥିଲେ। ମୃତ୍ତିକା ପରୀକ୍ଷା କରିବା ପାଇଁ ଏକ ମୃତ୍ତିକା ହସ୍ପିଟାଲ ରହିବା ଜରୁରୀ। ମୃତ୍ତିକାକୁ ପରୀକ୍ଷା କରି ଏକ କୃଷକ ଜାଣିବା ଦରକାର ଯେ ଏଥିରେ କେତେ ପରିମାଣରେ କଣ ଆବଶ୍ୟକ। ଗତବର୍ଷ ଠାରୁ ଆରମ୍ଭ କରାଯାଇଥିବା ଏହି ମୃତ୍ତିକା ଦିବସ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ପ୍ରଫେସର ନନ୍ଦ କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଯୋଗଦେଇ କହିଥିଲେ ଯେ ମୃତ୍ତିକାରୁ ଆମେ ବାସଗୃହ, ଖାଦ୍ୟ ଓ ବସ୍ତ୍ର ପାଇଥାଉ। ମାଟିକୁ ମା' ବୋଲି କୁହାଯାଏ। ଏହି ମାଟି ମା'ର ଯତ୍ନ ନେବା ଜରୁରୀ ବୋଲି ସେ କହିଥିଲେ।

## ମାଟି ଉର୍ବରତା ଉପରେ ଗୁରୁତ୍ୱ




କଟକ,୫।୧୨(ସଂଚାର ବ୍ୟୁରୋ): ସମସ୍ତ ଜୀବଜଗତ ଜୀବନଧାରଣ ପାଇଁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ମାଟି ମାଆ ଉପରେ ନିର୍ଭରଶୀଳ । ତେଣୁ ମାଟିର ଯତ୍ନ ନେବା ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ୍ । ମୃତ୍ତିକାର ଯତ୍ନ ପାଇଁ ଏହାର ପରିମାପ, ପର୍ଯ୍ୟବେକ୍ଷଣ ଓ ପରିଚାଳନା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଆଜି କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ବିଶ୍ୱ ମୃତ୍ତିକା ଦିବସ ଅବସରରେ ବିଶିଷ୍ଟ ବକ୍ତାମାନେ ରାସାୟନିକ ସାରର ବ୍ୟବହାର ହ୍ରାସ କରିବା ଏବଂ ଜୈବିକ ସାର ପ୍ରୟୋଗ କରି ମାଟି ମାଆର ଉର୍ବରତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ କିଶୋର ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃଷକମାନେ ବିଭିନ୍ନ ସମୟରେ କୃଷି ବୈଜ୍ଞାନିକମାନଙ୍କଠାରୁ ଚାଷ ସମ୍ବନ୍ଧୀୟ ପରାମର୍ଶ ଗ୍ରହଣ କରିବାକୁ କହିଥିଲେ । ଏହାଦ୍ୱାରା ଅଧିକ ଅମଳ ମିଳିବା ସହ ଚାଷଜମିକୁ ଦୀର୍ଘସମୟ ପର୍ଯ୍ୟନ୍ତ ସୁସ୍ଥ ରଖାଯାଇପାରିବ । ଅତିରିକ୍ତ ଜିଲ୍ଲାପାଳ ଡା ଦିବ୍ୟଲୋଚନ ମହନ୍ତ ମୃତ୍ତିକା ପରୀକ୍ଷା, ବିଭିନ୍ନ ପ୍ରକାରର ଜୈବିକ ସାରର ପ୍ରୟୋଗ, ମୃତ୍ତିକା କ୍ଷୟ ରୋକିବା ଓ ସଠିକ୍ ମାତ୍ରାରେ, ସଠିକ୍ ପ୍ରଣାଳୀରେ ଚାଷ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଅଶୋକ କୁମାର କର, କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବିଜ୍ଞାନ ବିଭାଗର ବରିଷ୍ଠ ବୈଜ୍ଞାନିକ ଶ୍ରୀ ଦିଲୀପ କୁମାର ଷଡଙ୍ଗୀ, ଜିଲ୍ଲା କୃଷି ଅଧିକାରୀ, ବାଙ୍କୀ, ଶ୍ରୀ ବିଶ୍ୱନାଥ ଦାଶ, ଜିଲ୍ଲା କୃଷି ଅଧିକାରୀ, ଆଠଗଡ ଶ୍ରୀ ଶିବାଶିଷ ମିଶ୍ର, ଜିଲ୍ଲା କୃଷି ଅଧିକାରୀ, ସାଲେପୁର, ଶ୍ରୀ ଚନ୍ଦ୍ରମୋହନ ଚାନ୍ଦ, ସହକାରୀ କୃଷି ନିର୍ଦ୍ଦେଶକ (ମୃତ୍ତିକା) ତୃପ୍ତିମୟୀ ନାହାକ ପ୍ରମୁଖ ମୃତ୍ତିକାର ଯତ୍ନ, ରାସାୟନିକ ସାର ଓ ଜୈବିକ ସାରର ବ୍ୟବହାର, ବିଭିନ୍ନ ପ୍ରକାରର କୃଷି ଆଦି ବିଷୟରେ ଆଲୋଚନା କରିଥିବାବେଳେ ସହକାରୀ କୃଷି ନିର୍ଦ୍ଦେଶକ ଶ୍ରୀମତୀ ଅସୀମା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୪ ରାଜ୍ୟ ସହ ସୀମା ବିବାଦ



ଭୁବନେଶ୍ୱର,୫।୧୨ (ସଂଚାର ବ୍ୟୁରୋ): ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସହିତ ଓଡ଼ିଶାର ୧୪ଟି ଜିଲ୍ଲାର ଆନ୍ତଃ-ରାଜ୍ୟ ସୀମା ବିବାଦ ରହିଛି। ସେହି ଜିଲ୍ଲା ଗୁଡ଼ିକ ହେଉଛି ବାଲେଶ୍ୱର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେଉଁଝର ଏବଂ ମୟୂରଭଞ୍ଜ। କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମପୁଞ୍ଜକୁ ବାଦ୍ ଦେଲେ ରାଜ୍ୟରେ ପ୍ରାୟତଃ ବଡ ଧରଣର ସୀମା ବିବାଦ ନାହିଁ। କୋଟିଆ ଅଞ୍ଚଳର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ୧୦୮କୋଟି ୫୩ ଲକ୍ଷ ୧୨ହଜାର ୩୩୯ ଟଙ୍କା ଖର୍ଚ୍ଚ କରାଯାଇଛି। ପ୍ରତି ଗ୍ରାମକୁ ରାସ୍ତା, ବିଦ୍ୟାଳୟ ଗୃହ, ଆବାସିକ ଶ୍ରେଣୀ ଗୃହ, ଅଙ୍ଗନୱାଡି ଗୃହ, ମିଶନଶକ୍ତି ଗୃହ, ୧୦ ଶଯ୍ୟା ବିଶିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବଜାର ପିଣ୍ଡି, ଥାନା ନିର୍ମାଣ କରିବା ସଙ୍ଗେ ସଙ୍ଗେ ବିଦ୍ୟୁତ ସଂଯୋଗ ଓ ମୋବାଇଲ ଟାୱାର ସ୍ଥାପନ ସହ ଲୋକମାନଙ୍କ ପାଇଁ ଜୀବିକାର ମଧ୍ୟ ବ୍ୟବସ୍ଥା କରାଯାଇଛି। ସମସ୍ତ ବିଦ୍ୟାଳୟରେ ଓଡ଼ିଆରେ କଥାବାର୍ତ୍ତା କରୁଛନ୍ତି ଏବଂ ପ୍ରତିବର୍ଷ କୋଟିଆରେ ରଥଯାତ୍ରା ଆନନ୍ଦ ଉଲ୍ଲାସରେ ପାଳନ କରାଯାଉଛି ବୋଲି ବିଧାନସଭାରେ ବିଜେଡି ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ପ୍ରଶ୍ନରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଲିଖିତ ଉତ୍ତର ରଖିଛନ୍ତି।

# ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଅନୁଷ୍ଠିତ




ଭୁବନେଶ୍ୱର,୫।୧୨(ସଂଚାର ବ୍ୟୁରୋ): ଭୁବନେଶ୍ୱର ସ୍ଥିତ କୃଷି ଭବନ ଅଡିଟୋରିଅମରେ ରାଜ୍ୟ ସ୍ତରୀୟ 'ବିଶ୍ୱ ମୃତ୍ତିକା ଦିବସ' ମହା ସମାରୋହରେ ପାଳନ କରାଯିବା ସହିତ ପ୍ରତି ଜିଲ୍ଲାସ୍ତରରେ ମଧ୍ୟ ପାଳନ କରାଯାଇଛି। ଏହି ବର୍ଷର ବିଷୟବସ୍ତୁ ହେଉଛି:- ମୃତ୍ତିକା ଯତ୍ନ: ପରିମାପ, ପର୍ଯ୍ୟବେକ୍ଷଣ, ପରିଚାଳନା। ଏଥିରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ଶ୍ରୀ ନିଖିଲ୍ ପୱନ କଲ୍ୟାଣ ପ୍ରମୁଖ ଥିଲେ। ଓଡ଼ିଶାର କୋଣ ଅନୁକୋଣରୁ ଅଭିଜ୍ଞ ଚାଷୀ, କୃଷି ବିଶେଷଜ୍ଞ, ବୈଜ୍ଞାନିକ ଓ ଛାତ୍ରଛାତ୍ରୀଗଣ ଉପସ୍ଥିତ ଥିଲେ। ମାଆ, ମାଟି ଓ ମନୁଷ୍ୟର ସମ୍ପର୍କ ଆବାହନ କାଳରୁ ଅତି ନିବିଡ, ଶାଶ୍ୱତ ଓ ଚିରନ୍ତନ। ବର୍ତ୍ତମାନ ସାରା ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ ସମସ୍ୟା ଭାବରେ ଉଭା ହୋଇଥିବା ବେଳେ ମୃତ୍ତିକା ସ୍ୱାସ୍ଥ୍ୟର ପରିମାପ, ପର୍ଯ୍ୟବେକ୍ଷଣ ଓ ସୁପରିଚାଳନା ଅତି ଗୁରୁତ୍ୱପୁର୍ଣ୍ଣ ମୃତ୍ତିକାକୁ ଯୁଗ ଯୁଗ ପାଇଁ ସୁସ୍ଥ ଓ ଉତ୍ପାଦନକ୍ଷମ କରି ରଖିବା ପାଇଁ ଯେଉଁ ଯତ୍ନ ଆବଶ୍ୟକ, ସେଥିପାଇଁ ଆମ ପରମ କର୍ତ୍ତବ୍ୟର ସ୍ମୃତିଚାରଣ ସକାଶେ ପ୍ରତି ବର୍ଷ ଡ଼ିସେମ୍ବର ୫ ତାରିଖ କୁ ସାରା ପୃଥିବୀରେ 'ବିଶ୍ୱ ମୃତ୍ତିକା ଦିବସ' ରୂପେ ପାଳନ କରାଯାଇ ଆସୁଅଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଆଜିର ସମୟରେ ଲୋକେ ଅଧିକ ପରିମାଣର ଉତ୍ପାଦନ ଓ ଲାଭ ପାଇବା ଆଶାରେ ଅଧିକ ସାର ଓ କୀଟନାଶକ ପ୍ରୟୋଗ କରୁଛନ୍ତି। କିନ୍ତୁ ଏହା ଧୀରେ ଧୀରେ ମାଟିର ସ୍ୱାସ୍ଥ୍ୟ ଓ ଉତ୍ପାଦନ କ୍ଷମତାକୁ ହ୍ରାସ କରୁଛି ଏବଂ ଦୀର୍ଘ ସମୟ ଧରି ରାସାୟନିକ ସାର ଓ କୀଟନାଶକ ବ୍ୟବହୃତ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାର ରୋଗ ମାଡିବସୁଛି। ତେଣୁ ଆମେ ନିଜର ଶରୀର ଓ ମୃତ୍ତିକାର ସ୍ୱାସ୍ଥ୍ୟର ଯତ୍ନ ନେବା ଆଜିର ସମୟରେ ନିହାତି ଆବଶ୍ୟକ। ଏହି ପରିପ୍ରେକ୍ଷିରେ ସେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ଏକ ସଫଳ ଚାଷୀ ଭାବେ ଉଦାହରଣ ଦେଇଥିଲେ। ରାସାୟନିକ ସାର ଓ କୀଟନାଶକ ବଦଳରେ ଜୈବିକ ଖତ, ସାର ଇତ୍ୟାଦି ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ।

# ପଶ୍ଚିମବଙ୍ଗରୁ ଆଳୁ ଆସୁନି, ଆସୁଛି ଚୋରା ମହୁଲ



ଭୁବନେଶ୍ୱର,୫।୧୨ (ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆଳୁ ଆସୁନି! କିନ୍ତୁ ଆସୁଛି ଚୋରା ମହୁଲ। ଦେଶୀ ମଦ ତିଆରି ପାଇଁ ପଶ୍ଚିମବଙ୍ଗରୁ ମୟୂରଭଞ୍ଜକୁ ମହୁଲ ଆସୁଥିଲା। ହେଲେ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ହାତରେ ଧରା ପଡ଼ିଛି ସେହି ଚୋରା ମହୁଲ। ଅବକାରୀ ବିଭାଗ ମହୁଲ ବୋଝେଇ ଗାଡ଼ି ଜବତ କରିବା ସହିତ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପଶ୍ଚିମବଙ୍ଗରୁ ଏକ ମହୁଲ ବୋଝେଇ ପିକ୍ଅପ୍ ଭ୍ୟାନ୍ ବେଆଇନ୍ ଭାବେ ଓଡ଼ିଶା ଭିତରେ ପ୍ରବେଶ କରୁଥିଲା। ମୟୂରଭଞ୍ଜ ଜିଲ୍ଲା ଅବକାରୀ ୟୁନିଟ୍ ଉକ୍ତ ମହୁଲ ବୋଝେଇ ଭ୍ୟାନ୍‌ଟିକୁ ପିଛା କରିଥିଲା। ତେବେ ଭ୍ୟାନ୍‌ଟି ଦ୍ରୁତ ଗତିରେ ପଳାଇବାକୁ ଚେଷ୍ଟା କରୁଥିଲା। ଅବକାରୀ ୟୁନିଟ୍ ଭ୍ୟାନ୍‌ଟିକୁ ପିଛା କରି ଶୁଳିଆପଦା ଥାନା ଦେଉଳି ଛକ ନିକଟରେ ଅଟକାଇବାରେ ସଫଳ ହୋଇଥିଲା। ଅବକାରୀ ବିଭାଗ ଉକ୍ତ ଭ୍ୟାନ୍‌ରୁ ୫୫ ବସ୍ତା ମହୁଲ ଜବତ କରିଥିଲା। ଯାହାର ଓଜନ ୨୨ କ୍ୱିଣ୍ଟାଲ୍ ହେବ। ଦେଶୀ ମଦ ତିଆରି ଏହି ମହୁଲ ଆସିଥିବା ଚର୍ଚ୍ଚା ହେଉଛି। ଏହି ମାମଲାରେ ଅବକାରୀ ବିଭାଗ ଭ୍ୟାନ୍ ଡ୍ରାଇଭର ଦୀନବନ୍ଧୁ ସାହୁ ଓ ତାଙ୍କ ସହଯୋଗୀ ସଞ୍ଜିବ ବିନ୍ଧାଣୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଉଭୟଙ୍କ ଘର ପଶ୍ଚିମବଙ୍ଗ ମେଦନାପୁର ଜିଲ୍ଲା ଗୋପିବଲ୍ଲଭପୁର ଥାନା ଅନ୍ତର୍ଗତ ଶାରିଆ ଗାଁରେ ବୋଲି ଜଣାପଡ଼ିଛି। ଜବତ ମହୁଲର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଉଛି।



୮୪ତମ ଜନ୍ମଦିନ ଅବସରରେ ପ୍ରଫୁଲ୍ଲ ଘଡ଼ାଇଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା

# ରାଉରକେଲା-ରାଞ୍ଚି ବସ୍‌ରୁ ଗଞ୍ଜେଇ ଜବତ



ରାଉରକେଲା,୫।୧୨(ସଂଚାର ବ୍ୟୁରୋ): ରାଉରକେଲାରୁ ଝାରଖଣ୍ଡର ରାଞ୍ଚି ଯାଉଥିଲା ଏକ ପ୍ରାଇଭେଟ୍ ବସ୍। ସେହି ବସ୍‌କୁ ଯାଞ୍ଚ କରି ଝାଡ଼ଖଣ୍ଡ ପୁଲିସ୍ ଗଞ୍ଜେଇ ଜବତ କରିଛି। ଏହି ମାମଲାରେ ଜଣେ ବିହାରୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଆଜି ରାଉରକେଲାରୁ ରାଞ୍ଚି ଅଭିମୁଖେ ଯାଉଥିବା 'ଅରନବ' ନାମକ ଘରୋଇ ବସ୍। ସେହି ବସ୍‌କୁ ଝାଡ଼ଖଣ୍ଡ ପୁଲିସ୍ ବାଂଶଜୋର ପାଣ୍ଡି ଖମନଡାଣ୍ଡ ନିକଟରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଏକ କଳା ରଙ୍ଗର ବ୍ୟାଗ ପାଇଥିଲା। ସେହି ବ୍ୟାଗକୁ ଯାଞ୍ଚ କରିବାରୁ ଗଞ୍ଜେଇ ବାହାରିଥିଲା। ବ୍ୟାଗଟି ରଞ୍ଜିତ କୁମାରଙ୍କର ବୋଲି ଜଣାପଡିଛି। ମୋଟ ୪ଟି ପ୍ୟାକେଟରେ ୪ କିଲୋ ୧୦୦ ଗ୍ରାମ ଗଞ୍ଜେଇ ଥିଲା। ଗଞ୍ଜେଇ ଚାଲାଣ ଅଭିଯୋଗରେ ପୁଲିସ ରଞ୍ଜିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ରଞ୍ଜିତଙ୍କ ଘର ବିହାର ରାଜ୍ୟର ସୁଜାନପୁର ଥାନା ଅଞ୍ଚଳରେ ବୋଲି ଜଣାପଡିଛି। ଝାଡ଼ଖଣ୍ଡ ପୁଲିସ ପ୍ରାୟ ଦେଢ଼ ମାସ ମଧ୍ୟରେ ଆଠ ଥର ଗଞ୍ଜେଇ ଧରିବାରେ ସଫଳ ହୋଇଛି।

# ନିଷିଦ୍ଧ ହେବ ଗୋହତ୍ୟା



ଭୁବନେଶ୍ୱର,୫।୧୨ (ସଂଚାର ବ୍ୟୁରୋ): ଗୋ ଚାଲାଣକାରୀ ସାବଧାନ। ଆସାମ ପରି ଓଡ଼ିଶାରେ ବି ବନ୍ଦ ହେବ ଗୋ ହତ୍ୟା, ଗୋମାଂସ ଓ ଗୋ ଚାଲାଣ। ଖୁବ୍‌ଶୀଘ୍ର କଡ଼ା ଆଇନ ଆଣିବେ ରାଜ୍ୟ ସରକାର। ଆସିବ ଗୋହତ୍ୟା ନିରୋଧୀ ବିଲ୍। ଗୋ ସୁରକ୍ଷା ପାଇଁ ଆଇନରେ ବିଧାନ ରହିବ। ଏଥିପାଇଁ ବିଚାର ବିମର୍ଶ ଚାଲିଛି। ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଚଳିତ ବିଧାନସଭା ଅଧିବେଶରେ କିଛି ଗୋପନୀୟ ବିଲ୍ ଆସିବାକୁ ଯାଉଛି। ଗୋ ଚାଲାଣ ଓ ଗୋ ହତ୍ୟା ଉପରେ ରୋକ ଲଗାଇବାକୁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସମ୍ପୂର୍ଣ୍ଣ ସ୍ପଷ୍ଟ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ଯେ, ବିଭିନ୍ନ କ୍ଷେତ୍ରକୁ ବିଚାର କରି ଗୋହତ୍ୟା ରୋକିବାକୁ ପଦକ୍ଷେପ ନିଆଯାଉଛି। ଏନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ହୋଇଛି। ଗୋହତ୍ୟା ଓ ଗୋଚାଲାଣ ରୋକାଯାଇ ଗୋ ବଂଶ ବୃଦ୍ଧି ହେବା ଦିଗରେ ପଦକ୍ଷେପ ନିଆଯାଉଛି। ଯେଉଁମାନେ ଗୋ ଚାଲାଣ କରୁଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ, କେଉଁ ଦଳର ଲୋକ ଗୋ ଚାଲାଣ କରି ଗୋମାଂସ ବିକୁଛନ୍ତି ପ୍ରଥମେ ଚିହ୍ନଟ କରନ୍ତୁ, ତାପରେ ବିଲ ଆଣନ୍ତୁ। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଟାର୍ଗେଟ ନ କରାଯାଉ। ସୂଚନାନୁଯାୟୀ, ଆସାମ ସରକାର ବୁଧବାର ରାଜ୍ୟରେ ଗୋମାଂସକୁ ସଂପୂର୍ଣ୍ଣ ବ୍ୟାନ୍ କରିଛନ୍ତି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ବୁଧବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସରେ ଏ ସଂପର୍କରେ ସୂଚନା ଦେଇଛନ୍ତି । ମନ୍ତ୍ରିମଣ୍ଡଳ ବୈଠକରେ ଏ ସଂପର୍କରେ ନିଷ୍ପତ୍ତି ନିଆଯାଇଥିବା ସେ ଦର୍ଶାଇଛନ୍ତି । ହିମନ୍ତ କହିଛନ୍ତି ଯେ, ପୂର୍ବରୁ ଆମେ ମନ୍ଦିର ନିକଟରେ ଗୋମାଂସକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲୁ । କିନ୍ତୁ ବର୍ତ୍ତମାନ ଏହାକୁ ରାଜ୍ୟବ୍ୟାପୀ ଲାଗୁ କରାଯାଇଛି । ଏବେ ରାଜ୍ୟର ରେସ୍ତୋରାଁ, ହୋଟେଲ କିମ୍ବା ସାର୍ବଜନିକ ସ୍ଥାନରେ ଗୋମାଂସ ପରଷା ଯାଇ ପାରିବନାହିଁ।

# ମଦୁଆ ଡ୍ରାଇଭର ଦୁର୍ଘଟଣାର ବଡ କାରଣ



ଭୁବନେଶ୍ୱର,୫।୧୨: ମଦୁଆ ଗାଡି ଚାଳକଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ରାଜ୍ୟରେ ସଡକ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ଏଥି ସହିତ ଅନଭିଜ୍ଞ ଗାଡିଚାଳକମାନେ ବି ଦୁର୍ଘଟଣା ବୃଦ୍ଧିର କାରଣ ପାଲଟିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତ ତିନି ବର୍ଷ ମଧ୍ୟରେ ରାଜ୍ୟରେ ସଡକ ଦୁର୍ଘଟଣାରେ ୧୬, ୨୮୭ ଜଣ ବ୍ୟକ୍ତି ପ୍ରାଣ ହରାଇଲେଣି। ଏହି ସମୟରେ ଦୁର୍ଘଟଣାରେ ୩୦ହଜାରରୁ ଅଧିକ ଆହତ ହୋଇଛନ୍ତି। ତେବେ ମଦୁଆ ଓ ବେପରୁଆ ଗାଡି ଚାଳକଙ୍କୁ ରାସ୍ତା ଉପରେ ଧରିବାପାଇଁ ପରିବହନ ଠାରୁ ପୁଲିସ୍ ପର୍ଯ୍ୟନ୍ତ ଯେତେ ଜାଲ ବିଛାଇଲେ ବି ସେମାନଙ୍କୁ ଧରିବା ସହଜ ହେଉନାହିଁ। ମଦ ପିଇ ଦ୍ରୁତ ଗତିରେ ଗାଡି ଚଳାଉଥିବା ଡ୍ରାଇଭରଙ୍କୁ ଧରିବାପାଇଁ ସ୍ପିଡ୍ ଡିଟେକ୍‌ସନ ରାଡାର ଓ ବ୍ରିଥ୍ ଆନାଲାଇଜର ଗଞ୍ଜା ଯାଇଥିବା ୩୭ଟି ଯାନ ରାଜପଥରେ ମୁତୟନ କରାଯାଇଛି। ତେବେ ଏହା ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି। ମଦୁଆ ଚାଳକମାନଙ୍କୁ ଧରିବା ଏମାନଙ୍କ ପକ୍ଷେ ଏତେଟା ସହଜ ନୁହେଁ। ଯେଉଁଠାରେ ଜୋରଦାର ଯାଞ୍ଚ ହେଉଛି ସେଠାରେ କେତେକ ମଦୁଆ ଗାଡିଚାଳକ ଧରା ପଡୁଛନ୍ତି ଏବଂ ଜୋରିମାନା ଦେଇ ଖସୁଛନ୍ତି। ତେବେ ରାଜପଥ ପାର୍ଶ୍ୱରେ ସହଜରେ ମଦ ଉପଲବ୍ଧ ହେଉଥିବାରୁ ଗାଡି ଚାଳକମାନେ ନିଶାସକ୍ତ ହେଉଛନ୍ତି। ମଦ ଓ ଅନ୍ୟାନ୍ୟ ନିଶା ସେବନ କରି ଗାଡି ଚଳାଇବାରେ ଲାଗିଛନ୍ତି। ଏହି ଚାଳକମାନେ ଏତେ ଚାଲାକ ହୋଇଛନ୍ତି ଯେ ଦୂରରୁ ଯାଞ୍ଚ ଗାଡିକୁ ଦେଖି ରାସ୍ତାକଡରେ ଛିଡା ହୋଇଯାଉଛନ୍ତି ନହେଲେ ସୁନା ପିଲା ଭଳି ଗାଡି ଚଳାଇ ଖସିଯାଉଛନ୍ତି। ପରିବହନ ଓ ପୁଲିସ୍ ଅଧିକାରୀମାନେ ଏମାନଙ୍କୁ ଏତେ ସହଜରେ ଠାବ କରିପାରୁ ନାହାନ୍ତି। ସେହିଭଳି ଅନଭିଜ୍ଞ ଗାଡିଚାଳନା ଏବେ ଦୁର୍ଘଟଣାର ଅନ୍ୟତମ କାରଣ ହୋଇଛି। ଘରୋଇ ଗାଡି ଚାଳନା ସଂସ୍ଥାଗୁଡିକ ୮/୧୦ ଦିନ ଗାଡି ଚାଳନା ପରେ ଲାଇସେନ୍ସ ଧରାଇ ଦେଉଥିବାବେଳେ ଆଉ କିଛି ଯୁବକ ଅଳ୍ପଦିନ ଗାଡିରେ ଯିବାପରେ ଡ୍ରାଇଭର ସାଜୁଛନ୍ତି। ଏମାନଙ୍କୁ ଦୁର୍ଘଟଣାର ମୁକାବିଲା କରିବା ଏବଂ ଅନ୍ୟାନ୍ୟ ବୈଷୟିକ ତାଲିମ ପ୍ରଦାନ କରାଯାଉ ନାହିଁ। ସରକାରୀ ତାଲିମ କେନ୍ଦ୍ରରେ ଯେଭଳି ପାଠପଢ଼ା ସହିତ ଗାଡିଚାଳନା ଶିକ୍ଷାଦିଆଯାଉଛି ତାହା ବାହାରେ ନାହିଁ। ସେହିଭଳି ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ମଧ୍ୟ ପୂର୍ବଭଳି ଧାରା ଜାରି ରହିଛି। ଯଦିଓ ସ୍ୱୟଂଚାଳିତ ଗାଡି ଚାଳନା ପରୀକ୍ଷା ଆରମ୍ଭ ହୋଇଛି ତଥାପି ପୂର୍ବଭଳି ଦଲାଲ ରାଜ୍ୟରୁ ପରିବହନ ବ୍ୟବସ୍ଥା ମୁକୁଳି ପାରିନାହିଁ। ରାଜ୍ୟର ୧୦ଟି ଆରଟିଓ ଅଫିସରେ ନିୟମିତ ଆରଟିଓ ନଥିବାରୁ ସ୍ଥିତି ସୁଧୁରିବା ବଦଳରେ ଧିରେ ଧିରେ ବିଗିଡିବାରେ ଲାଗିଛି। ପରିବହନ ଅଧିକାରୀଙ୍କୁ ଆରଟିଓ ଚଉକିର ମୋହ ଏଭଳି ଗ୍ରାସ କରିଛି ଯେ ଦୁଇଟି ପଦୋନ୍ନତି ପାଇ ଯୁଗ୍ମ କମିଶନର ପାହ୍ୟାରେ ପହଞ୍ଚିଥିଲେ ମଧ୍ୟ ଆରଟିଓ ଚଉକିକୁ ଛାଡି ପାରୁନାହାନ୍ତି। ଫଳରେ ଭୁବନେଶ୍ୱର, କଟକ ସମେତ ରାଜ୍ୟର ୧୦ଟି ଆରଟିଓ ପଦବୀ ଅତିରିକ୍ତ ଦାୟିତ୍ୱରେ ଚଳାଯାଉଛି। ତୁରନ୍ତ ନିୟମିତ ଆରଟିଓ ନିଯୁକ୍ତି ସହିତ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରିବାପାଇଁ ମତ ପ୍ରକାଶ ପାଉଛି। ବିଶେଷକରି ଘରୋଇ ପ୍ରଶିକ୍ଷଣ କେନ୍ଦ୍ରଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ପରିବହନ ବିଶେଷଜ୍ଞମାନେ ମତ ଦେଉଛନ୍ତି। (ତଥ୍ୟ)

# ତୃତୀୟ ଭାରତୀୟ ଧାନ ସମ୍ମିଳନୀ ଅନୁଷ୍ଠିତ



କଟକ,୫।୧୨(ସଂଚାର ବ୍ୟୁରୋ): ଜାତୀୟ ଧାନ ଗବେଷଣା ସମ୍ମିଳନୀ ଏବଂ ନୂଆଦିଲ୍ଲୀସ୍ଥିତ ଭାରତୀୟ ଧାନ ଗବେଷଣା କାଉନସିଲର ମିଳିତ ଆନୁକୁଲ୍ୟରେ ଗୁରୁବାର ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ପରିଷଦଠାରେ ଭାରତୀୟ ଧାନ ସମ୍ମିଳନୀର ତୃତୀୟ ଧାନ କଂଗ୍ରେସ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଧାନ ଗବେଷକ ସଂଘ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛି। କୃଷି ଉତ୍ପାଦନ ବୃଦ୍ଧି ଏବଂ ଚାଷୀମାନଙ୍କର ହିତ ଦୃଷ୍ଟିରୁ ୧୯୬୧ ମସିହାରୁ ଧାନ ଗବେଷଣା ଗବେଷକ ସଂଘ ସ୍ଥାପିତ ହୋଇଛି। ଭାରତୀୟ ଧାନ କଂଗ୍ରେସ ପକ୍ଷରୁ ଆଜି ଏହି ସମ୍ମିଳନୀରେ ପୁଷ୍ଟିକର ଏବଂ ଜୀବିକା ପାଇଁ ୫ଜି ଚାଉଳ ଭିତ୍ତିକ କୃଷି ଖାଦ୍ୟ ପ୍ରଣାଳୀ ବିଷୟବସ୍ତୁକୁ ନେଇ ଆଲୋଚନା କରାଯାଇଛି। ଭାରତୀୟ କୃଷି ଗବେଷଣା ଓ ଶିକ୍ଷା ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ଡକ୍ଟର ହିମାଂଶୁ ପାଠକ ଆଭାସୀ ମାଧ୍ୟମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜୀବିକାର ବିକାଶ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ନେଇ ଆଲୋଚନା କରି କହିଛନ୍ତି, ଆଧୁନିକ ବିଜ୍ଞାନ ଯୁଗରେ ଧାନ ଆମ ପରମ୍ପରା ସହିତ ଜଡ଼ିତ। ଧାନ ଏପରି ଏକ ଫସଲ ଯାହାକି ଜଳବାୟୁ ପରିବର୍ତ୍ତନ ହେଲେ ମଧ୍ୟ ଧାନର ବିଶେଷ କିଛି କ୍ଷତି ହୁଏନାହିଁ। ଧାନ ଫସଲର ୫ଜି ଜ୍ଞାନ କୌଶଳ ବ୍ୟବହାର କରି ଏହାର ଉତ୍ପାଦନ ଓ ଉତ୍ପାଦକତା ବଢ଼ାଯାଇ ପାରିବ ତାହାରି ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ବିଶ୍ୱଭାରତୀର କୁଳପତି ଡକ୍ଟର ସପନ କୁମାର ଦତ୍ତ, ଧାନ କଂଗ୍ରେସର ସଭାପତି ଡକ୍ଟର ପୱନ କୁମାର ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଧାନ ଫସଲ କିପରି ଅଧିକ ଜ୍ଞାନ କୌଶଳ ପ୍ରୟୋଗ କରି ଉତ୍ପାଦନ ହୋଇପାରିବ ସେନେଇ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥି ବୃନ୍ଦ ବିଭିନ୍ନ ସ୍ମରଣିକା ଏବଂ ଧାନ କଂଗ୍ରେସର ପୁସ୍ତିକା ଉନ୍ମୋଚନ କରିଥିଲେ।

# ଦୁଇ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା



ମାଲକାନଗିରି,୫।୧୨ (ସଂଚାର ବ୍ୟୁରୋ): ସୀମାନ୍ତରେ ପୁଣି ନକ୍ସଲ ହିଂସା ଦେଖିବାକୁ ମିଳିଛି। ପୁଲିସର ଘନଘନ ଚଢ଼ାଉରେ ନକ୍ସଲ ଏବେ ହିଂସାତ୍ମକ ହୋଇପଡିଛନ୍ତି। ଲୋକଙ୍କୁ ଭୟଭୀତ କରାଇବା ଏବଂ ପୁଲିସକୁ ଚ୍ୟାଲେଞ୍ଜ କରିବା ପାଇଁ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି। ଏହି ଘଟଣାକ୍ରମରେ ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଗୋଟିଏ ଦିନରେ ଦୁଇ ଜଣ ପୂର୍ବତନ ସରପଞ୍ଚଙ୍କୁ ଅପହରଣ କରିନେଇ ହତ୍ୟା କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ମହାପୁରୁଷଙ୍କ ମହତ ବାଣୀ- ସବୁଧର୍ମର ପ୍ରବର୍ତ୍ତକ, ମହାପୁରୁଷମାନେ ସମାଜକୁ ସମାନ ବାର୍ତ୍ତା ଦେଇଛନ୍ତି। ସମସ୍ତେ ଏକସ୍ୱରରେ ସତ୍ୟ, ଅହିଂସା ଏବଂ କରୁଣାର ବାର୍ତ୍ତା ଦେଇଛନ୍ତି। ତେଣୁ ଯେ କୌଣସି ଧର୍ମାବଲମ୍ବୀ ହୁଅନ୍ତୁ ନା କାହିଁକି ଜଣେ ଧାର୍ମିକ ବ୍ୟକ୍ତିର ଆଚାର ବିଚାରରେ କିଛି ପାର୍ଥକ୍ୟ ନଥାଏ।

SANCHAR
ସଂଚାର



# ବିକାଶ ପାଇଁ ଇଚ୍ଛାଶକ୍ତିର ଆବଶ୍ୟକତା

ରାଜ୍ୟର ବିକାଶ, ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ପୁଞ୍ଜିର ଆବଶ୍ୟକତା ଅପରିହାର୍ଯ୍ୟ। କିନ୍ତୁ ପୁଞ୍ଜି ଅପେକ୍ଷା ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ଜରୁରୀ। ଯଦି ବିକାଶ ନିମନ୍ତେ ଦୃଢ଼ ମାନସିକତା ରହିଛି ତେବେ ସମସ୍ୟା ନିଶ୍ଚୟ ଦୂର ହୋଇଯିବ। ଷାଠିଏ ଦଶକରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ଏହା ପୂର୍ବରୁ ଡକ୍ଟର ହରେକୃଷ୍ଣ ମହତାବ ବିଦେଶରୁ ପୁଞ୍ଜି ସଂଗ୍ରହ ନକରି ମଧ୍ୟ ରାଜ୍ୟର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିଥିଲେ। କିଛିଟା ଘରୋଇ ପୁଞ୍ଜି ନିବେଶ ହୋଇଥିଲା। କିନ୍ତୁ ଏହା ନିହାତି ଜରୁରୀ ନଥିଲା। ଏବେ ଅବଶ୍ୟ ସମୟ ବଦଳିଯାଇଛି। ସବୁ ରାଜ୍ୟ ବିଦେଶରୁ ପୁଞ୍ଜି ସଂଗ୍ରହ ପାଇଁ ପ୍ରୟାସ କରୁଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଅଭିଯାନ କରାଯାଉଛି। କିଛି ସଫଳ ହେଉଛି, ଆଉ କିଛି ଉଦ୍ୟମ ବିଫଳ ହେଉଛି। ବିଦେଶରୁ ପୁଞ୍ଜି ସଂଗ୍ରହ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ସିଙ୍ଗାପୁର ଗସ୍ତରେ ଯାଇଥିଲେ। ସେଠାରେ ସେ ବହୁ ନିବେଶକାରୀଙ୍କ ସହ ଆଲୋଚନା କରିଛନ୍ତି ଏବଂ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ନିବେଶ କରିବାକୁ ପ୍ରବର୍ତ୍ତାଇଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ଏକ ରୋଡ ଶୋରେ ମଧ୍ୟ ଭାଗ ନେଇଥିଲେ। ଏହା ପୂର୍ବରୁ ମୁମ୍ବାଇରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୁମ୍ବାଇରେ ଅନେକ ଶିଳ୍ପ ଗୋଷ୍ଠୀ ସହ ଆଲୋଚନା କରିଥିଲେ। ଅନେକ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କାରଣ ରାଜ୍ୟର ରାଜସ୍ୱ ବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ଶିଳ୍ପ ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଓଡ଼ିଶାରେ ଶିଳ୍ପ ପାଇଁ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ରହିଛି। ବିଶେଷ କରି ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଏଠାରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଇସ୍ପାତ, ଆଲୁମିନିୟମ ଉତ୍ପାଦନ ନିମନ୍ତେ କଞ୍ଚାମାଲର ଅଭାବ ନାହିଁ। ପାଣି ଏବଂ ବିଦ୍ୟୁତଶକ୍ତି ମଧ୍ୟ ଉପଲବ୍ଧ ଏବଂ ଶକ୍ତି ଉତ୍ପାଦନ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ସୁଯୋଗ ମଧ୍ୟ ରହିଛି। ଏହା ବ୍ୟତିତ ଆଇଟି ଏବଂ କୃଷି ଭିତ୍ତିକ ଶିଳ୍ପ ନିମନ୍ତେ ମଧ୍ୟ ସୁଯୋଗ ରହିଛି। ସମସ୍ୟା ହେଉଛି ଜମି। ଯେ କୌଣସି ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଜମି ହେଉଛଇ ପ୍ରଥମ ଆବଶ୍ୟକତା। ଓଡ଼ିଶାର ଅଧିକାଂଶ ଜମି ହେଉଛି ଚାଷଜମି ବା ଜଙ୍ଗଲ ଜମି। ତେଣୁ ଜମି ଅଧିଗ୍ରହଣ ଏପରିକି ସରକାରୀ ଜମି ମଧ୍ୟ ଅଧିଗ୍ରହଣ କରିବା କଷ୍ଟକର ହେଉଛି। ଲୋକେ ଶିଳ୍ପ ପାଇଁ ଜମି ଛାଡ଼ିବାକୁ ନାରାଜ। ଏହାର ଯଥାର୍ଥତା ମଧ୍ୟ ରହିଛି। ଜଙ୍ଗଲ ଜମି ଅଧିଗ୍ରହଣ ନିମନ୍ତେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ଆବଶ୍ୟକ। ଏହା ବେଶ ସମୟସାପେକ୍ଷ। ଏହି କାରଣରୁ ପୋସ୍କୋ ପ୍ରକଳ୍ପ ଓଡ଼ିଶାରୁ ଉଠିଯାଇଥିଲା। ଅତୀତରେ ନବୀନ ପଟ୍ଟନାୟକ ସରକାର ମଧ୍ୟ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପୁଞ୍ଜି ସଂଗ୍ରହ ନିମନ୍ତେ ଅନେକ ପ୍ରୟାସ କରିଥିଲେ। ପୂର୍ବରୁ ବିଜୁ ପଟ୍ଟନାୟକ ଏବଂ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ମଧ୍ୟ ପ୍ରୟାସ କରିଥିଲେ। ବିଜୁ ବାବୁ କଳିଙ୍ଗନଗରରେ ସ୍ୱରାଜ ପଲଙ୍କ କାପାରେ ବୃହତ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପ୍ରରୋଚିତ କରି ବିଫଳ ହୋଇଥିଲେ। କଂଗ୍ରେସ ଶାସନ କାଳରେ ଗୋପାଳପୁରରେ ଟାଟା ପ୍ରକଳ୍ପ ପ୍ରତିଷ୍ଠା ଉଦ୍ୟମ ଜମି ଅଧିଗ୍ରହଣ ସମସ୍ୟା ଯୋଗୁଁ ବିଫଳ ହୋଇଥିଲା। ପରେ ନବୀନ ବାବୁଙ୍କ ପ୍ରୟାସ ଫଳରେ କଳିଙ୍ଗନଗରରେ ଟାଟା ପ୍ରକଳ୍ପ ପ୍ରତିଷ୍ଠା ହେଲା। କିନ୍ତୁ ଏଥିପାଇଁ କିଛି କମ କଷ୍ଟ କରିବାକୁ ପଡ଼ିନାହିଁ। ଆଦିବାସୀଙ୍କ ବିରୋଧ ଯୋଗୁଁ ଅନେକ ସମସ୍ୟା ସୃଷ୍ଟି ହୋଇଥିଲା। ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାକୁ ପୁଞ୍ଜି ଆକୃଷ୍ଟ କରିବାକୁ ଅନେକ ପ୍ରୟାସ କରାଯାଇଥିଲା। ଓଡ଼ିଶାରେ ଅନେକ ଥର ନିବେଶକ ସମ୍ମିଳନୀ ହୋଇଛି। ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁରେ ଆଲୋଚନା ବୈଠକ, ରୋଡ ଶୋ ହୋଇଛି। ବିଦେଶରେ ମଧ୍ୟ ଅନେକ ନିବେଶକଙ୍କ ସହ ଆଲୋଚନା ବୈଠକ, ସମ୍ମିଳନୀ ହୋଇଛି। ଅନେକ ପ୍ରତିଶ୍ରୁତି ମଧ୍ୟ ମିଳିଛି। କିନ୍ତୁ ସେଥିରୁ ଖୁବ କମ ପ୍ରସ୍ତାବ କାର୍ଯ୍ୟକାରୀ ହୋଇଛି। ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିଲାଗି ସାରି ପ୍ରୟାସ ଆରମ୍ଭ କରିଛନ୍ତି। ଏହା କେତେଦୂର ସଫଳ ହେବ ତାହା ସମୟ କହିବ। କିନ୍ତୁ ପ୍ରଶ୍ନ ହେଲା ବାସ୍ତବରେ ଓଡ଼ିଶାରେ ଘରୋଇ ପୁଞ୍ଜିନିବେଶର କେତେ ଆବଶ୍ୟକତା ରହିଛି? କେଉଁ କ୍ଷେତ୍ରରେ ଏହା ସମ୍ଭବ? ଓଡ଼ିଶାରେ ବିପୁଳ ପରିମାଣର ଖଣିଜ ସମ୍ପଦ ରହିଛି। ଏହାର ବିନିଯୋଗ ଲାଗି ଅନେକ ଶିଳ୍ପ ପ୍ରତିଷ୍ଠା ହୋଇଛି। ଆହୁରି ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠାର ସୁଯୋଗ ରହିଛି। କିନ୍ତୁ ଖାଲି ଉତ୍ପାଦନ ହେଲେ ହେବନି। ଏହାର ବଜାର ବ୍ୟବସ୍ଥା ମଧ୍ୟ ଆବଶ୍ୟକତା ରହିଛି। ବିଶ୍ୱ ବଜାରରେ ଚାହିଦାକୁ ଦୃଷ୍ଟିରେ ରଖି ଏସବୁ ଶିଳ୍ପ ପ୍ରତିଷ୍ଠା କରାଯିବା ଉଚିତ। ଯେତିକି ଶିଳ୍ପ ରହିଛଇ, ତାହା କେତେଦୂର ଲାଭଜନକ ହୋଇପାରିଛି ତାହାକୁ ମଧ୍ୟ ଦେଖିବାକୁ ପଡ଼ିବ। କଳିଙ୍ଗନଗରରେ ଟାଟା ନିଜ ଉତ୍ପାଦନ ସାମର୍ଥ୍ୟ ବୃଦ୍ଧି ଯୋଜନା କରିଛି। ଲାଞ୍ଜିଗଡ଼ରେ ବେଦାନ୍ତ ଆଲୁମିନିୟମ ମଧ୍ୟ ଏଭଳି ଯୋଜନା କରିଛି। ଏଥିଲାଗି ବିପୁଳ ଖଣିଜ ସମ୍ପଦ ଆବଶ୍ୟକ। ଓଡ଼ିଶାରେ ଯେତିକି ଲୁହାପଥର, ମାଙ୍ଗାନିଜ, ବକ୍ସାଇଟ ଆଦି ରହିଛି ତାହା ଯେପରି ଆଉ କିଛି ବର୍ଷ ପର୍ଯ୍ୟନ୍ତ ଶିଳ୍ପ ଉତ୍ପାଦନକୁ ଜାରି ରଖିବ ସେଥିଲାଗି ଯୋଜନା ପ୍ରସ୍ତୁତ ହେବା ଉଚିତ। ଆମ ପରବର୍ତ୍ତୀ ପିଢ଼ି ପାଇଁ ମଧ୍ୟ ଆମକୁ କିଛି ଖଣିଜ ସମ୍ପଦ ସଞ୍ଚିତ କରି ରଖିବାକୁ ପଡ଼ିବ। ତା ସହିତ ପରିବେଶ ସୁରକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଅଣଦେଖା କରାଯାଇପାରିବନି। ତେବେ ପର୍ଯ୍ୟଟନ ଶିଳ୍ପ, କୃଷି ଭିତ୍ତିକ ଶିଳ୍ପ ଏବଂ ଆଇଟି ସେକ୍ଟରରେ ପୁଞ୍ଜିନିବେଶର ବିପୁଳ ସୁଯୋଗ ରହିଛି। ଏଥିପାଇଁ କମ ଜମିର ଆବଶ୍ୟକତା ରହିଛି। କିନ୍ତୁ ଏ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ରହିଛି। ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ଅନେକ ବ୍ୟାପକ ସୁଯୋଗ ରହିଛି। ଏହାର ଉପଯୋଗ କରାଯାଇନି। ଏହାକୁ ପ୍ରାଥମିକତା ଦିଆଯିବା ଉଚିତ। ସେହିପରି ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଏଠାରେ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠାର ସୁଯୋଗ ଏବଂ ଆବଶ୍ୟକତା ରହିଛି। ଏହା ଦ୍ୱାରା ଚାଷୀମାନେ ଉପକୃତ ହୋଇପାରିବେ ଏବଂ ରାଜ୍ୟର ଅର୍ଥନୀତି ସମୃଦ୍ଧ ହୋଇପାରିବ। ରାଜ୍ୟରେ ଅନେକ ଶିଳ୍ପ ବନ୍ଦ ହୋଇଯାଇଛି। ନୟାଗଡ଼ ଚିନିକଳଠାରୁ ଆରମ୍ଭ କରି ଏକଦା ଓଡ଼ିଶାର ଗୌରବର ପ୍ରତୀକ ଥିବା ଚୌଦ୍ୱାର ଓଟିଏମ ଅନେକ ବର୍ଷ ହେବ ବନ୍ଦ ହୋଇପଡ଼ିଛି। ଏହାର ପୁନରୁଦ୍ଧାର ନିହାତି ଜରୁରୀ। ନୂଆ ଶିଳ୍ପ ପ୍ରତିଷ୍ଠା ପୂର୍ବରୁ ଓଡ଼ିଶାରେ ପୁରୁଣା ଶିଳ୍ପର ପୁନରୁଦ୍ଧାର ଏକାନ୍ତ ଆବଶ୍ୟକ। ଏଥିପାଇଁ ଭିତ୍ତିଭୂମି ରହିଛି। କେବଳ ଯୋଜନାବଦ୍ଧ ନିବେଶର ଆବେଶ୍ୟକତା ରହିଛି। ଏବେ ଓଡ଼ିଶାରେ ଉନ୍ନତମାନର କପା ଉତ୍ପାଦନ ହେଉଛି। ଏହାକୁ ବିନିଯୋଗ କରି ଓଟିଏମ କାହିଁକି ପୁଣି ଚାଲିନପାରିବ? ଓଡ଼ିଶାରେ ଏହାର ବଡ଼ ବଜାର ମଧ୍ୟ ରହିଛି। କେବଳ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ଓଡ଼ିଶାରେ ଏବେ ଉନ୍ନତ ମାନର କଫି ଏବଂ ମକା ଉତ୍ପାଦନ ହେଉଛି। ତେଣୁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ହୋଇପାରିବ। ଶିଳ୍ପ ପ୍ରତିଷ୍ଠାକୁ ବିରୋଧ କରି ଆନ୍ଦୋଳନ ଫଳରେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପରିବେଶ କରାପ ହେଉଛି ଏବଂ ଓଡ଼ିଶାର ଭାବମୂର୍ତ୍ତୀ ନଷ୍ଟ ହେଉଛି। ଏଥିପାଇଁ ଅନେକ ବଡ଼ ବଡ଼ ଶିଳ୍ପ ସଂସ୍ଥା ଓଡ଼ିଶା ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି। ଏ ସମ୍ପର୍କରେ ଓଡ଼ିଶା ସରକାର ଗୁରୁତ୍ୱର ସହ ଚିନ୍ତା କରିବା ଉଚିତ। ଏବେ ଖବର ମିଳିଛି ଯେ, ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥ ନିମନ୍ତେ ଜମି ଅଧିଗ୍ରହଣକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଗ୍ରାମବାସୀ ବିରୋଧ କରୁଛନ୍ତି। ଏହା ଦୁର୍ଭାଗ୍ୟଜନକ। ଲୋକଙ୍କ ଏଭଳି ଚିନ୍ତାଧାରା ପରିବର୍ତ୍ତନ କରିବାକୁ ପ୍ରୟାସ କରାଯିବା ଉଚିତ। ଲୋକଙ୍କ ସହ ଆଲୋଚନା କରାଯାଇ ସେମାନଙ୍କର କ'ଣ ସମସ୍ୟା ରହିଛି ତାହାକୁ ଭଲଭାବେ ବୁଝି ଏହାକୁ ଦୂର କରିବା ନିମନ୍ତେ ପ୍ରୟାସ କରାଯିବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉ

ମହାଶୟ,

ରାସ୍ତାଘାଟରେ ଥିବା କେତେକ ରୋଡ୍ ଡିଭାଇଡର୍, ସ୍ପିଡ୍ ବ୍ରେକର୍, ଜେବ୍ରା କ୍ରସିଙ୍ଗ, ସାଙ୍କେତିକ ଚିହ୍ନ, ବ୍ରିଜ୍ ଧାରରେ ଥିବା ପ୍ରତିବନ୍ଧକ କାନ୍ଥ, ସେଫ୍ଟି ରିଫ୍ଲେକ୍ଟର୍, ଫଳକ ଇତ୍ୟାଦି ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୋଇନପାରି ଛୋଟବଡ ଦୁର୍ଘଟଣା ସହିତ ଜୀବନହାନି ଭଳି ମର୍ମାନ୍ତିକ ଘଟଣାମାନ ଘଟୁଛି। ଏହି ପରିପ୍ରେକ୍ଷୀରେ, କର୍ତ୍ତୃପକ୍ଷ ଏଗୁଡ଼ିକୁ ନିୟମିତ ବ୍ୟବଧାନରେ ଯାଞ୍ଚ କରି ନିୟମାନୁଯାୟୀ ସଠିକ୍ ଦୃଶ୍ୟମାନ ହେବାଭଳି ଦୀର୍ଘସ୍ଥାୟୀ ରଙ୍ଗ ଦ୍ୱାରା ଦର୍ଶାଇବା ଆବଶ୍ୟକ ଯେପରିକି ଖଣ୍ଡେ ଦୂରରୁ ଏବଂ ରାତିରେ ମଧ୍ୟ ଏଗୁଡିକ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୋଇପାରିବ। ଆବଶ୍ୟକ ମୁତାବକ ଏଗୁଡିକୁ ମରାମତି କରାଯାଇ ରଙ୍ଗ ଦିଆଯାଇ ପାରିବ। ଏଣୁ ବିନୀତ ଅନୁରୋଧ, ଆପଣ ମୋର ଏହି ଲେଖାଟିକୁ ଆପଣଙ୍କ 'ସଂଚାର' ପତ୍ରିକାର ସମ୍ପାଦକୀୟ ପୃଷ୍ଠାର 'ସମ୍ପାଦକ ଙ୍କୁ ପତ୍ର' ବିଭାଗରେ ପ୍ରକାଶ କରିବାର ସୁ ବନ୍ଦୋବସ୍ତ କଲେ ମୁଁ ଚିର ଉପକୃତ ହେବି।

ନବନିତ ପାଣିଗ୍ରାହି, ରାୟଗଡ଼ା

# ଅବତାର ନିତ୍ୟାନ୍ତ ଆବଶ୍ୟକ



**ଇଂ.ସଚ୍ଚିଦାନନ୍ଦ ନନ୍ଦ**

ଯେଉଁ ଅବତାର ନ ଆସିଥିଲେ ଆଜିର ମାନବ ସମାଜ ଦାନବ ସମାଜ ପାଲଟିଯାଇଥାନ୍ତା ଯିଏ ଅବତରୀ ନଥିଲେ ମାନବ ଜାତିର ଉତ୍ତରଣ ସମ୍ଭବ ହୋଇନଥାନ୍ତା, ଯିଏ ଆର୍ବିଭାବ ହୋଇନଥିଲେ ଧର୍ମଗୁରୁମାନେ ତାଙ୍କ ଶିଷ୍ୟବର୍ଗଙ୍କୁ ମାର୍ଗ ଦର୍ଶନ କରାଇପାରି ନଥାନ୍ତେ, ଯିଏ ଉଚିତ ସମୟରେ ଉପଯୁକ୍ତ ଶକ୍ତି ସାମର୍ଥ୍ୟସମ୍ପନ୍ନ ଐଶ୍ୱର୍ଯ୍ୟ ଧାରଣ କରି ଯଦି ଆସିନଥାନ୍ତେ ଅନୈତିକ ଚାକଚକ୍ୟରେ ଆକର୍ଷିତ ହୋଇଯାଉଥିବା ଜନମାନସକୁ ପୁନଃ ଧର୍ମାନୁମୋଦିତ ସଂସ୍କୃତି ସମ୍ପନ୍ନ କରାଇବା ଅସମ୍ଭବ ହୋଇଥାନ୍ତା। ଯିଏ ନ ଆସିଥିଲେ ସମଗ୍ର ବିଶ୍ୱର ଅବସ୍ଥା ହିଂସ୍ରଜନ୍ତୁପୂର୍ଣ୍ଣ ଜଙ୍ଗଲରେ ପରିଣତ ହୋଇଯାଇଥାନ୍ତା। ଯିଏ ନ ଆସିଥିଲେ ପରିବାରର ସଦସ୍ୟମାନେ ସେମାନଙ୍କ ସମୁଚିତ କର୍ତ୍ତବ୍ୟ କ'ଣ ଜାଣିପାରି ନଥାନ୍ତେ। ଯିଏ ନ ଆସିଥିଲେ ତଥାକଥିତ ପଣ୍ଡିତମାନେ ଆପ୍ତବାକ୍ୟର ପ୍ରକୃତ ଅର୍ଥ ବ୍ୟାଖ୍ୟା କରି ନପାରି ତାହାକୁ କଦର୍ଥ କରୁଥାନ୍ତେ। ଯାହାଙ୍କ ଅନୁପସ୍ଥିତିରେ ମଣିଷ କେବଳ ଆକାର ମଣିଷ ହୋଇ ଅମଣିଷ ଭଳି ଅପକର୍ମ ଗୁଡ଼ିଏ କରୁଥାନ୍ତା। ଯାହାଙ୍କ ବିନା ଭାରତୀୟ ସଂସ୍କୃତି ମଧ୍ୟ ତାହାର ମହତ୍ୱ ହରାଇ ପୁରାଣ ଇତିହାସ ଭଳି ଅଲୋଡ଼ା ହୋଇପଡ଼ିଥାନ୍ତା। ଯାହାଙ୍କ ଆଗମନ ହୋଇ ନଥିଲେ ଏ ଭୂଖଣ୍ଡରେ ଥିବା ସହସ୍ର ସହସ୍ର ଦେବଦେବୀ ମନ୍ଦିରରେ ଦିଅଁମାନେ ସେମାନଙ୍କର ପ୍ରାପ୍ୟ ପୂଜା ଆରାଧନା ହରାଇ ବସିଥାନ୍ତେ। ଦିଅଁ ଦେବତା ଜ୍ଞାନ ନଥିବା ସମାଜର ଗତି ଯେଉଁଆଡ଼କୁ ଯାଉଥାନ୍ତା ତାକୁ ବାଧା ଦେଇ ପୁନଃ ପ୍ରତିଷ୍ଠା କରାଇବାରେ କିଏ ସମର୍ଥ ହୋଇଥାନ୍ତା? ଗୃହସ୍ଥମାନେ ତାଙ୍କ ଜୀବନର ସମସ୍ତ କିଛି ଦେଇ ଯେଉଁ ବାସଗୃହ ଖଣ୍ଡେ ନିର୍ମାଣ କରିଥିଲେ ସନ୍ତାନମାନେ ତାହାକୁ କରାୟତ୍ତ କରିନେଇ ବୃଦ୍ଧ ବୟସ୍କ ମାନଙ୍କୁ ସିଡିଘରର ତଳକୁ ପଠାଇ ଦେଇଥାନ୍ତେ। ଅବତାର ତାଙ୍କର ଅଲୌକିକ ଶକ୍ତି ବଳରେ ଆଖି ଥାଇ ଅନ୍ଧ ପାଲଟିଥିବା ମାନବ ସମାଜକୁ ପୁନଃ ଦୃଷ୍ଟିଶକ୍ତି ପ୍ରଦାନ କରି ତାଙ୍କର କର୍ତ୍ତବ୍ୟ ପ୍ରତି ସଚେତନ କରାଇ ପୁରୁଷ ପରେ ପୁରୁଷ ଧରି ଯେଉଁ ସଦୟ କୃପା ପ୍ରଦାନ କରନ୍ତି ତାହା ଅଚିନ୍ତନୀୟ। ପରିବାରର ପବିତ୍ରତା, ମାନବ ବସତିର ନିରୋଳ ଭକ୍ତିପୂର୍ଣ୍ଣ ବାତାବରଣ, ଗୁରୁଜନ ମାନଙ୍କର ସ୍ନେହପୂର୍ଣ୍ଣ ଶାସନ, ଯୁବକମାନଙ୍କ ଦାବି ସହିତ ସେମାନଙ୍କର ଦାୟିତ୍ୱ ଜ୍ଞାନ, ମହିଳା ମାନଙ୍କ ଠାରେ ଥିବା ସହଜାତ କୋମଳତା, ସେବା ଭାବ, ଅତିଥି ପରାୟଣତା, ଗୃହାଙ୍ଗନକୁ ସ୍ୱର୍ଗରେ ପରିଣତ କରିବାର ଦକ୍ଷତା, ଶିଶୁମାନଙ୍କ ଠାରେ ଆଜ୍ଞାନୁବହତା, ଅଧ୍ୟବସାୟ, ଶିକ୍ଷା ଆହରଣ କରିବାର ଉତ୍ସୁକତା, ବନ୍ଧୁମାନଙ୍କ ଠାରେ ପାରସ୍ପରିକ ସ୍ନେହ, ବଡ଼ାଣିଆ ଭାବ ପରିବେର୍ତ୍ତ ପ୍ରେମାର୍ଦ୍ରଭାବ ଅବତାରଙ୍କ ବ୍ୟତୀତ କିଏ ପୁନସ୍ଥାପିତ କରାଇପାରନ୍ତା?

ପୃଥିବୀରେ ଯେତେ ଭିନ୍ନ ଭିନ୍ନ ଦେଶ ଅଛି, ସେଠାକାର ପୂର୍ବଜ ମାନଙ୍କ ସାଧନା ବଳରେ ତାଙ୍କ ଭୂଖଣ୍ଡର ଯେ ଗୋଟାଏ ସଂସ୍କୃତି ଅଛି ଏବଂ ତାହାର ପାଳନ ଓ ଅନୁସରଣ ସେ ଦେଶବାସୀଙ୍କୁ ନିଜ ପିତାଙ୍କ ଭଳି ସୁରକ୍ଷା ପ୍ରଦାନ କରେ ତାହାର ବିପରୀତ ହେଲେ ତାହା ପରିଣାମ କିପରି ବିଷମୟ ହୁଏ ସେ ଶିକ୍ଷା କିଏ ଦେଇଥାନ୍ତା? ନିଜ ନିଜର ସଂସ୍କୃତିକୁ ଭଲ ଭାଇବା ଓ ତାହାର ପ୍ରଭାବରେ ନିଜେ ସଂସ୍କାରିତ ହେବାର ଦୀକ୍ଷା ଦେବାଭଳି କଠିନତମ ଦାୟିତ୍ୱ ଅବତାରଙ୍କ ବ୍ୟତୀତ କିଏ ଆପଣା ଛାଏଁ ବହନ କରନ୍ତା?

ଭଗବାନଙ୍କର ଏ ସୃଷ୍ଟି ଏହାର ଅନ୍ତରାଳରେ ନିହିତ ଥିବା ସେ ସତ୍ୟକୁ ଜାଣିବା ଓ ବୁଝିବାର ଶକ୍ତି, ସତ୍ୟକୁ ବୁଝି ତାହାକୁ ଦୈନନ୍ଦିନ ଜୀବନରେ ପାଳି ସେଥିରୁ ଲାଭବାନ ହେବା ପରିଶେଷରେ ଏକ ଲାଭପ୍ରଦ ମୃତ୍ୟୁ ହାସଲ କରିବାର କଳା ଅବତାରଙ୍କ ଭିନ୍ନ ଆଉ କିଏ ଆମ ହାତ ଧରି ଶିଖାଇ ଦେଉଥାନ୍ତା? ମାନବ ଜୀବନ, ମାନବ ଶରୀର, ମାନବ ଜନ୍ମ ଲାଭ କରିବାର ଉଦ୍ଦେଶ୍ୟ, ଜୀବନର ଲକ୍ଷ୍ୟ, ଲକ୍ଷ୍ୟ ହାସଲ କରିବାର ପଥ ନିର୍ବାଚନ ସେ ପଥର ଆବଶ୍ୟକ ରକ୍ଷଣାବେକ୍ଷଣ ଓ ମରାମତି କରାଇ ଅବାଟରେ ଯାଉଥିବା ଲୋକମାନଙ୍କୁ ସଠିକ ମାର୍ଗରେ ଚଳାଇବା ଭଳି ଦୁରହବ୍ୟାପାର କାହାକୁ ସରଳ ମନେହୁଅନ୍ତା ଅବତାରଙ୍କ ବିନା?

ପୁରାକାଳର ଦିବ୍ୟଦ୍ରଷ୍ଟା ଯୋଗୀଋଷିମାନେ ତାଙ୍କ ତପସ୍ୟା ବଳରେ ଯେଉଁ ଦୁର୍ଲ୍ଲଭ ଅଭିଜ୍ଞତା ହାସଲ କରିଥିଲେ, ଯେଉଁ ଅବ୍ୟର୍ଥ ମନ୍ତ୍ରମାନ ହାସଲ କରିଥିଲେ, ମାନବ ସମାଜର ଉପକାର ପାଇଁ ଅକାତରେ ନିଃସ୍ୱାର୍ଥ ଭାବ ସହ ପ୍ରଦାନ କରିଦେଇ ଯାଇଛନ୍ତି। ତାହାସବୁ ଅବମାନିତ ହୋଇ ଅନାବଶ୍ୟକ ତତ୍ତ୍ୱ ହିସାବରେ ମାନବ ସମାଜର ଅଗୋଚରରେ ନଷ୍ଟ ହୋଇଯିବାକୁ ବସିଥିଲାବେଳେ ଅବତାର ପୁରୁଷମାନେ ଆସି ତାହାର ପୁର୍ନରତ୍ଥାନ କରାଇ ମଣିଷର ଅଶେଷ ଉପକାର ସାଧନ କରାଇଥାନ୍ତି। ଉପନିଷଦ, ସଂହିତା, ସ୍ମୃତିଶାସ୍ତ୍ର ଓ ବିଭିନ୍ନ ସ୍ଥାନୀୟ ଭାଷାରେ ଲିଖିତ ବହୁ ଅମୂଲ୍ୟରତ୍ନମାନ ସାଉଁଟି ଆଣି ପୁର୍ନବାର ଲୋକ ସମାଜରେ ପ୍ରବର୍ତ୍ତନ କରାଇ ଲୋକ ମର୍ଯ୍ୟାଦା, ଋଷି ମର୍ଯ୍ୟାଦା, କବି ମର୍ଯ୍ୟାଦା, ଶାସ୍ତ୍ର ମର୍ଯ୍ୟାଦା, ମନ୍ତ୍ର ମର୍ଯ୍ୟାଦାକୁ ଫେରାଇ ଆଣି ପୁରାତନକୁ ସନାତନ କରାଇବାର କ୍ଷମତା କେବଳ ଅବତାରଙ୍କର ହିଁ ଥାଏ। ଏହାଦ୍ୱାରା ସେ ତାଙ୍କ ନିଜ ସୃଷ୍ଟିର ପରମ ମଙ୍ଗଳ ସାଧନ କରିବା ସହ ଯୁଗ ଯୁଗ ପାଇଁ ପୂଜନୀୟ ଓ ସ୍ମରଣୀୟ ହୋଇ ଅମରତ୍ୱ ପ୍ରାପ୍ତ ହୋଇଯାଆନ୍ତି। ପର୍ବପର୍ବାଣୀ ପାଳନ ଅନ୍ତରାଳରେ ଥିବା ନିହିତ ତାତ୍ପର୍ଯ୍ୟ ଜ୍ଞାପନ କରାଇ ଲୋକମାନଙ୍କର ଜୀବନଯାପନର ଶୈଳୀ ତ୍ୱରାନ୍ୱିତ କରାଇ ପର୍ବପର୍ବାଣୀକୁ ପାଳନ ପୂର୍ବକ ତାହାର ଆଧ୍ୟାତ୍ମିକ ଉତ୍ତରଣକୁ ସୁନିଶ୍ଚିତ କରାଇ ମର୍ତ୍ତ୍ୟଲୋକ ତଥା ଦେବଲୋକରେ ଭଗବାନଙ୍କ ପ୍ରିୟ ହେବାର କଳାକୌଶଳ ଅବତାରଙ୍କ ବିନା କିଏ ବା ଶିଖାଇ ପାରିଥାନ୍ତା। ପର୍ବପର୍ବାଣୀ ଦୂରେ ଥାଉ ପ୍ରତ୍ୟେକଟି ଦିବସକୁ କିପରି ପାଳନ କରିବାକୁ ହୁଏ ତାହା ଶିଖାଇବା ମଧ୍ୟ ଅବତାର ଛାଡ଼ନ୍ତି ନାହିଁ। ପରସ୍ପର ଭିତରେ କଥାବାର୍ତ୍ତାରେ, ସଂଯମ ଅଭାବରୁ କେବଳ ପରିବାର ଭାଙ୍ଗି ଯାଉନାହିଁ, ଗାଁ ଗାଁ, ସାହି ସାହି ଏପରିକି ଦେଶ ଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଯାଉଛି। ଏହାର ସମାଧାନ କୌଣସି ରାଷ୍ଟ୍ରମୁଖ୍ୟଙ୍କ ଦ୍ୱାରା ସମ୍ଭବ ହେଉନାହିଁ। କେବଳ ଅବତାରଙ୍କ ପ୍ରଦତ୍ତ ଶିକ୍ଷା ଅବଲମ୍ବନରେ ହିଁ ତାହାର ପ୍ରଶମନ ସମ୍ଭବ। ସର୍ବୋପରି ସବୁଠାର ଦୁର୍ବୋଧ୍ୟ ତତ୍ତ୍ୱ (ଈଶ୍ୱର, ପ୍ରକୃତି, ଜୀବଜଗତ) ଯାହାକୁ ଏ ପର୍ଯ୍ୟନ୍ତ କେହି ପରିଷ୍କାର ଭାବେ ବୁଝି ବୁଝାଇ ପାରିନାହାନ୍ତି ତାହା ମଧ୍ୟ କେବଳ ଅବତାର କରିପାରନ୍ତି। ଭଗବାନ ଶ୍ରୀସତ୍ୟସାଇ ବାବା ସେଭଳି ଜଣେ ଅବତାର ଭାରତ ଭୂଖଣ୍ଡରେ ଜନ୍ମି ଭାରତକୁ ଚିର ଗୌରବାନ୍ୱିତ କରି ଏହି ମାତ୍ର ନିକଟ ଅତୀତରେ ଇହଲୀଳା ସମ୍ବରଣ କରି ପାରଲୌକିକ ଲୀଳାରେ ନିୟୋଜିତ। ସେ ତାଙ୍କ ପ୍ରେମଶକ୍ତି ବଳରେ ଉପଯୁକ୍ତ ସାଧକମାନଙ୍କୁ ଦୈବତ୍ୱ ମଣ୍ଡିତ କରି ତାଙ୍କ ନିଜ ସଂକଳ୍ପକୁ ସାକାର କରିବାରେ ଦିବ୍ୟାନନ୍ଦ ଉପଭୋଗ କରୁଛନ୍ତି।

ଅଲିଶା ବଜାର, କଟକ
ମୋବାଇଲ୍: ୯୩୩୭୨୪୨୯୫୫

# ପରିବର୍ତ୍ତନଶୀଳ ଗଣମାଧ୍ୟମ



**ପ୍ରସନ୍ନ କୁମାର ପାଇକରାୟ**

ପ୍ରତ୍ୟେକ ବର୍ଷ ଜାତୀୟ ପ୍ରେସ ଦିବସ ଉପଲକ୍ଷେ ଜାତୀୟ ପ୍ରେସ ପରିଷଦ ବା ପ୍ରେସ କାଉନସିଲ ଅଫ ଇଣ୍ଡିଆ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଜନସାଧାରଣରେ ଆଲୋଚନା କରିବା ପାଇଁ ସ୍ଥିରକୃତ କରିଥାଏ। ଚଳିତ ବର୍ଷର ବିଷୟବସ୍ତୁ- 'ଦି ଚେଞ୍ଜିଙ୍ଗ ନେଚର ଅଫ ପ୍ରେସ 'ଏହାର ଓଡ଼ିଆ ଭାବାର୍ଥ ହେଉଛି 'ଗଣମାଧ୍ୟମର ପରିବର୍ତ୍ତନଶୀଳ ପ୍ରକୃତି ବା ରୂପ'। ବିଗତ ଦୁଇ ଦଶନ୍ଧି ମଧ୍ୟରେ ସାରା ବିଶ୍ୱରେ ସାମ୍ବାଦିକତା ଏବଂ ଗଣମାଧ୍ୟମରେ ଅନେକ ପରିବର୍ତ୍ତନ ଆସିଛି। ମୁଦ୍ରିତ ଗଣମାଧ୍ୟମର କ୍ରମ ବିକାଶ ସହିତ ବୈଦ୍ୟୁତିକ ଗଣମାଧ୍ୟମର ଉଦ୍ଭବ ହୋଇଛି ଏବଂ ବର୍ତ୍ତମାନ ଆମେ ସମସ୍ତେ ଡିଜିଟାଲ ମିଡ଼ିଆର ଯୁଗରେ ପହଞ୍ଚିଛୁ। ଏକଦା ଖବରକାଗଜ ରେଡ଼ିଓ, ଟେଲିଭିଜନ, ବିଭିନ୍ନ ପତ୍ରିକା ଏବଂ ଗାଁ ଗହଳିରେ ଢେଙ୍ଗୁରା ମାଧ୍ୟମରେ ଜନସାଧାରଣ ଖବର ଜାଣିବାର ପ୍ରଧାନ ମାଧ୍ୟମ ଥିଲା। ହେଲେ ବର୍ତ୍ତମାନର ଯୁଗ ସୂଚନା ପ୍ରଯୁକ୍ତି ବିଦ୍ୟାର। ସମୟ ବଦଳିବା ସହ ବୈଷୟିକ ଜ୍ଞାନ କୌଶଳର ପ୍ରଭାବ ବିସ୍ତାର ଯୋଗୁଁ ସାମ୍ବାଦିକତାରେ ଅନେକ ପରିବର୍ତ୍ତନ ଘଟିଛି। ପୂର୍ବ ଓ ପରବର୍ତ୍ତୀ ସମୟ ତୁଳନାରେ ବର୍ତ୍ତମାନ ଗଣମାଧ୍ୟମର ଆକାର, ପ୍ରକୃତି ତଥା ପରିସର ବଦଳିଛି ଓ ବ୍ୟାପକ ହୋଇଛି। ସମସ୍ତଙ୍କ ହାତରେ ଆଣ୍ଡ୍ରଏଡ଼ ମୋବାଇଲ ଫୋନ। ବିଜୁଳି ବେଗରେ ଖବର ପହଞ୍ଚି ଯାଉଛି ପୃଥିବୀର କୋଣ ଅନୁକୋଣରେ। ମୋବାଇଲ ଇଣ୍ଟରନେଟ ଏବଂ ସାମାଜିକ ଗଣମାଧ୍ୟମ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ପାରମ୍ପରିକ ଗଣମାଧ୍ୟମ ଗୁଡିକ ନୂତନ ଇଣ୍ଟରନେଟ ଦ୍ୱାରା ପରିଚାଳିତ ଫେସବୁକ, ଟ୍ୱିଟର, ଗୁଗଲ, ୟୁଟ୍ୟୁବ, ଇନଷ୍ଟାଗ୍ରାମ, ଲିଙ୍କଡ଼ଇନ, ହ୍ୱାଟ୍ସଆପ ଭଳି ଅନେକ ଡିଜିଟାଲ ପ୍ଲାଟ ଫର୍ମରେ ଭିନ୍ନ ଭିନ୍ନ ଢଙ୍ଗରେ ସମ୍ବାଦ ପରିବେଷଣ କରୁଛନ୍ତି। ଏହା ଗଣମାଧ୍ୟମର ସ୍ୱର ହୋଇପାରିଛି। ତା ଦ୍ୱାରା ଲକ୍ଷ ଲକ୍ଷ ଲୋକ ଗୋଟିଏ ଗୋଟିଏ ଖବର ଉପରେ ଫୋକସ କରୁଛନ୍ତି। ଏଣୁ ବର୍ତ୍ତମାନ ଗଣମାଧ୍ୟମର ସ୍ୱର ଅନେକ ପରିବର୍ତ୍ତନ ହୋଇଛି। ସାମାଜିକ ଗଣମାଧ୍ୟମ ଦୂରଦୂରାନ୍ତରେ ଥିବା ଅନ୍ୟ ମଣିଷ ସହିତ ଖୁବ ସହଜରେ ଯୋଡିବାର ପ୍ରୟାସ ଜାରି ରଖିଛି। ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ଘଟୁଛି। ଅନେକଙ୍କୁ ରୋଜଗାରର ମାଧ୍ୟମ ସାଜିଛି ସାମାଜିକ ଗଣମାଧ୍ୟମ। ସବୁଠାରୁ ବଡ଼ କଥା ହେଲା ଉପରୋକ୍ତ ସୋସିଆଲ ମିଡ଼ିଆ ତଥା ଅଗଣିତ ରିଅଲ ଟାଇମ ନ୍ୟୁଜ ଆପ, ବ୍ଲଗ ଅସରନ୍ତି ଖବରର ଉତ୍ସ ପାଲଟି ଯାଇଛନ୍ତି। ପୂର୍ବରୁ ପାରମ୍ପରିକ ଗଣମାଧ୍ୟମରେ ସାଧାରଣ ଜନତାର ଆର୍ତ୍ତନାଦ କିମ୍ବା ଆନନ୍ଦ ପ୍ରକାଶିତ ତଥା ଦେଶ ବା ରାଜ୍ୟର ଶାସନ ସମ୍ପର୍କରେ କିମ୍ବା ଘଟଣା ଦୁର୍ଘଟଣା ସମ୍ପର୍କରେ ମତାମତ ଦେବା ସମ୍ଭବ ହୋଇପାରୁନଥିଲା। ନୂତନ ଗଣମାଧ୍ୟମ ଗୁଡିକ ପାରମ୍ପରିକ ସମ୍ବାଦପତ୍ର, ସାମ୍ବାଦିକ, ପାଠକ ଓ ଦର୍ଶକମାନଙ୍କୁ ବିଭିନ୍ନ ଢଙ୍ଗରେ ପ୍ରଭାବିତ କରିବା ଦେଖାଯାଉଛି। ସାମାଜିକ ଗଣମାଧ୍ୟମ ସାଧାରଣ ଜନତାର ସୁଖ, ଦୁଃଖ, କ୍ରୋଧ ଚିନ୍ତା ସୃଜନଶୀଳତାର ପରିପ୍ରକାଶ ମାଧ୍ୟମ ସାଜିଛି। ଏବେ ପାରମ୍ପରିକ ଗଣମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ପରିଲକ୍ଷିତ ହେଉଛି, ତାହା ହେଲା ମୁଦ୍ରଣ ଖବରକାଗଜ ଏବଂ ପତ୍ରିକାର ହ୍ରାସ ଓ ସେମାନଙ୍କର ଡିଜିଟାଲ ଉପସ୍ଥିତ ଅଧିକ ଭାବେ ସାବ୍ୟସ୍ତ କରିବାର ପ୍ରୟାସ। ଏହାର ପ୍ରମୁଖ କାରଣ ଡିଜିଟାଲ ମିଡ଼ିଆର କ୍ରମବର୍ଦ୍ଧିଷ୍ଣୁ ଆକାର ଯୋଗୁଁ ପାରମ୍ପରିକ ଗଣମାଧ୍ୟମର ବିଜ୍ଞାପନର ଆୟ ଆଶ୍ଚର୍ଯ୍ୟଜନକ ଭାବେ ହ୍ରାସ ପାଇଛି। କେତେକ ପାରମ୍ପରିକ ଗଣମାଧ୍ୟମ ସମୟର ଆବଶ୍ୟକତାକୁ ଅନୁଭବ କରି ନିଜର କାର୍ଯ୍ୟଶୈଳୀରେ ପରିବର୍ତ୍ତନ କରୁଥିବା ବେଳେ ଅନେକ ଗଣମାଧ୍ୟମ ଏହି ପ୍ରତିଯୋଗିତାରେ ସଫଳତାର ସହିତ ଦୌଡ଼ି ନପାରିବାରୁ ନିଜର ସଂସ୍ଥାକୁ ବନ୍ଦ କରିଦେଉଛନ୍ତି। ଡିଜିଟାଲ ଗଣମାଧ୍ୟମ ଦ୍ୱାରା ଅନେକ ଖର୍ଚ୍ଚ ହ୍ରାସ ହୋଇପାରିବା ସହିତ ପାଠକ ଓ ଦର୍ଶକମାନଙ୍କ ନିକଟରେ ଖୁବ କମ ସମୟ ଓ ସବୁ ସମୟରେ ପହଞ୍ଚି ହେଉଥିବାରୁ ଏହା ବର୍ତ୍ତମାନ ଅଧିକ ଜନାଦୃତ ଲାଭ କରୁଛି। ୨୦୦୫ ମସିହାରେ ୟାହୁ ଓ ଫେସବୁକର ଜନ୍ମ ହେଲା, ସେହିପରି ୨୦୦୬ ଟ୍ୱିଟର ଅନ୍ୟାନ୍ୟ ମାଧ୍ୟମ ମାନଙ୍କର ପ୍ରବେଶ ଘଟିଥିଲା। ଏହାଦ୍ୱାରା ବିଭିନ୍ନ ରାଷ୍ଟ୍ରରେ ନିଜର ଆଧିପତ୍ୟ ବିସ୍ତାର କଲା ସାମାଜିକ ଗଣମାଧ୍ୟମ। ଅପ୍ରେଲ ୨୦୨୪ ତଥ୍ୟ ଅନୁସାରେ ପୃଥିବୀର ୨.୪ ବିଲିୟନ ଲୋକ ଇନଷ୍ଟ୍ରଗ୍ରାମ ବ୍ୟବହାର କରୁଥିବା ବେଳେ ଭାରତରେ ୩୮୫.୩୫% ମିଲିୟନ ବ୍ୟବହାର କରୁଛନ୍ତି। ସର୍ବାଧିକ ବ୍ୟବହାରୀଙ୍କ ବୟସ ୧୮-୨୪=୩୧-୭%, ୨୫-୩୪=୩୦.୬%, ୩୫-୪୪= ୧୬%। ମୋଟ ଜନସଂଖ୍ୟାର ପୁରୁଷ ୫୦.୬%, ମହିଳା ୪୯.୪% ବ୍ୟବହାର କରିଥାନ୍ତି। ସେହିପରି ୟୁଟୁବ ବ୍ୟବହାରକାରୀଙ୍କ ସଂଖ୍ୟା ୨.୫ ବିଲିୟନ ଏବଂ ଭାରତରେ ୪୬୨ ମିଲିୟନ ବ୍ୟବହାର କରିଥାନ୍ତି। ସେହିପରି ଫେସବୁକ ବ୍ୟବହାର କାରୀଙ୍କ ସଂଖ୍ୟା ମାସକୁ ପ୍ରାୟ ୩ ବିଲିୟନ ଏବଂ ଭାରତରେ ୩୭୮ ମିଲିୟନ ଜନସାଧାରଣ ବ୍ୟବହାର କରିଥାନ୍ତି। ବ୍ୟବହାରକାରୀଙ୍କ ବୟସ ୧୮-୨୪=୩୧.୧%, ୨୫-୩୪ =୨୦.୧%, ୩୫-୪୪ = ୧୧.୯%, ୪୫-୫୪ =୮.୬%, ୫୫-୬୪ =୬%। ମୋଟ ଜନ ସଂଖ୍ୟାର ପୁରୁଷ ୫୬.୫%, ମହିଳା ୪୩.୫% ବ୍ୟବହାର କରିଥାନ୍ତି। ଏଥିରୁ ସ୍ପଷ୍ଟ ହୁଏ ଯେ ବର୍ତ୍ତମାନ ସାମାଜିକ ଗଣମାଧ୍ୟମ ମଣିଷ ଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ମଣିଷ ସମାଜ ଏହାଦ୍ୱାରା ସମ୍ପୂର୍ଣ୍ଣ କବଳିତ। ପ୍ରାୟ ୯୦ ଶତକଡ଼ା ଛାତ୍ରଛାତ୍ରୀ ସାମାଜିକ ଗଣମାଧ୍ୟମ ବ୍ୟବହାର କରନ୍ତି। ଦେଶର ପ୍ରମୁଖ ଇଂରାଜୀ ଖବରକାଗଜ ଯଥା ହିନ୍ଦୁସ୍ତାନ ଟାଇମ୍ସ, ଟାଇମ୍ସ ଅଫ ଇଣ୍ଡିଆ, ଏସିଆନ ଏଜ, ଡେକାନ କ୍ରୋନିକଲ ଏବଂ ପାଓନିୟରର ଭଳି ପ୍ରମୁଖ ଜାତୀୟ ସମ୍ବାଦପତ୍ର ବର୍ତ୍ତମାନ ସେମାନଙ୍କର ଡିଜିଟାଲ ଉପସ୍ଥିତିକୁ ଅଧିକ ମାତ୍ରାରେ ସାବ୍ୟସ୍ତ କରିବା ଲାଗି ପ୍ରୟାସ କରୁଥିବା ବେଳେ ଆମ ଓଡ଼ିଶାର ଓଡ଼ିଆ ଖବରକାଗଜ ପ୍ରମେୟ, ସମ୍ବାଦ, ସମାଜ, ଧରିତ୍ରୀ, ସକାଳ, ପ୍ରଭୃତି ଖବରକାଗଜ ସମେତ କନକ, ଓଟିଭି, ନ୍ୟୁଜ ୭, ନ୍ୟୁଜ ୧୮, ଅର୍ଗସ, ନନ୍ଦିଘୋଷ ଭଳି ଓଡ଼ିଆ ଟେଲିଭିଜନ ଚ୍ୟାନେଲ ଗୁଡିକ ମଧ୍ୟ ଡିଜିଟାଲ ପ୍ଲାଟଫର୍ମକୁ ବେଶ ପ୍ରାଧାନ୍ୟ ଦେଇଥିବା ଦେଖାଯାଏ। ଡିଜିଟାଲ ସମ୍ବାଦ ପରିବେଷଣ କରୁଥିବା ସଂସ୍ଥା ଗୁଡ଼ିକର ସବୁଠୁ ବଡ଼ ଉପଯୋଗୀତା ହେଲା ଏଥିରେ ପାଠକ ବା ଦର୍ଶକ ସିଧାସଳଖ ନିଜ ନିଜର ଭାବର ଆଦାନ ପ୍ରଦାନ କରିପାରିବେ। ବର୍ତ୍ତମାନର ଡିଜିଟାଲ ଯୁଗ ସମ୍ବାଦ ପରିବେଷଣ ପଦ୍ଧତି ଓ ସାମ୍ବାଦିକ ମାନଙ୍କ କାର୍ଯ୍ୟ ଶୈଳୀରେ ଅନେକ ପରିବର୍ତ୍ତନ ଆଣିଛି। କୌଣସି ଗଣମାଧ୍ୟମ ବା ସାମ୍ବାଦିକ ନିଜ ଢଙ୍ଗରେ ବା ମନମୁତାବକ ସମ୍ବାଦ ପରିବେଷଣ କରି ରହିପାରିବ ନାହିଁ। କାରଣ ଏହି ଇଣ୍ଟରାକ୍ଟିଭ ଆଉଟଲେଟ ଗୁଡ଼ିକରେ ପାଠକ ଓ ଦର୍ଶକ ନିଜର ପ୍ରତିକ୍ରିୟା ପ୍ରକାଶ କରୁଥିବାରୁ ସେମାନଙ୍କୁ ଅଧିକ ସଚେତନ ହୋଇ ବିଶ୍ୱାସନୀୟ ଖବର ପରିବେଷଣ କରିବାକୁ ପଡୁଛି। କହିବାକୁ ଗଲେ ସୂଚନା ଓ ସମ୍ବାଦ ପ୍ରସାରଣରେ ଏବେ ଅନେକ ବିବିଧତା ସୃଷ୍ଟି ହୋଇଛି। ସାଧୁତା, ସ୍ୱଚ୍ଛତା ଓ ସତ୍ୟ ସମ୍ବାଦ ପରିବେଷଣ ସାମ୍ବାଦିକ ଓ ସମ୍ବାଦପତ୍ର ଗୁଡ଼ିକର ବ୍ରତ ଓ ଧର୍ମ ବୋଲି କୁହାଯାଏ। ସକାରାତ୍ମକ, ମୂଲ୍ୟବୋଧ, ତଥ୍ୟଭିତିକ, ଅନୁସନ୍ଧାନ ମୂଳକ ଖବର ସମାଜରେ ପ୍ରଭାବ ପକାଇଥାଏ। ଜନମତକୁ ପ୍ରଭାବିତ କରିବାରେ ଗଣମାଧ୍ୟମ ସବୁଠୁ ଶକ୍ତିଶାଳୀ ଭୂମିକା ଗ୍ରହଣ କରିଥାଏ। ସାମ୍ବାଦିକତା ସାମାଜକୁ ସୁଦୃଢ଼ କରେ, ଜନମତ ସୃଷ୍ଟି କରେ ଏବଂ ପ୍ରଶାସନକୁ ଜବାବ ଦେବା ପାଇଁ ବାଧ୍ୟ କରେ। ଏହା ଦ୍ୱାରା ଗଣତନ୍ତ୍ର ସୁସ୍ଥ ଓ ସମୃଦ୍ଧ ରହିଥାଏ। ଆଜିର ଗଣମାଧ୍ୟମ କେବଳ ସମ୍ବାଦ ପରିବେଷଣ କରୁନାହିଁ ବରଂ ସରକାରଙ୍କୁ ମଧ୍ୟ ଉତ୍ତରଦାୟୀ କରିବା ସହିତ ଗୁରୁତ୍ୱପୂର୍ଣ୍ଣ ସାମାଜିକ ପ୍ରସଙ୍ଗରେ ଆଲୋକ ପ୍ରଦାନ କରୁଛି। ସ୍ୱାଧୀନତା ସଂଗ୍ରାମ କାଳରେ ସାମ୍ବାଦିକ ମାନେ ସତ୍ୟ ଘଟଣା ଉପରେ ଖବର ପରିବେଷଣ କରି ବ୍ରିଟିଶ ଶାସନକୁ ଦୋହଲାଇ ଦେଇଥିଲେ। ଏହିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବଜାୟ ରଖିବା ପାଇଁ ପ୍ରମୁଖ ସମ୍ବାଦପତ୍ର ଓ ପ୍ରତିଷ୍ଠିତ ସାମ୍ବାଦିକ ମାନେ ସର୍ବଦା ବ୍ରତୀ ହେବା ଦରକାର।




ପରିବର୍ତ୍ତନ ପ୍ରକୃତିର ନିୟମ, ପରିବର୍ତ୍ତନ ସହିତ ଆମକୁ ତାଳ ଦେଇ ଗତି କରିବାକୁ ହେବ। ଆଗାମୀ ଦିନରେ ଗଣମାଧ୍ୟମର ଭବିଷ୍ୟତ ନୀତି ଆଉ ଗତି ନୂତନ ପ୍ରଯୁକ୍ତି ବିଦ୍ୟା ଏବଂ ଅଭିନବ ବ୍ୟବସାୟ ମଡେଲ ଗୁଡ଼ିକର ସମ୍ମିଶ୍ରଣକୁ ନେଇ ନିରୂପିତ ହେବ। ଏହାଦ୍ୱାରା ଉଚ୍ଚ ମାନର ସାମ୍ବାଦିକତା ବଜାୟ ରଖିବା ଏକ ବଡ଼ କଷ୍ଟକର ବ୍ୟାପାର ହୋଇପଡ଼ିବ। ଠିକ ଏହି ସମୟରେ କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସମ୍ବାଦ ସଂଗ୍ରହ ଓ ତଥ୍ୟ ପରିବେଷଣ ଓ ବିଶ୍ଳେଷଣ ପାଇଁ ନୂଆ ସୁଯୋଗ ସୃଷ୍ଟି କରିଛନ୍ତି। ଆଗାମୀ ଦିନକୁ ଦୃଷ୍ଟିରେ ରଖି ଗଣମାଧ୍ୟମ ନିଜକୁ ବିକଶିତ କରିବାର ନିଜସ୍ୱ ପଥ ପ୍ରସ୍ତୁତ କରିବାକୁ ପଡ଼ିବ। ଉଭୟ ପାରମ୍ପରିକ ଓ ଡିଜିଟାଲ ସମ୍ବାଦ ଉପଭୋକ୍ତାଙ୍କ ଚାହିଦାକୁ ସନ୍ତୁଳିତ ମାଧ୍ୟମରେ ପୂରଣ କରିପାରିଲେ ଏହା ସେମାନଙ୍କର ଶ୍ରଦ୍ଧା ଓ ଆଦୃତ ଲାଭ କରିପାରିବ। ଆଜିର ଦିନରେ ବିଶ୍ୱାସନୀୟତା ଓ ଭରସା ଗଣମାଧ୍ୟମ ପାଇଁ ସବୁଠୁ ବଡ଼ ଆହ୍ୱାନ।

ରାଜ୍ୟ ସମ୍ପାଦକ, ଓୟୁଜେ
ମୋବାଇଲ୍: ୭୦୦୮୯୩୬୩୭୩

# ଅଧିକାର



**ଦିପ୍ତିମୟୀ ନାୟକ**

ସମ୍ପର୍କ ଯେତେବେଳେ ନିବିଡ଼ ହୋଇଯାଏ ସେତେବେଳେ ସେହି ସମ୍ପର୍କରେ ଅଧିକାରଟା କେମିତି କେଜାଣି ଚାଲିଆସେ। ହେଲେ ଏହି ଅଧିକାର ପାଇଁ ଅନେକ ସମ୍ପର୍କ ହଠାତ ଭାଙ୍ଗିଯାଏ। ଅଧିକାର ତା ଉପରେ ଥାଏ ଯାହାକୁ ମଣିଷ ଯେତେ ବିଶ୍ୱାସ କରିଥାଏ। ହେଲେ ଆଜିର ମଣିଷ ବୁଝେନାହିଁ ଏହି ଅଧିକାରର ସଂଜ୍ଞା। ଥରେ ଜଣେ ପ୍ରେମିକ ତା ପ୍ରେମିକାକୁ ପଚାରିଲା ତମେ କଣ ପାଇଁ ମୋ ଉପରେ ଏତେ ରାଗ। ପ୍ରେମିକା ଜଣକ କହିଥିଲା ରାଗ ଭିତରେ ଭଲପାଇବା ଥାଏ ଆଉ ସେହି ଭଲପାଇବା ଭିତରେ ମୁଁ ମୋ ଅଧିକାର ତମ ପାଖରେ ସବୁବେଳେ ଚାହେଁ। ତୁମେ ମୋତେ ପ୍ରେମିକା ହେବାର ଅଧିକାର ଦେଇଛ ଆଉ ମୁଁ ପ୍ରେମିକା ହୋଇ ମୋ ମନର କଥା ତମକୁ କହି ମୋ ଅଧିକାରକୁ ଏମିତି ଖୋଜିଛି ଯେମିତି ତମକୁ ଲାଗିଛି ମୁଁ ବିନା କାରଣରେ ତୁମ ସହ ଝଗଡା କରିଛି। ପ୍ରେମିକ ଜଣକ ହସିକି କହିଦେଲା ଏମିତି କଣ ଅଧିକାର ଖୋଜା ଯାଏ। ପ୍ରେମିକା ଜଣକ କହିଥିଲା ଦୂରେଇ ଯିବାର ଯଦି ଭୟ ନଥାନ୍ତା ତାହେଲେ ଏ ଅଧିକାର କେଉଁଠି ହଜିଯାଇଥାନ୍ତା। ଦୂରେଇବାକୁ ଚାହେଁନି ବୋଲି ଅଧିକାର ଖୋଜୁଛି। ଆଉ ଆଜି ଏ ଅଧିକାର ତୁମ ପାଖରେ ଯେମିତି ଅଭିଶାପ ହୋଇଛି। ଅଧିକାର ଅଭିଶାପ ନୁହେଁ। କି ଅଭିଶାପ ଅଧିକାର ନୁହେଁ। ଏହି କଥା ଶୁଣି ପ୍ରେମିକ ଜଣକ ଜୋର ସେ ହସିବାକୁ ଲାଗିଥିଲେ ଆଉ କହିଥିଲେ ତମ ଅଧିକାର ମୋ ଉପରେ ଏମିତି ଥାଉ। ତେବେ ସମ୍ପର୍କରେ ଅଧିକାର ରହିବା ନିହାତି ଜରୁରୀ। ପ୍ରତ୍ୟେକ ସମ୍ପର୍କରେ କିଛି ନା କିଛି ଅଧିକାର ଥାଏ ବୋଲି ଏ ମଣିଷ ନିଦ୍ୱନ୍ଦ୍ୱରେ କହିଦିଏ। ଦୂରେଇ ଯିବାପାଇଁ ନୁହେଁ ସାରା ଜୀବନ ସାଥିରେ ରହିବାପାଇଁ ନିଜ ଅଧିକାର ନିଜ ଆପଣାର ଲୋକ ପାଖରେ ଖୋଜୁଥାଏ। କେହି କାହାକୁ ଅଧିକାର ଦିଅନ୍ତିନି। ଏ ମଣିଷ ଯାହାକୁ ଯେତେ ଭଲପାଏ ତା ପାଖରେ ସେତେ ବେଶି ଅଧିକାର ଖୋଜିଥାଏ। ବେଳେବେଳେ ଏହି ଅଧିକାର ଟିକକ ପାଇବା ପାଇଁ ନିଜର ମଣିଷ ସହ ପ୍ରତି ମୁହୂର୍ତ୍ତରେ ନିଜ ଅଧିକାର ପାଇଁ ଲଢେଇ କରିଥାଏ। ଅଧିକାରର ଅନ୍ୟ ରୂପ ହେଉଛି ପ୍ରେମ। ପ୍ରେମ ଅଛି ବୋଲି ଅଧିକାର ରହୁଛି। ପ୍ରେମ ନଥିଲେ ଏ ଅଧିକାରର ଅନ୍ତ ହୋଇଯାଆନ୍ତା। ସମ୍ପର୍କରେ ଫାଟ ମଧ୍ୟ ସୃଷ୍ଟି ହେଉନଥାନ୍ତା।



ତେବେ ଆପଣମାନେ ଜାଣିଛନ୍ତି ସମସ୍ତେ ସମସ୍ତଙ୍କ ଅଧିକାର ପାଇବାପାଇଁ ବ୍ୟାକୁଳ ଥାଆନ୍ତି। କେତେବେଳେ ସମ୍ପର୍କରେ ଅଧିକାର କେତେବେଳେ ଭଲପାଇବାରେ ଅଧିକାର ଆଉ କେତେବେଳେ ପରିବାର ପାଖରେ ଥିବା ଅଧିକାର। ଏହି ଅଧିକାର ଯେତେ ବଢ଼ିବ ମନରେ ସେତେ ଦ୍ୱନ୍ଦ୍ୱ ସୃଷ୍ଟି କରିବ। ସମ୍ପର୍କରେ ଅଧିକାର ଖୋଜିଲେ ଭାଇ ଭଗାରୀ ହେଲାଭଳି ନଜର ଆସିବ। ଭଲପାଇବାରେ ଅଧିକାର ଖୋଜିଲେ ପ୍ରକୃତ ଭଲପାଇବା ସାଥିରେ ରହିବ ମିଛ ଭଲପାଇବା ଦୂରେଇ ଯିବ। ଆଉ ପରିବାରରେ ଅଧିକାର ଖୋଜିଲେ ପ୍ରତ୍ୟେକ ସମ୍ପର୍କର ମୂଲ୍ୟ ବୁଝିବାକୁ ପଡିବ। ସବୁବେଳେ କାରଣ ଖୋଜି ଲୋକଙ୍କ ଠାରୁ ବାରଣ ହୋଇ ରୁହନ୍ତୁ କିନ୍ତୁ କାରଣ ନଥାଇ ବାରଣ ହୋଇରହିଲେ ସମ୍ପର୍କ ଚୁନା ହୋଇଯିବ। ଶେଷରେ ଏ ମଣିଷ ଯାହାକୁ ଅଣଦେଖା କରିଥିବ ତାକୁ ଯଦି ଆଉଥରେ ଖୋଜିବ ସେତେବେଳେ ତାକୁ ଆଉ ପାଇବନି କାରଣ ପ୍ରେମ ମରେନି ଆଉ ପ୍ରେମକୁ ଯିଏ ମାରେ ସେ ପ୍ରେମ ପୁଣି ହୁଏନି। ଆଉ ଆଜିକାଲି ମନ କେତେବେଳେ କାହାର ହେବାର ମୁଖ୍ୟ କାରଣ ହେଲା ଯେଉଁଠି ମଣିଷ ନିଜ ଅଧିକାର ନିଜ ମଣିଷ ପାଖରୁ ପାଏନି ସେତେବେଳେ ପୁଣି ସେ ଆଉ କାହାକୁ ଚାହିଁଥାଏ।

ତେବେ ଯଦି ଆପଣଙ୍କ ପାଖରେ କିଏ କେଉଁ ଅଧିକାରରେ କିଛି କଥା କହୁଛନ୍ତି ସେମାନଙ୍କ ଠାରୁ ଦୂରେଇ ଯାଆନ୍ତୁନି। ସେମାନଙ୍କୁ ବୁଝିବାକୁ ଚେଷ୍ଟା କରନ୍ତୁ। ସମସ୍ତେ ସମସ୍ତଙ୍କ ପାଖରେ ଅଧିକାର ଖୋଜନ୍ତିନି। ଯିଏ ଯେତେ ଯାହାକୁ ଭଲପାଏ ତା ପାଖରେ ସେତେ ବେଶି ଅଧିକାର ଥାଏ। ଅଧିକାର ଯେତେ ବେଶି ଯାହା ପାଖରେ ରହିବ ଏ ପ୍ରେମ ଗୋଟେ ପରେ ଗୋଟେ ନୂଆ ଅଧ୍ୟାୟ ସୃଷ୍ଟି କରିବ। ଯେଉଁ ଅଧ୍ୟାୟ ଭିତରେ କେବଳ ଅଗାଢ଼ ଭଲପାଇବା ଲୁଚି ରହିଥିବ। ଭଲପାଇବାକୁ ସେହିମାନେ ବୁଝନ୍ତି ଯେଉଁମାନେ ସେହି ଅଧିକାର ଥିବା ଲୋକ ଭଳି ଅନ୍ୟକୁ ଆପଣାର ଭାବନ୍ତି। ଅନ୍ୟକୁ ଆପଣାର ସେତେବେଳେ ଭାବିହୁଏ ଯେତେବେଳେ ସେ ଆପଣାର ଲୋକକୁ ନିଜଠୁ ଦୂରେଇବାକୁ ନଚାହେଁ। କେତେବେଳେ ଅଧିକାର ନଥିଲେ ଆଖିରୁ ଆଉ କେତେବେଳେ ଅଧିକାର ପାଇଲେ ଓଠରେ ହସ ଖେଳିଥାଏ ଯେମିତି ନିଜ ଅଧିକାର ପାଇଲେ ଏ ଦୁନିଆର ସବୁ ଖୁସି ତାକୁ ମିଳିଯାଏ। ଏ ଅଧିକାର ଯଦିଓ ଭିନ୍ନ ଭିନ୍ନ ଥାଏ କିନ୍ତୁ ପ୍ରକୃତ ଅଧିକାର ଭଲପାଇବା ଭିତରେ ଲୁଚି ରହିଥାଏ।

ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୬

# ସଂସଦ ଭବନ ବାହାରେ ବିକ୍ଷୋଭ

## ବିରୋଧୀଙ୍କ ସହ ରାହୁଲ ଯୋଗଦେଲେ

**ନୂଆଦିଲ୍ଲୀ, ୫।୧୨:** ଆଦାନୀ ଗ୍ରୁପ ବିରୋଧରେ ଆମେରିକା କୋର୍ଟରେ ଲାଞ୍ଚ ମାମଲାରେ କମ୍ପାନୀର ମୁଖ୍ୟ ଗୌତମ ଆଦାନୀଙ୍କୁ ଗିରଫ କରିବା ଦାବିରେ ଅଡ଼ି ରହିଛନ୍ତି ବିରୋଧୀ। ଏହା ଉପରେ ସଂସଦରେ ଆଲୋଚନା ନିମନ୍ତେ ବିରୋଧୀ ସଦସ୍ୟମାନେ ମୂଳରୁ ଦାବି କରି ଆସୁଛନ୍ତି। ଏହି ପ୍ରସଙ୍ଗ ନେଇ ବିରୋଧୀ ସଦସ୍ୟମାନେ ଆଜି ମଧ୍ୟ ସଂସଦରେ ହଇଗୋଳ କରିବା ସହ ସଂସଦ ଭବନ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ସାଂସଦ ପ୍ରିୟଙ୍କା ଗାନ୍ଧି ଭଦ୍ରା ମଧ୍ୟ ବିକ୍ଷୋଭରେ ସାମିଲ ହୋଇଥିଲେ। ବିକ୍ଷୋଭ ବେଳେ ରାହୁଲ ଏକ ଟି-ସାର୍ଟ ପିନ୍ଧିଥିବା ଦେଖାଯାଇଥିଲା ଯେଉଁଥିରେ ଲେଖାଯାଇଛି ‘ ମୋଦି ଆଦାନୀ ଏକ ହେ’। ରାହୁଲ କହିଛନ୍ତି ଯେ, ନରେନ୍ଦ୍ର ମୋଦି ଆଦାନୀ ଗ୍ରୁପ ବିରୋଧରେ ତଦନ୍ତ



କରିପାରିବେ ନାହିଁ। କାରଣ ତଦନ୍ତ ହେଲେ ତାଙ୍କ ନାମ ମଧ୍ୟ ଉଠିବ ଏବଂ ସେ ମଧ୍ୟ ଖାଲରେ ପଡ଼ିବେ। ସେ ନିଜ ବିରୋଧରେ କିପରି ତଦନ୍ତ କରିବେ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଆମେରିକାର ଏକ କୋର୍ଟ ନିକଟରେ ଆଦାନୀ ଗ୍ରୁପ ମୁଖ୍ୟ ଗୌତମ ଆଦାନୀ ଓ ତାଙ୍କ ପୁତୁରା ସାଗର ଆଦାନୀଙ୍କ ବିରୋଧରେ ଲାଞ୍ଚ ଅଭିଯୋଗରେ ମାମଲା ରୁଜୁ କରିବା ସହ ଗିରଫ ପରୱାନା ଜାରି କରିଛନ୍ତି। କୋର୍ଟରେ ହୋଇଥିବା ମାମଲା ଅନୁଯାୟୀ ଆଦାନୀ ଗ୍ରୀନ ଏନର୍ଜୀ ନିଜ ଉତ୍ପାଦିତ ବିଦ୍ୟୁତ ସୋଲାର ପାୱାର ବୋର୍ଡ ଅଫ ଇଣ୍ଡିଆରୁ କିଣିବା ପାଇଁ ୪ଟି ରାଜ୍ୟକୁ ୨ହଜାର କୋଟିରୁ ଅଧିକ ଟଙ୍କା ଲାଞ୍ଚ ଦେଇଛନ୍ତି। ତେବେ ଆଦାନୀ ଗ୍ରୁପ ଅଭିଯୋଗକୁ ଦୃଢ଼ ଭାବେ ଅଗ୍ରାହ୍ୟ କରିଛି।

# ଝାଡ଼ଖଣ୍ଡରେ ୧୧ ନୂଆ ମନ୍ତ୍ରୀଙ୍କ ଶପଥଗ୍ରହଣ

**ରାଞ୍ଚି, ୫।୧୨:** ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ନେତୃତ୍ୱାଧିନ ମେଣ୍ଟ ସରକାରର ସମ୍ପ୍ରସାରଣ କରାଯାଇଛି। ମନ୍ତ୍ରିମଣ୍ଡଳରେ ୧୧ ଜଣ ନୂଆ ମନ୍ତ୍ରୀ ସାମିଲ ହୋଇଛନ୍ତି। ଗୁରୁବାର ରାଜଭବନରେ ଆୟୋଜିତ ଏକ ସମାରୋହରେ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ନବନିଯୁକ୍ତ ମନ୍ତ୍ରିମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଗତ ମାସ ୨୮ରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଶପଥ ଗ୍ରହଣ କରିଥିଲେ। ରାଜ୍ୟ ବିଧାନସଭା ନିର୍ବାଚନରେ ହେମନ୍ତ ସୋରେନଙ୍କ ନେତୃତ୍ୱାଧିନ ଇଣ୍ଡି ମେଣ୍ଟ ୮୧ରୁ ୫୬ ଆସନ ଜିତିଛି। ଜେଏମଏମ ସର୍ବାଧିକ ୩୪, କଂଗ୍ରେସ ୧୬, ଆରଜେଡି ୪ଟି ଏବଂ ସିପିଆଇ (ଏମଏଲ) ୨ଟି ଆସନରେ ଜିତିଛି।

# ଦିଲ୍ଲୀରେ ଆପ୍-କଂଗ୍ରେସ ବୁଝାମଣା ସମ୍ଭାବନା

**ନୂଆଦିଲ୍ଲୀ, ୫।୧୨:** ହରିୟାନା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ କଂଗ୍ରେସ ପରାଜିତ ହେବା ପରେ ଆଗକୁ ଅଧିକ ସତର୍କତା ଅବଲମ୍ବନ ପାଇଁ ନିଷ୍ପତ୍ତି ନେଇଛି। ଛୋଟ ଛୋଟ ପ୍ରସଙ୍ଗକୁ କିପରି ରାଜନୈତିକ ରଙ୍ଗ ଦେଇ



ଜନ ସମର୍ଥନ ହାସଲ କରାଯାଇପାରିବ ସେଥିଲାଗି କଂଗ୍ରେସ ଏବେ ପ୍ରସ୍ତୁତ ହେଉଛି। ହରିୟାନା ଏବଂ ମହାରାଷ୍ଟ୍ରରେ ଏହାକୁ ପୁଞ୍ଜି କରି ବିଜେପି ଜିତିଛି। ଏହା ବ୍ୟତିତ କଂଗ୍ରେସ ଆଗକୁ ସବୁ ସହଯୋଗୀ ଦଳମାନଙ୍କୁ ଏକାଠି କରିବା ଉପରେ ଗୁରୁତ୍ୱ ଦେଉଛି। ହରିୟାନାରେ ଯଦି କଂଗ୍ରେସ ଇଣ୍ଡିମେଣ୍ଟର ଅଂଶୀଦାର ଦଳ ଆପ ସହ ଆସନ ବୁଝାମଣା କରିଥାଆନ୍ତା ତେବେ ଅତି କମରେ ୧୦ଟି ଆସନରେ ଫଳାଫଳ ଓଲଟା ହୋଇଥାଆନ୍ତା ଏବଂ ରାଜ୍ୟରେ କଂଗ୍ରେସ କ୍ଷମତାସୀନ ହୋଇପାରିଥାଆନ୍ତା। ଝାଡ଼ଖଣ୍ଡରେ ଏହା ସମ୍ଭବ ହୋଇପାରିଲା ବୋଲି ସେଠାରେ ଇଣ୍ଡିମେଣ୍ଟ ସରକାର ଗଠନ କରିପାରିଛି।

ଆସନ୍ତା ଫେବୃଆରୀରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ଏବେଠାରୁ ଉଭୟ କଂଗ୍ରେସ ଏବଂ ଆପ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଏଥର ନିର୍ବାଚନରେ ବିଜେପି ପୂର୍ବାପେକ୍ଷା ଅଧିକ ଶକ୍ତିଶାଳି ହୋଇ ଲଢ଼ିବ। ୨୦୧୫ ଏବଂ ୨୦୨୦ରେ ବିଜେପି ଦିଲ୍ଲୀରେ ପରାଜିତ ହୋଇଥିଲା। କଂଗ୍ରେସ ଏକରକମ ମୂଳପୋଛ ହୋଇଯାଇଛି। ଏବେ ବିଜେପି ଦିଲ୍ଲୀ ବିଧାନସଭା ନିର୍ବାଚନରେ ବାଜିମାତ କରିବାକୁ ସବୁ କଳ କୌଶଳ ପ୍ରୟୋଗ କରିବ। ବିଜେପି ଏଥିଲାଗି ବହୁ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରି ଦେଇଛି। କ୍ରମାଗତ ୧୦ ବର୍ଷ ଧରି ଦିଲ୍ଲୀରେ କ୍ଷମତାସୀନ ଥିବା ଆପ ପାଇଁ ଏଥର ନିଜର ଗଡ଼ ରକ୍ଷା କରିବା ସହଜ ହେବନି। ତେଣୁ ପରିବର୍ତ୍ତିତ ପରିସ୍ଥିତିରେ ଦିଲ୍ଲୀ ବିଧାନସଭା ନିର୍ବାଚନରେ କଂଗ୍ରେସ ସହ ଆପ ଆସନ ବୁଝାମଣା ବା ମେଣ୍ଟ କରିବାକୁ ଗୁରୁତ୍ୱ ସହ ବିଚାର କରୁଛି। ଗତ ଲୋକସଭା ନିର୍ବାଚନ ମଧ୍ୟ ଦୁଇ ଦଳ ପରସ୍ପର ସହ ବୁଝାମଣା କରିଥିଲେ କିନ୍ତୁ ଏହାର କୌଣସି ପ୍ରଭାବ ପଡ଼ିଲା ନାହିଁ। ଦିଲ୍ଲୀର ସମସ୍ତ ୭ଟି ଲୋକସଭା ଆସନକୁ ବିଜେପି ଜିତିଲା। ଏବେ ଆପ କେଉଁ କେଉଁ ଆସନରେ ଦଳର ପ୍ରାର୍ଥୀ ଦେଇ ନ ରହିବ, କେଉଁଠି କଂଗ୍ରେସ ଭଲ ଭୋଟ ପାଇଥିଲା ତାହା ଉପରେ ତର୍ଜମା କରୁଛି। କଂଗ୍ରେସ ମଧ୍ୟ ଦିଲ୍ଲୀରେ ନିଜ ସ୍ଥିତି ବଜାୟ ରଖିବାକୁ ଆପ ସହ ବୁଝାମଣା ଜରୁରୀ ବୋଲି ବିଚାର କରୁଛି। ତେଣୁ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ ଓ କଂଗ୍ରେସ ମଧ୍ୟରେ ଆସନ ବୁଝାମଣା ସମ୍ଭାବନା ପୂର୍ବାପେକ୍ଷା ଅଧିକ ରହିଛି। ନଚେତ ବିଜେପି ଦିଲ୍ଲୀ ବିଧାନସଭାକୁ କବଜା କରିନେବାର ଯଥେଷ୍ଟ ସମ୍ଭାବନା ରହିଛି।

# ବାଦଲଙ୍କୁ ଗୁଳି ପଛରେ ଷଡ଼ଯନ୍ତ୍ର: କେଜ୍ରିୱାଲ

**ନୂଆଦିଲ୍ଲୀ, ୫।୧୨:** ଶିରୋମଣି ଅକାଳୀ ଦଳ ନେତା ତଥା ପଞ୍ଜାବର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କ ଉପରକୁ ଗୁଳିମାଡ଼ ଉଦ୍ୟମକୁ ନେଇ ଜୋର ଧରିଛି ରାଜନୀତି। ବିଶେଷ କରି ଦିଲ୍ଲୀ ଓ ପଞ୍ଜାବରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ମୁହାଁମୁହିଁ ହୋଇଛନ୍ତି ଆମ୍ ଆଦମୀ ପାର୍ଟି ଓ ବିଜେପି। ସେପଟେ ସୁଖବୀର ବାଦଲଙ୍କୁ ହତ୍ୟା ଉଦ୍ୟମ ପଛରେ ପଞ୍ଜାବ ଓ ପଞ୍ଜାବୀମାନଙ୍କୁ ବଦନାମ କରିବାକୁ ଷଡ଼ଯନ୍ତ୍ର କରାଯାଉଥିବା ଅଭିଯୋଗ ଆଣିଛନ୍ତି ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ୍। ଦିଲ୍ଲୀ ବିଧାନସଭାରେ ବକ୍ତବ୍ୟ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ କହିଛନ୍ତି, 'ଆଜି ପଞ୍ଜାବର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସୁଖବୀର ବାଦଲଙ୍କୁ କେହି ଜଣେ ଗୁଳି କରି ହତ୍ୟା କରିବାକୁ ଉଦ୍ୟମ କରିଥିଲା। ହେଲେ ପଞ୍ଜାବ ପୁଲିସର ସତର୍କତା କାରଣରୁ ଏକ ବଡ଼ ଅଘଟଣ ଟଳିଯାଇଛି। ସୁଖବୀର ବାଦଲ ସଂପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ମୁଁ ଏହି ଘଟଣାକୁ ଦୃଢ଼ ନିନ୍ଦା କରୁଛି। ହେଲେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ପଞ୍ଜାବ ଓ ପଞ୍ଜାବୀ ମାନଙ୍କୁ ବଦନାମ କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ହେଉଛି। ଏବଂ ଏହା ପଛରେ କିଛି ବଡ଼ ଶକ୍ତି କାମ କରୁଛି।' ତେବେ ଏହି ଘଟଣାରେ ପଞ୍ଜାବ ପୁଲିସର ସାହସିକତା ଓ ସତର୍କତାକୁ ପ୍ରଶଂସା କରି ଏହାକୁ ଦିଲ୍ଲୀ ପୁଲିସ ସହ ତୁଳନା କରିଛନ୍ତି କେଜ୍ରିୱାଲ। ସେ କହିଛନ୍ତି, 'ଦିଲ୍ଲୀରେ ଖୋଲାଖୋଲି ଭାବେ ହତ୍ୟାକାଣ୍ଡ ଘଟୁଛି, ଖୋଲାଖୋଲି ଭାବେ ବିଭିନ୍ନ ସ୍ଥାନରେ ଗୁଳିମାଡ଼ ହେଉଛି, ପୂରା ରାଜଧାନୀ ଗ୍ୟାଙ୍ଗଷ୍ଟରମାନଙ୍କ କବଜାରେ ରହିଛି। ଚାରିଆଡ଼େ ନିଶାଦ୍ରବ୍ୟ ବିକ୍ରି ହେଉଛି, ମହିଳାମାନେ ଦୁଷ୍କର୍ମର ଶିକାର ହେଉଛନ୍ତି। ହେଲେ ବିଜେପି ଏହି ସବୁ ଘଟଣାରେ ଚୁପ, ଏହାର ଶୀର୍ଷ ନେତାମାନେ କହୁଛନ୍ତି ଦିଲ୍ଲୀରେ ଆଇନ ଶୃଙ୍ଖଳା ପରିସ୍ଥିତି ଏକ ସମସ୍ୟା ନୁହେଁ।' ଅନ୍ୟପଟେ ପଞ୍ଜାବରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଆମ୍ ଆଦମୀ ପାର୍ଟିକୁ ଟାର୍ଗେଟ କରିଛି ବିଜେପି। ସୁଖବୀର ବାଦଲଙ୍କ ଉପରେ ହୋଇଥିବା ଆକ୍ରମଣକୁ ବିଜେପି ରାଷ୍ଟ୍ରୀୟ ସମ୍ପାଦକ ମଂଜିଦର ସିଂହ ସିର୍ସା ନିନ୍ଦା କରିବା ସହ ଏହା ସ୍ୱର୍ଣ୍ଣ ମନ୍ଦିରର ସୁରକ୍ଷା ଏବଂ ପବିତ୍ରତାର ଘୋର ଉଲ୍ଲଂଘନ ବୋଲି କହିଛନ୍ତି। ଏହା ସହିତ ପଞ୍ଜାବରେ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ସେ ଆପ୍ ସରକାରକୁ ଦାୟୀ କରିଛନ୍ତି। ସୋଶାଲ ମିଡିଆରେ ସେ ଲେଖିଛନ୍ତି ଯେ ସ୍ୱର୍ଣ୍ଣ ମନ୍ଦିରର ପବିତ୍ର ପରିସରରେ ସୁଖବୀର ବାଦଲଙ୍କ ଉପରେ ହୋଇଥିବା ଆକ୍ରମଣ କେବଳ ସୁରକ୍ଷା ଅଭାବ ନୁହେଁ ବରଂ ଆମର ଧାର୍ମିକ ଅନୁଷ୍ଠାନର ପବିତ୍ରତାର ଘୋର ଉଲ୍ଲଂଘନ। ନାଗରିକଙ୍କ ସୁରକ୍ଷା ତଥା ପବିତ୍ର ସ୍ଥାନର ସମ୍ମାନ ରକ୍ଷା କରିବାରେ ଆପ୍ ସରକାର ବିଫଳ ହୋଇଛନ୍ତି।

### ଦକ୍ଷିଣ ଦିଲ୍ଲୀ ହତ୍ୟା ରହସ୍ୟ ଉନ୍ମୋଚିତ

# ଯୁକ୍ତ ତିନି ପଢୁଥିବା ପୁଅ ହିଁ ବାପା-ମା’ ଭଉଣୀର ହତ୍ୟାକାରୀ

**ନୂଆଦିଲ୍ଲୀ, ୫।୧୨:** ଦକ୍ଷିଣ ଦିଲ୍ଲୀରେ ଘଟିଥିବା ଲୋମଟାଙ୍କୁରା ଟ୍ରିପଲ ମର୍ଡର ଘଟଣାର ରହସ୍ୟ ଉନ୍ମୋଚିତ ହୋଇଛି। ଏହି ହତ୍ୟାରେ ସମ୍ପୃକ୍ତ ଯୁକ୍ତ ତିନି ପଢୁଥିବା ଛାତ୍ରଙ୍କୁ ପୋଲିସ ଗିରଫ କରିଛି। ହତ୍ୟାର ଶିକାର ହୋଇଥିବା ଦମ୍ପତିଙ୍କର ସେ ହେଉଛନ୍ତି ପୁଅ। ସମ୍ପତ୍ତି ପାଇଁ ସେ ନିଜ ବାପା-ମା’ ଓ ଭଉଣୀର ଗଳାକାଟି ହତ୍ୟା କରିଥିଲା। ହତ୍ୟ ସମ୍ପର୍କରେ ସେ ପ୍ରଥମେ ପୋଲିସକୁ ସୂଚନା ଦେବା ସହିତ ନିଜ ଦାଦା ଏବଂ ଅନ୍ୟମାନଙ୍କୁ ଟେଲିଫୋନ ଯୋଗ ସୂଚନା ପ୍ରଦାନ କରିଥିଲା। ହତ୍ୟା ସମୟରେ ସେ ପ୍ରାତଃଭ୍ରମଣରେ ଯାଇଥିଲା ବୋଲି ପୋଲିସକୁ କହିଥିଲା। କିନ୍ତୁ ପୋଲିସ ତଦନ୍ତ ବେଳେ ଅଭିଯୋଗକାରୀ ପୁଅ ନିଜେ ହତ୍ୟାକାରୀ ବୋଲି ଜଣାପଡ଼ିଥିଲା। ବାପା-ମା’ଙ୍କ ଦ୍ୱାରା ଅପମାନିତ ହେବା ସହ ପୈତୃକ ସମ୍ପତ୍ତିରୁ ବଂଚିତ ହେବାକୁ ଯାଉଥିବା ଆଶଙ୍କା କରି ସେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ କରିଥିବା ସୂଚନା ମିଳିଛି। ବାପା-ମା’ ଓ ଭଉଣୀ ଶୋଇଥିବା ଅବସ୍ଥାରେ ସେ ଧାରୁଆ ଅସ୍ତ୍ରରେ ସେମାନଙ୍କ ବେକ କାଟି ଦେଇଥିଲା। ବାପା ରାଜେଶ କୁମାର (୫୧), ମା’ କୋମଳ ( ୪୬) ଏବଂ ଭଉଣୀ କବିତା (୨୩)ଙ୍କୁ ହତ୍ୟା କରିଥିବା ଅର୍ଜୁନ (୨୦) ନିଜ ଦୋଷ ସ୍ୱୀକାର କରିଛି।

# ପୁଷ୍ପା-୨ ପ୍ରିମିୟର୍ ବେଳେ ଦଳାଚକଟା, ଜଣେ ମୃତ

**ହାଇଦ୍ରାବାଦ, ୫।୧୨:** ପୁଷ୍ପା-୨ ରିଲିଜରେ ବଡ଼ ଅଘଟଣ। ଦଳାଚକଟାରେ ଚାଲିଗଲା ଫ୍ୟାନଙ୍କ ଜୀବନ। ହାଇଦ୍ରାବାଦ୍‌ରେ ଗତକାଲି ରାତିରେ ପୁଷ୍ପା-୨ ପ୍ରିମିୟର୍ ଶୋ’ ହୋଇଥିଲା। ଏଥିରେ ପୁଷ୍ପା ଅର୍ଥାତ ଅଲ୍ଲୁ ଅର୍ଜୁନ୍ ଓ ରଶ୍ମିକା ମନ୍ଦନା ସାମିଲ ହୋଇଥିଲେ। ତାଙ୍କୁ ଦେଖିବାକୁ ଏଠାରେ ବହୁ ସଂଖ୍ୟାର ପ୍ରଶଂସକ ଭିଡ଼ ଜମିଥିଲା। ଅଭିନେତାଙ୍କ ଗୋଟିଏ ଝଲକ ପାଇବା ପାଇଁ ଲୋକଙ୍କ ମଧ୍ୟରେ ଦଳାଚକଟା ପରିସ୍ଥିତି ଉପୁଜିଥିଲା। ଗତକାଲି ସନ୍ଧ୍ୟାରେ ଆର୍‌ଟିସି କ୍ରସ୍ ରୋଡରେ ଥିବା ଥିଏଟର୍ ବାହାରେ ଧସ୍ତାଧସ୍ତି ପରିସ୍ଥିତି ବି ଉପୁଜିଥିଲା। ତେବେ ଏଥିରେ ଜଣେ ୩୯ ବର୍ଷୀୟ ମହିଳାଙ୍କ ମୃତ୍ୟୁ ହୋଇଛି। ଭିଡକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଲାଠି ଚାର୍ଜ ମଧ୍ୟ କରିଥିଲା। ସେହିପରି ଦଳାଚକଟାରେ ଅନେକ ଆହତ ମଧ୍ୟ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଛୋଟ ପିଲା ମଧ୍ୟ ଅଛନ୍ତି। ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ ମହିଳା ଜଣକ ହାଇଦ୍ରାବ ଦିଲସୁଖନଗରର ରେବତୀ ବୋଲି ଜଣାପଡିଛି।

ସୂଚନା ମୁତାବକ, ପୁଷ୍ପା-୨ ପ୍ରିମିୟର ଶୋ' ଦେଖିବା ପାଇଁ ରେବତୀ ତାଙ୍କ ସ୍ୱାମୀ ଭାସ୍କର ଓ ଦୁଇ ପିଲାଙ୍କୁ ନେଇ ଆସିଥିଲେ। ଏହି ସମୟରେ ଥିଏଟର ବାହାରେ ପ୍ରବଳ ଭିଡ ଜମିଥିଲା। ଲୋକେ ଫିଲ୍ମ ହଲ୍‌ର ଗେଟ୍ ଭାଙ୍ଗି ଦେଇଥିଲେ। ପ୍ରବଳ ଉତ୍ତେଜନା ଭିତରେ ରେବତୀ ଓ ତାଙ୍କ ପୁଅ ଚେତାଶୂନ୍ୟ ହୋଇପଡିଥିଲେ।

ଏହାପରେ ଉଭୟଙ୍କୁ ଚିକିତ୍ସା ପାଇଁ ଦୁର୍ଗା ବାଇ ଦେଶମୁଖ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ରେବତୀଙ୍କୁ ମୃତ ଘୋଷଣା କରିଛନ୍ତି। ସେପଟେ ଘଟଣାକୁ ନେଇ ତଦନ୍ତ ଜାରି ରହିଛି।



# ସିନ୍ଦେ ଯୁଗର ଅନ୍ତ ହେଲା

**ମୁମ୍ବାଇ, ୫।୧୨:** ମହାରାଷ୍ଟ୍ରରେ ଏକନାଥ ସିନ୍ଦେଙ୍କ ଯୁଗର ଅନ୍ତ ଘଟିଛି। ମାତ୍ର ୨ ବର୍ଷ ନିମନ୍ତେ ସେ ରାଜ୍ୟର ମୁଖ୍ୟମନ୍ତ୍ରୀ ହେଲେ। ଏବେ ତାଙ୍କର ଉପଯୋଗିତା ଆଉ ନାହିଁ। ବିଜେପି ତାଙ୍କୁ ଅଳିଆ ଗଦାକୁ ଫିଙ୍ଗି ଦେଇଛି। ସେ ଆଉ ଜୀବନରେ କେବେ ବି ମୁଖ୍ୟମନ୍ତ୍ରୀ ହୋଇପାରିବେ ନାହିଁ ବୋଲି କହିଛନ୍ତି ଶିବସେନା (ଉଦ୍ଧବ ଠାକରେ) ସାଂସଦ ସଞ୍ଜୟ ରାଉତ।

ଗୁରୁବାର ଦେବେନ୍ଦ୍ର ଫଡ଼ନାବିସଙ୍କ ନେତୃତ୍ୱରେ ମହାଯୁତି ସରକାର ଶପଥଗ୍ରହଣ ପୂର୍ବରୁ ସଞ୍ଜୟ କହିଛନ୍ତି ଯେ, ବିଜେପି ସିନ୍ଦେଙ୍କୁ ଉପଯୋଗ କରି କ୍ଷମତା ଦଖଲ କରିଛି। ଏବେ ଆଉ ତାଙ୍କର ଆବଶ୍ୟକତା ନାହିଁ। ତେଣୁ ତାଙ୍କୁ ଅଳିଆ ଗଦାକୁ ଫିଙ୍ଗି ଦିଆଯାଉଛି। ମହାଯୁତିରେ ତାଙ୍କର ଗୁରୁତ୍ୱ ଆଉ ନାହିଁ। ବିଜେପି ନିକଟରେ ସଂଖ୍ୟା ରହିଛି। ତେଣୁ ଏହା ସିନ୍ଦେଙ୍କ ସମର୍ଥନ ଆଉ ଆବଶ୍ୟକ କରୁ ନାହିଁ। ସଞ୍ଜୟ କହିଛନ୍ତି ଯେ, ବିଜେପି ଯାହା ସହିତ ମେଣ୍ଟ ବା ଆସନ



ବୁଝାମଣା କରେ ତାକୁ ସମୟକ୍ରମେ ଦୁର୍ବଳ କରି ଅଳିଆ ଗଦାକୁ ଫିଙ୍ଗି ଦିଏ। ଏହା ବିଜେପିର ରାଷ୍ଟ୍ରୀୟ ଚରିତ୍ର। ଅତୀତରେ ବାଲା ସାହେବ ଠାକରେଙ୍କ ଦ୍ୱାରା ପ୍ରତିଷ୍ଠିତ ଶିବସେନାକୁ ଆଶ୍ରା କରି ବିଜେପି ସଫଳତାର ସିଡ଼ି ଚଢ଼ିଥିଲା। ପରେ ଆବଶ୍ୟକତା ଶେଷ ହୋଇଯିବା ପରେ ବିଜେପି ଏହାର ପ୍ରଥମ ବନ୍ଧୁ ଦଳକୁ ରାସ୍ତାକୁ ଫିଙ୍ଗି ଦେଲା। ଶିବସେନାକୁ ବିଭାଜିତ କରି ଦୁର୍ବଳ କରିବାରେ ବିଜେପି ମୁଖ୍ୟ ଭୂମିକା ନେଇଛି। ଏଥିପାଇଁ ଉଦ୍ଧବ ଠାକରେଙ୍କ ନେତୃତ୍ୱରେ ଶିବସେନା ବିଜେପିର ହାତ ଛାଡ଼ିବାକୁ ବାଧ୍ୟ ହେଲା। ବିଜେପି ତୁଳନାରେ କଂଗ୍ରେସ ଅଧିକ ଭରସାଯୋଗ୍ୟ ବୋଲି ରାଜ୍ୟସଭା ସଦସ୍ୟ ସଞ୍ଜୟ କହିଛନ୍ତି।

ଆଗକୁ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନାରେ ମଧ୍ୟ ବିଭାଜନ ହେବାକୁ ଯାଉଛି। କାରଣ ବିଜେପି ସବୁ ବେଳେ ନିଜ ସହଯୋଗୀ ଏବଂ ବନ୍ଧୁ ଦଳକୁ ବିଭାଜିତ କରି ଦୁର୍ବଳ କରିଦେବା କାର୍ଯ୍ୟରେ ଅଭ୍ୟସ୍ତ। କାଲିଠାରୁ ଏହି ପ୍ରକ୍ରିୟା ଆରମ୍ଭ ହେବ ଏବଂ ବିବାଦ ସୃଷ୍ଟି ହେବ। ମହାଯୁତିର ତିନି ଅଂଶୀଦାର ଦଳ କେବଳ କ୍ଷମତା ଏବଂ ସ୍ୱାର୍ଥ ପାଇଁ ଏକାଠି ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଆନ୍ତରିକ ସହଯୋଗ ବା ବନ୍ଧୁତା ନାହିଁ। ଧିରେ ଧିରେ ମେଣ୍ଟରେ ଫାଟ ବଢ଼ିବ ଏବଂ ଦିନେ ମହାଯୁତି ଭୁଶୁଡ଼ିବ ବୋଲି ସେ ଭବିଷ୍ୟବାଣୀ କରିଛନ୍ତି।



# ଶିବକୁମାରଙ୍କୁ କ୍ଷମତା ହସ୍ତାନ୍ତର କରିବେ ସିଦ୍ଧରମେୟା

**ବେଙ୍ଗାଲୁରୁ, ୫।୧୨:** କର୍ଣ୍ଣାଟକରେ କଂଗ୍ରେସ ସରକାରର ନେତୃତ୍ୱ ଶୀଘ୍ର ପରିବର୍ତ୍ତନ ହେବାକୁ ଯାଉଛି। ସିଦ୍ଧରମେୟାଙ୍କ ସ୍ଥାନରେ ଡି କେ ଶିବକୁମାର ହେବେ ରାଜ୍ୟ ମୁଖ୍ୟମନ୍ତ୍ରୀ। ଆସନ୍ତା ବିଧାନସଭା ନିର୍ବାଚନରେ କଂଗ୍ରେସ ଶିବକୁମାରଙ୍କ ନେତୃତ୍ୱରେ ଲଢ଼ିବ। ଏହି ସୂଚନା ଦେଇଛନ୍ତି ଖୋଦ ଶିବକୁମାର। ଏକ ଟିଭି ସାକ୍ଷାତକାର କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଶିବକୁମାର କହିଛନ୍ତି ଯେ, କ୍ଷମତା ହସ୍ତାନ୍ତର ନେଇ ବହୁ ପୂର୍ବରୁ ଦଳ ଭିତରେ ଯୋଜନା ରହିଛି ଏବଂ ଏଥିନେଇ ବୁଝାମଣା ମଧ୍ୟ ହୋଇଛି। ଏହାର ପୂର୍ଣ୍ଣାଙ୍ଗ ବିବରଣୀ ଏବେ ଦିଆଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ଠିକଣା ସମୟରେ ଏ ସମ୍ପର୍କରେ ସମସ୍ତେ ଅବଗତ ହୋଇପାରିବେ ବୋଲି ସେ କହିଥିଲେ। ଉଲ୍ଲେଖ ଯୋଗ୍ୟ ଯେ, ଗତ ନିର୍ବାଚନରେ କଂଗ୍ରେସ ବିଜୟ ହାସଲ କରିବା ପରେ ତତ୍କାଳୀନ ପିସିସି ସଭାପତି ଶିବକୁମାର ମୁଖ୍ୟମନ୍ତ୍ରୀ ପଦ ନିମନ୍ତେ ଦାବିଦାର ଥିଲେ। କିନ୍ତୁ ବରିଷ୍ଠତା ଆଧାରରେ ସିଦ୍ଧରମେୟା ହୋଇଥିଲେ ମୁଖ୍ୟମନ୍ତ୍ରୀ। ସେତେବେଳେ ବୁଝାମଣା ହୋଇଥିଲା ଯେ, ସିଦ୍ଧରମେୟା ଅଢେଇ ବର୍ଷ ଏବଂ ପରବର୍ତ୍ତୀ ଅଢେଇ ବର୍ଷ ଶିବକୁମାର ହେବେ ମୁଖ୍ୟମନ୍ତ୍ରୀ। ଜମି ଦୁର୍ନୀତି ମାମଲାରେ ଫସିଥିବା ସିଦ୍ଧରମେୟା ନୈତିକତା ଦୃଷ୍ଟିରୁ ନିଜ ପଦରୁ ଇସ୍ତଫା ଦେବା ଉଚିତ ବୋଲି ବିରୋଧୀ ଦାବି କରୁଛନ୍ତି। ତାଙ୍କ ବିରୋଧରେ ଲୋକପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ କଂଗ୍ରେସ ହାଇକମାଣ୍ଡ ତାଙ୍କୁ ଏବେ ଦଳ ପାଇଁ ବୋଝ ବୋଲି ବିଚାର କରୁଛନ୍ତି। ତେବେ ସିଦ୍ଧରମେୟା କ୍ଷମତା ପରିବର୍ତ୍ତନ ଖବରକୁ ଅସ୍ୱୀକାର କରିବା ସହ ଏହାକୁ ଏକ ଗୁଜବ ବୋଲି କହିଛନ୍ତି।

### ଶେଖ ହାସିନା ଆଣିଲେ ଅଭିଯୋଗ

# ୟୁନୁସ ସଂଖ୍ୟାଲଘୁଙ୍କ ସୁରକ୍ଷାରେ ବିଫଳ

**ନୂଆଦିଲ୍ଲୀ, ୫।୧୨:** ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ, ବୌଦ୍ଧ ଏବଂ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ଉପରେ ଅତ୍ୟାଚାର ବଢ଼ୁଛି। ସେମାନଙ୍କୁ ସୁରକ୍ଷା ପ୍ରଦାନରେ ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧିନ ଅନ୍ତରୀଣ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଦେଶରେ ଏକପ୍ରକାର ଅରାଜକତା ସୃଷ୍ଟି ହୋଇଛି ବୋଲି ଅଭିଯୋଗ କରିଛନ୍ତି ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା।

ଗତ ଅଗଷ୍ଟ ମାସରେ ହାସନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଦେଶଛାଡ଼ି ପଳାୟନ କରିଛନ୍ତି। ଏହା ପରେ ପ୍ରଥମ ଥର ପାଇଁ ସେ ସର୍ବସାଧାରଣରେ ବୟାନ ଦେଇଛନ୍ତି। ନ୍ୟୁୟର୍କରେ ଆୟୋଜିତ ଏକ ସମାରୋହକୁ ଭର୍ଚ୍ଚୁଆଲ ମୋଡରେ ଉଦବୋଧନ ଦେଇ ହାସିନା କହିଛନ୍ତି ଯେ, ବାଂଲାଦେଶରେ ଏବେ ସଂକ୍ୟାଲଘୁଙ୍କ ଗଣହତ୍ୟା ଚାଲିଛି। ସେଥିରେ



ମହମ୍ମଦ ୟୁନୁସ ସମ୍ପୃକ୍ତ। ତାଙ୍କ ଛତ୍ରଛାୟା ତଳେ ମୌଳବାଦୀମାନେ ଆଇନକୁ ନିଜ ହାତକୁ ନେଇଛନ୍ତି। ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼ିଛି। ୪ ମାସ ଭିତରେ ଦେଶ ଋଣ ଭାରରେ ବୁଡ଼ିଗଲାଣି। ଫୋରେକ୍ସ ରିଜର୍ଭ ହ୍ରାସ ଯୋଗୁ ବାଂଲାଦେଶ ବିଦେଶରୁ ତୈଳ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଆମଦାନୀ କରିପାରୁନି। ଶୀଘ୍ର ଏହା ଆଉ ଏକ ପାକିସ୍ତାନ ବା ଶ୍ରୀଲଙ୍କାରେ ପରିଣତ ହେବ। ଲୋକେ ଭୋକ ସହିନପାରି ରାସ୍ତାକୁ ଓହ୍ଲାଇବେ। ସେଥିପାଇଁ ୟୁନୁସ ଦାୟୀ ରହିବେ। ହାସିନା କହିଛନ୍ତି ଯେ, ଭାରତ ହେଉଛି ବାଂଲାଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଡ଼ୋଶୀ। ଦେଶର ଅର୍ଥନୀତି ଅନେକାଂଶରେ ଭାରତ ଉପରେ ନିର୍ଭରଶୀଳ। କିନ୍ତୁ ୟୁନୁସ ସରକାର ଅନ୍ଧଭଳି ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଯଦି ଭାରତ ସହାୟତା ବନ୍ଦ କରିଦେବ ତେବେ ବାଂଲାଦେଶରେ ହାହାକାର ପଡ଼ିଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ତାଙ୍କ ସରକାର ଭାରତ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରକ୍ଷା କରିଥିଲେ। ତେଣୁ ସୀମା ବିବାଦ ସହ ଅନେକ ସମସ୍ୟାର ସମାଧାନ ହୋଇପାରିଥିଲା। ଦେଶରେ ସାମ୍ପ୍ରଦାୟିକ ବିଦ୍ୱେଷ ନଥିଲା। ଏବେ ୟୁନୁସ ବାଂଲାଦେଶ ଲୋକଙ୍କ ମନରେ ବିଷ ଭରି ଦେଇଛନ୍ତି। ଏହା ତାଙ୍କ ପାଇଁ ବୁମେରାଂ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

### ଯୋଗୀ ଆଦିତ୍ୟନାଥଙ୍କ ମନ୍ତବ୍ୟ

# ସମ୍ଭଲ ଓ ବାଂଲାଦେଶ ହିଂସା ପଛରେ ସମାନ ଡିଏନ୍ଏ

**ଲକ୍ଷ୍ନୌ, ୫।୧୨:** ଉତ୍ତର ପ୍ରଦେଶର ସମ୍ଭଲ ଏବଂ ବାଂଲାଦେଶ ହିଂସା ପଛରେ ରହିଥିବା ଶକ୍ତି ସମାନ ଡିଏନଏରୁ ଉତ୍ପନ୍ନ ଏବଂ ଏହା ପଛରେ ରହିଥିବା ଚିନ୍ତାଧାରା ସମାନ ବୋଲି କହିଛନ୍ତି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ଅଯୋଧ୍ୟାର ରାମକଥା ପାର୍କରେ ରାମାୟଣ ମେଳାକୁ ଉଦଘାଟନ କରି ଆଦିତ୍ୟନାଥ କହିଛନ୍ତି ଯେ, ରାମାୟଣ ଦେଶର ସାଂସ୍କୃତିକ ଏକତା ଏବଂ ସଦଭାବନାର ପ୍ରତୀକ। ଏହା ଭାରତର ମହାନତାକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିଛି। ସମ୍ଭଲ ପ୍ରସଙ୍ଗ ଉପରେ ସେ କହିଛନ୍ତି ଯେ, ୫୦୦ ବର୍ଷ ତଳେ



ବାବରଙ୍କ ଲୋକମାନେ ଅଯୋଧ୍ୟାରେ ଯାହା କରିଥିଲେ ଏବେ ସମ୍ଭଲରେ କିଛି ଲୋକ ତାହାର ପୁନରାବୃତ୍ତି କରିବାକୁ ପ୍ରୟାସ କରିଛନ୍ତି। ଅଯୋଧ୍ୟାରେ ରାମ ମନ୍ଦିର ଭାଙ୍ଗି ବାବରୀ ମସଜିଦ ନିର୍ମାଣରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଡିଏନଏ ଏବଂ ସମ୍ଭଲ ହିଂସାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଡିଏନଏ ସମାନ। ବାଂଲାଦେଶ ହିଂସା ପଛରେ ମଧ୍ୟ ସମାନ ଡିଏନଏ ରହିଛି। ଏଭଳି କିଛି ଲୋକ ଏବେ ବି ଭାରତର ଏକତା ଏବଂ ଅଖଣ୍ଡତା ଭାଙ୍ଗିବାକୁ ଉଦ୍ୟମ କରୁଛନ୍ତି ଏବଂ ଦେଶକୁ ବଦନାମ କରିବାକୁ ପ୍ରୟାସ କରୁଛନ୍ତି ବୋଲି ଯୋଗୀଜୀ କହିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ସମ୍ଭଲରେ ଏକ ମସଜିଦ ତଳେ ମନ୍ଦିରର ଭଗ୍ନାବଶେଷ ରହିଥିବା କଥା ଉଠିବା ପରେ କୋର୍ଟ ଏହାର ସର୍ଭେ ନିର୍ଦ୍ଦେଶ ଦେଇଥିଲେ। ଏଏସଆଇ ଟିମ ଏହାର ସର୍ଭେ କରିବକୁ ଯିବା ବେଳେ ଆକ୍ରମଣର ଶିକାର ହୋଇଥିଲେ। ଏହା ପଛରେ ସମାଜବାଦୀ ପାର୍ଟୀ ନେତାଙ୍କ ହାତ ରହିଥିବା ଅଭିଯୋଗ ହୋଇଛି ଏବଂ ତାଙ୍କୁ ଗିରଫ କରାଯାଇଛି। ଏହି ଘଟଣାକୁ କେନ୍ଦ୍ର କରି ସମ୍ଭଲରେ ତୀବ୍ର ଉତ୍ତେଜନା ସୃଷ୍ଟି ସହିତ ହିଂସାକାଣ୍ଡ ସୃଷ୍ଟି ହୋଇଛି। ଏବେ ସମ୍ଭଲରେ ବାହାର ଲୋକଙ୍କ ପ୍ରବେଶ ଉପରେ କଟକଣା ଜାରି ରହିଛି। ଆଗାମୀ ୧୦ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। ବୁଧବାର ରାହୁଲ ଗାନ୍ଧି ସମ୍ଭଲ ଅଭିମୁଖେ ଯାତ୍ରା କରିବା ବେଳେ ଗାଜିପୁରଠାରେ ତାଙ୍କୁ ପୋଲିସ ଅଟକାଇଥିଲା।

# ସିଏପିଏଫ୍‌ରେ ୭୩୦ ଯବାନ କରିଛନ୍ତି ଆତ୍ମହତ୍ୟା

**ନୂଆଦିଲ୍ଲୀ, ୫।୧୨:** ଲମ୍ବା ସମୟ ଧରି ଡ୍ୟୁଟି ଏବଂ ନିଦ୍ରା ଅଭାବରୁ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ୍)ରେ ନିୟୋଜିତ ଯବାନମାନେ କରୁଛନ୍ତି ଆତ୍ମହତ୍ୟା। କେବଳ ଆତ୍ମହତ୍ୟା ନୁହେଁ, ବରଂ ଚାକିରି ଶେଷ ହେବା ପୂର୍ବରୁ ମଧ୍ୟ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରୁଛନ୍ତି। ବୁଧବାର ରାଜ୍ୟସଭାରେ ଗୃହ ମନ୍ତ୍ରଣାଳୟ ପକ୍ଷରୁ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହି ତଥ୍ୟ ରଖିଛନ୍ତି। ଏହି ତଥ୍ୟ ଅନୁସାରେ ଗତ ୫ ବର୍ଷ ମଧ୍ୟରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ(ସିଏପିଏଫ୍), ନ୍ୟାଶନାଲ୍ ସିକ୍ୟୁରିଟି ଗାର୍ଡ(ଏନ୍ଏସ୍‌ଜି), ଆସାମ ରାଇଫଲ୍ସ(ଏଆର୍) ପରି ଅର୍ଦ୍ଧସାମରିକ ବଳର ୭୩୦ ଜଣ ଯବାନ ଆତ୍ମହତ୍ୟା କରିଛନ୍ତି। ସେହିପରି ଏହି ସମୟ ମଧ୍ୟରେ ୫୫,୫୫୫ ଜଣ ଯବାନ ଇସ୍ତଫା ଦେଇଛନ୍ତି କିମ୍ବା ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଛନ୍ତି।



ତେବେ ଅଧିକାଂଶ ଆତ୍ମହତ୍ୟା ବ୍ୟକ୍ତିଗତ କାରଣ ଯୋଗୁ ହୋଇଥିବା ରିପୋର୍ଟରେ କୁହାଯାଇଛି। ଖାସ୍‌କରି ସ୍ତ୍ରୀ କିମ୍ବା ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ, ବୈବାହିକ ମତଭେଦ କିମ୍ବା ଛାଡପତ୍ର, ଆର୍ଥିକ ଅସୁବିଧା ଏବଂ ପିଲାମାନଙ୍କ ପାଇଁ ପର୍ଯ୍ୟାପ୍ତ ଶିକ୍ଷା ସୁଯୋଗର ଅଭାବ ଆଦି କାରଣ ଯୋଗୁ ଯବାନମାନେ ଆତ୍ମହତ୍ୟା କରୁଛନ୍ତି। ତେବେ ଅର୍ଦ୍ଧସାମରିକ ବଳର ଯବାନମାନଙ୍କ ଆତ୍ମହତ୍ୟା ବୃଦ୍ଧିର କାରଣ ଅଧ୍ୟୟନ କରୁଥିବା ଟାସ୍କଫୋର୍ସ ରିପୋର୍ଟ ଅନୁସାରେ ଘରୁ ଛୁଟି ସାରି

### ୫୫ ହଜାରରୁ ଅଧିକ ଦେଇଛନ୍ତି ଇସ୍ତଫା

କାର୍ଯ୍ୟକୁ ଫେରିବା ପରେ ୮୦ ପ୍ରତିଶତ ଯବାନ ଆତ୍ମହତ୍ୟା କରିଛନ୍ତି। ଏହାକୁ ରୋକିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ‘୧୦୦ ଦିନ ଛୁଟି’ ନୀତି କାର୍ଯ୍ୟକାରୀ କରିଛନ୍ତି। ସିଏପିଏଫ୍ ଏବଂ ଆସାମ ରାଇଫଲରେ ଆତ୍ମହତ୍ୟା ରୋକିବା ପାଇଁ ଗୃହ ମନ୍ତ୍ରଣାଳୟ ଟାସ୍କଫୋର୍ସକୁ କହିଛି। ଯବାନମାନଙ୍କ ଅଭିଯୋଗ ଜାଣିବା ଏବଂ ସମାଧାନ କରିବା ପାଇଁ ସେମାନଙ୍କ ସହ ନିୟମିତ ଆଲୋଚନା କରିବାକୁ କୁହାଯାଇଛି। ଡ୍ୟୁଟି ସମୟରେ ସେମାନଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ଏବଂ ଅବକାଶ ସୁନିଶ୍ଚିତ କରିବାକୁ କୁହାଯାଇଛି।

# ଦିଲ୍ଲୀ ବିଧାନସଭା ବାଚସ୍ପତି ରାମ ନିବାସ ଗୋଏଲ୍ ରାଜନୀତିରୁ ସନ୍ନ୍ୟାସ ନେଲେ

**ନୂଆଦିଲ୍ଲୀ, ୫।୧୨:** ଆମ୍ ଆଦମୀ ପାର୍ଟିକୁ ବଡ଼ ଝଟ୍‌କା। ନିର୍ବାଚନର ଠିକ୍ ପୂର୍ବରୁ ଦିଲ୍ଲୀ ବିଧାନସଭା ବାଚସ୍ପତି ଓ ଆମ୍ ଆଦ୍‌ମୀ ପାର୍ଟିର ବରିଷ୍ଠ ବିଧାୟକ ରାମ ନିବାସ ଗୋଏଲ ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି। ଏନେଇ ରାମ ନିବାସ ଗୋଏଲ ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲଙ୍କୁ ଏକ ଚିଠି ଲେଖି ଜଣାଇଛନ୍ତି। ଅରବିନ୍ଦ କେଜ୍ରିୱାଲଙ୍କୁ ଲେଖିଥିବା ଚିଠିରେ ରାମ ନିବାସ ଗୋଏଲ କହିଛନ୍ତି ଯେ, 'ଗତ ୧୦ ବର୍ଷ ଧରି ମୁଁ ବିଧାନସଭାର ବିଧାୟକ ତଥା ବାଚସ୍ପତି ଭାବରେ ମୋର ଦାୟିତ୍ୱକୁ ଦକ୍ଷତାର ସହ ପାଳନ କରିଛି। ତୁମେ ମୋତେ ସବୁବେଳେ ବହୁତ ସମ୍ମାନ ଦେଇଛ, ଯାହା ପାଇଁ ମୁଁ ତୁମ ପାଖରେ ସର୍ବଦା କୃତଜ୍ଞ ରହିବ।

### ଜୁନିୟର ହକି ଏସିଆ କପ୍

# ପାକିସ୍ତାନକୁ ହରାଇ ଟାଇଟଲ୍ ଜିତିଲା ଭାରତ



**ନୂଆଦିଲ୍ଲୀ, ୫।୧୨:** ପୁରୁଷ ଜୁନିୟର ହକି ଏସିଆ କପ୍ ଫାଇନାଲରେ ଧୂଳି ଚାଟିଲା ପାକିସ୍ତାନ। ଚୀର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୫-୩ ଗୋଲରେ ମାତ ଦେଇ ରେକର୍ଡ ପଞ୍ଚମ ଥର ପାଇଁ ଜୁନିୟର ହକି ଏସିଆ କପ୍ ଟାଇଟଲ୍ ହାତେଇଛି ଟିମ୍ ଇଣ୍ଡିଆ। ଭାରତ ପକ୍ଷରୁ ଅରିଜିତ ସିଂହ ସର୍ବାଧିକ ୪ଟି ଗୋଲ୍ ଦେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହି ମ୍ୟାଚରେ ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ପ୍ରଥମ କ୍ୱାର୍ଟରର ତୃତୀୟ ମିନିଟରେ ପାକିସ୍ତାନର ହନାନ ସାହିତ ପ୍ରଥମ ଗୋଲ୍ ସ୍କୋର କରି ଭାରତକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। କିନ୍ତୁ ଏହାପରେ ଭାରତ ମଧ୍ୟ ତୁରନ୍ତ ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରଥମ କ୍ୱାର୍ଟରର ଚତୁର୍ଥ ମିନିଟରେ ଅରିଜିତ ସିଂହ ଏକ ସଫଳ ପେନାଲ୍ଟି କର୍ଣ୍ଣର ସ୍କୋର କରି ସ୍କୋରକୁ ବରାବର ସ୍ଥିତିକୁ ନେଇଥିଲେ।

ପ୍ରଥମ କ୍ୱାର୍ଟର ଶେଷ ସୁଦ୍ଧା ଉଭୟ ଭାରତ ଓ ପାକିସ୍ତାନ ୧-୧ ଗୋଲରେ ବରାବର ସ୍ଥିତିରେ ରହିଥିଲେ। ହେଲେ ଦ୍ୱିତୀୟ କ୍ୱାର୍ଟରରେ ଅଗ୍ରଣୀ ହାସଲ କରିଥିଲା ଭାରତ। ଅରିଜିତ ସିଂହ ପୁଣି ଏକ ପେନାଲ୍ଟି କର୍ଣ୍ଣରକୁ ସଫଳ କରି ଭାରତକୁ ୨-୧ରେ ଆଗୁଆ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟରର ୧୯ତମ ମିନିଟରେ ଭାରତ ଆଉ ଏକ ଗୋଲ ସ୍କୋର କରିଥିଲା। ଦିଲରାଜ ସିଂହ ଏହି ଗୋଲ୍ ଦେଇ ଭାରତକୁ ୩-୧ ଅଗ୍ରଣୀ କରାଇଥିଲେ। ଏହାପରେ ପାକିସ୍ତାନ ପକ୍ଷରୁ ୩୦ତମ ମିନିଟରେ ସୁଫିଆନ୍ ଖାନ୍ ଏକ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ସୁଦ୍ଧା ଭାରତ ୩-୨ରେ ଆଗୁଆ ରହିଥିଲା।

ତୃତୀୟ କ୍ୱାର୍ଟରର ୩୯ତମ ମିନିଟରେ ସୁଫିଆନ୍ ଖାନ ପୁନର୍ବାର ପେନାଲ୍ଟି କର୍ଣ୍ଣରକୁ ସଫଳ କରିଥିଲେ। ଏହି କ୍ୱାର୍ଟର ଶେଷ ସୁଦ୍ଧା ଭାରତ ଓ ପାକିସ୍ତାନ ୩-୩ ଗୋଲରେ ବରାବର ସ୍ଥିତିରେ ରହିଥିଲେ। ହେଲେ ଚତୁର୍ଥ କ୍ୱାର୍ଟରରେ ଭାରତ ମ୍ୟାଚ୍ ୱିନିଂ ପ୍ରତ୍ୟାବର୍ତ୍ତନ କରିଥିଲା। ଭାରତ ପକ୍ଷରୁ ଅରିଜିତ ସିଂହ ୪୭ତମ ମିନିଟରେ ଗୋଟିଏ ଗୋଲ୍ ଦେଇଥିଲେ। ସେହିପରି ୫୪ତମ ମିନିଟରେ ସେ ଏକ ସଫଳ ପେନାଲ୍ଟି କର୍ଣ୍ଣର ଖେଳି ବିଜୟୀ ଗୋଲ୍ କରିଥିଲେ। ଫଳରେ ଟିମ୍ ଇଣ୍ଡିଆ ପାକିସ୍ତାନକୁ ୫-୩ ଗୋଲରେ ପରାସ୍ତ କରି ରେକର୍ଡ ପଞ୍ଚମ ଟାଇଟଲ୍ ହାସଲ କରିଛି।

## କିଏ ହେବ ବିସିସିଆଇର ପରବର୍ତ୍ତୀ ସମ୍ପାଦକ

**ନୂଆଦିଲ୍ଲୀ,୫।୧୨:** ଆଇସିସି ମୁଖ୍ୟ ଭାବରେ ବିସିସିଆଇ ସମ୍ପାଦକ ଜୟ ଶାହା ଦାୟିତ୍ୱ ଗ୍ରହଣ କରିବା ପରେ ଏହି ପଦବୀ ଖାଲି ରହିଛି। ଡିସେମ୍ବର ୧ ତାରିଖରେ ଶାହା ଆଇସିସି ଚେୟାରମ୍ୟାନ ଦାୟିତ୍ୱ ଗ୍ରହଣ କରିଥିଲେ। ବିସିସିଆଇର ଏହି ସର୍ବଶକ୍ତିଶାଳୀ ପଦବୀରେ କିଏ ବସିବେ ତାହାକୁ ନେଇ ବର୍ତ୍ତମାନ ଆଲୋଚନା ଜୋର ଧରିଛି। ୨୦୨୨ରେ ବିସିସିଆଇର ସମ୍ବିଧାନ ପରିବର୍ତ୍ତନ ପରେ ସମ୍ପାଦକ ପଦବୀ ସବୁଠାରୁ ଶକ୍ତିଶାଳୀ ରହିଛି। ସମସ୍ତ ପ୍ରକାର କ୍ରିକେଟ ଓ ଅଣ କ୍ରିକେଟ ନିଷ୍ପତ୍ତିରେ ସମ୍ପାଦକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଏହାସହିତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ତାଙ୍କ ଅଧୀନରେ କାର୍ଯ୍ୟ କରିଥାନ୍ତି। ଅଗଷ୍ଟ ମାସରେ ଶାହା ଆଇସିସିର ମୁଖ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ତା' ପରଠାରୁ ଏହି କ୍ଷମତାକେନ୍ଦ୍ର କାହା ନିକଟକୁ ଯିବ ତାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଗୁଜରାଟ କ୍ରିକେଟ ବୋର୍ଡର ଅନିଲ ପଟେଲ, ବିସିସିଆଇର ବର୍ତ୍ତମାନ ଯୁଗ୍ମ ସମ୍ପାଦକ ଦେବଜିତ ସାଇକିଆ ଓ ଡିଡିସିଏ ସଭାପତି ରୋହନ ଜେଟଲୀଙ୍କ ନାମକୁ ନେଇ ସବୁଠୁ ଅଧିକ ଚର୍ଚ୍ଚା ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହା କେବଳ ଗୁଜବ ବୋଲି ଜଣାପଡିଥିଲା। ସମସ୍ତ ରାଜ୍ୟର ବୋର୍ଡଗୁଡିକ ସମ୍ପାଦକ ନିର୍ବାଚନକୁ ନେଇ ନୀରବତା ଅବଲମ୍ବନ କରୁଛନ୍ତି। ବର୍ତ୍ତମାନ ସମୟରେ ଯୁଗ୍ମ ସମ୍ପାଦକ ରହିଥିବା ଦେବଜିତ ଅନ୍ତରୀଣ ଭାବରେ ଏହି ଦାୟିତ୍ୱ ସମ୍ପାଦନ କରିପାରନ୍ତି। ତେବେ ନିୟମ ଅନୁସାରେ ଗୋଟିଏ ପଦବୀ ଖାଲି ହେବାର ୪୫ ଦିନ ମଧ୍ୟରେ ନିର୍ବାଚନ କରାଇ ଏହାକୁ ପୂରଣ କରାଯିବା ଉଚିତ। ଜାନୁଆରୀ ୧୫ ଯାଏ ବିସିସିଆଇ ହାତରେ ସମ୍ପାଦକ ନିର୍ବାଚିତ କରିବାର ସମୟ ରହିଛି। ସେହିପରି ନିର୍ବାଚନର ୪ ସପ୍ତାହ ପୂର୍ବରୁ ଇଲେକ୍ଟୋରାଲ ଅଫିସରଙ୍କ ନିଯୁକ୍ତି ବାଧ୍ୟତାମୂଳକ ରହିଛି। ବୋର୍ଡ ନିକଟରେ ଦେଢ ମାସ ସମୟ ରହିଥିବା ବେଳେ ତରତର ହେବାର ନାହିଁ ବୋଲି ଜଣେ ଅଧିକାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ବିସିସିଆଇର ବର୍ତ୍ତମାନ ଟିମ୍‌ର କାର୍ଯ୍ୟକାଳ ଆସନ୍ତା ବର୍ଷ ସେପ୍ଟେମ୍ବରରେ ଶେଷ ହେବାକୁ ଯାଉଛି। ତେଣୁ ଯିଏ ବି ଦାୟିତ୍ୱ ନେବ ତାଙ୍କୁ ବର୍ଷେ ପରେ ଦାୟିତ୍ୱ ଛାଡିବାକୁ ପଡିବ। ଅନ୍ୟପକ୍ଷରେ ଏହି ପଦ ପାଇଁ ଅନ୍ୟତମ ଦାବିଦାର ଅରୁଣ ଧୂମଲ ବର୍ତ୍ତମାନ ଆଇସିସିରେ ଭାରତର ପ୍ରତିନିଧି ରହିଛନ୍ତି।

## ବିସିସିଆଇର ଅଭ୍ୟାସ ସେସନ୍‌କୁ ଆସିବେନି ଦର୍ଶକ



ଆଡିଲେଡ୍,୪।୧୨: ବର୍ଡର-ଗାଭାସ୍କର ଟ୍ରଫିରେ ଭାରତୀୟ ଦଳର ଅଭ୍ୟାସ ସେସନ୍‌ରେ ଏଣିକି ଦର୍ଶକଙ୍କୁ ଦେଖିବାକୁ ମିଳିବ ନାହିଁ। କିଛି ଦର୍ଶକଙ୍କ ଖରାପ ବ୍ୟବହାର କାରଣରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ପୂର୍ବରୁ ବିସିସିଆଇ ଏହି ନିଷ୍ପତ୍ତି ନେଇଛି। ମଙ୍ଗଳବାରର ଅଭ୍ୟାସ ସେସନ୍ ପରେ ଏଭଳି କଠୋର ନିଷ୍ପତ୍ତି ନେଇଛି ବିସିସିଆଇ। ମଙ୍ଗଳବାର ଅଷ୍ଟ୍ରେଲିଆ ଦଳର ଅଭ୍ୟାସ ସେସନ୍ ସମୟରେ ୭୦ -୮୦ ଜଣ ଦର୍ଶକ ଉପସ୍ଥିତ ଥିଲେ। ତେବେ ଭାରତର ଅଭ୍ୟାସ ସମୟରେ ୩୦୦୦ରୁ ଅଧିକ ଦର୍ଶକ ଆସିଥିଲେ।

ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଓ ଉଇକେଟ କିପର ରିଷଭ ପନ୍ତ ବ୍ୟାଟିଂ କରୁଥିବା ସମୟରେ ଛକା ମାରିବା ପାଇଁ ଦର୍ଶକ ବାରମ୍ବାର ଚିତ୍କାର କରିଥିଲେ। ଏପରି କି କିଛି ଦର୍ଶକ ଖେଳାଳିଙ୍କ ଫିଟନେସ୍‌କୁ ନେଇ ମଧ୍ୟ କମେଣ୍ଟ କରିଥିଲେ। ଏପରି କି ବିରାଟ କୋହଲି ଓ ଶୁବମାନ ଗିଲ୍‌ଙ୍କ ବ୍ୟାଟିଂ ସମୟରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହା ସହିତ କିଛି ଦର୍ଶକ ଉକ୍ତ ସ୍ଥାନରୁ ଭାରତୀୟ ଦଳର ଅଭ୍ୟାସ ସେସନ୍‌ର ଫେସ୍‌ବୁକ୍ ଲାଇଭ୍ ମଧ୍ୟ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ପଞ୍ଚମ ଟେଷ୍ଟ ସିଡ୍‌ନୀରେ ଖେଳାଯିବ। ସିଡ୍‌ନୀରେ ମ୍ୟାଚ୍ ପୂର୍ବରୁ ଫ୍ୟାନ୍‌ମାନଙ୍କ ପାଇଁ ଏକ ଦିନ ରଖାଯାଇଥିଲା।

ତେବେ ମଙ୍ଗଳବାରର ପରିସ୍ଥିତି ପରେ ଏହାକୁ ବାତିଲ କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଜଣେ ଫ୍ୟାନ୍ ଗୁଜରାଟୀରେ ହାଏ କହିବା ପାଇଁ ଜୋରରେ ଚିଲାଇଥିବା ବେଳେ ସର୍ଫରାଜ ଖାଁଙ୍କ ମେଦବହୁଳତାକୁ ସମାଲୋଚନା କରିଥିଲେ କିଛି ପ୍ରଶଂସକ। ଉଲ୍ଲେଖଯୋଗ୍ୟ ଯେ, ଆଡିଲେଡରେ ଖେଳାଯିବାକୁ ଥିବା ମ୍ୟାଚ୍ ଦିବାରାତ୍ର ଫର୍ମାଟରେ ଖେଳାଯିବ। ପରେ ବ୍ରିସବେନ୍, ମେଲବୋର୍ନ ଓ ସିଡ୍‌ନୀରେ ଅନ୍ତିମ ୩ଟି ଟେଷ୍ଟ ମ୍ୟାଚ୍ ଖେଳାଯିବ।

### ବର୍ଡର-ଗାଭାସ୍କର ଦ୍ୱିତୀୟ ଟେଷ୍ଟ

## ଓପନିଂରେ ଖେଳିବେ ରାହୁଲ: ରୋହିତ

**ପର୍ଥ, ୫।୧୨:** ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲିଠାରୁ ଆଡିଲେଡ୍‌ରେ ଖେଳାଯିବ। ଯଶପ୍ରୀତ ବୁମ୍ରାଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ପର୍ଥରେ ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆକୁ ୨୯୫ ରନ୍‌ରେ ହରାଇଥିବା ବେଳେ ଦ୍ୱିତୀୟ ଟେଷ୍ଟ ପାଇଁ ଦଳକୁ ଫେରିଛନ୍ତି ଅଧିନାୟକ ରୋହିତ ଶର୍ମା। ସେ ଦଳକୁ ଫେରିବା ପରେ କେଏଲ ରାହୁଲ କେତେ ନମ୍ବରରେ ଖେଳିବେ, ତାକୁ ନେଇ ଆରମ୍ଭ ହୋଇଯାଇଥିଲା ଚର୍ଚ୍ଚା। ତେବେ ଆଜି ଏସବୁ ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଅଧିନାୟକ ରୋହିତ ଶର୍ମା। ଆଡିଲେଡ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରୋହିତ ଶର୍ମା କହିଛନ୍ତି ଯେ କେଏଲ ରାହୁଲ ଓ ଯଶସ୍ୱୀ ଜୈସୱାଲ ଓପନିଂ କରିବେ। ସେ ମିଡିଲ୍ ଅର୍ଡରରେ କୌଣସି ସ୍ଥାନରେ ବ୍ୟାଟିଂ କରିବାକୁ ଆସିବେ। ଏହା ତାଙ୍କ ପାଇଁ ସହଜ ହେବ ନାହିଁ। କିନ୍ତୁ ଏହା ଦଳ ପାଇଁ ଭଲ ହେବ।

ରୋହିତ କହିଛନ୍ତି, ମୁଁ କେଏଲ ରାହୁଲଙ୍କ ଖେଳ (ପ୍ରଥମ ଟେଷ୍ଟରେ) ଦେଖିଛି। ସେ ବଢ଼ିଆ ଖେଳିଥିଲେ। ତେଣୁ ମୁଁ ଅନୁଭବ କଲି ଯେ ବର୍ତ୍ତମାନ ପାଇଁ କୌଣସି ପରିବର୍ତ୍ତନ ଆବଶ୍ୟକ ନାହିଁ। ଭବିଷ୍ୟତରେ କଥା ଅଲଗା ହୋଇପାରେ। ଆମେ ଫଳାଫଳ ଚାହୁଁ। ଆମେ ସଫଳତା ଚାହୁଁ। ଆଉ ସେ ଦୁଇ ଜଣ (ଯଶସ୍ୱୀ ଜୈସୱାଲ ଓ କେଏଲ ରାହୁଲ) ଗତ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଛନ୍ତି। କେଏଲ ରାହୁଲ ଯାହା କରି ଦେଖାଇଛନ୍ତି, ସେଥିପାଇଁ ସେ ବର୍ତ୍ତମାନ ସେହି ସ୍ଥାନରେ ଖେଳିବାକୁ ହକଦାର। ଏଥିଯୋଗୁ ପ୍ରଥମ ଟେଷ୍ଟରେ ଆମକୁ ସଫଳତା ମିଳିଥିଲା। ସେମାନଙ୍କ ମଧ୍ୟରେ ଏକ ବଡ଼ ପାର୍ଟନରଶିପ ହୋଇଥିଲା, ଯାହା ଆମକୁ ମ୍ୟାଚ୍ ଜିତିବାରେ ସହାୟକ ହୋଇଥିଲା। ତେଣୁ ମୁଁ ଭାବୁ ନାହିଁ ସେଥିରେ (କେଏଲ ରାହୁଲଙ୍କୁ ଓପନିଂ ପଠାଇବାରେ) କୌଣସି ପରିବର୍ତ୍ତନ ଆବଶ୍ୟକ।




କୁହାଯାଉଛି, ଏହା ଅଧିନାୟକ ରୋହିତ ଶର୍ମାଙ୍କର ଏକ ସାହସିକ ପଦକ୍ଷେପ। ସେ ତାଙ୍କ ମନପସନ୍ଦର ସ୍ଲଟକୁ କେଏଲ ରାହୁଲଙ୍କୁ ଦେଇଛନ୍ତି। ପର୍ଥ ଟେଷ୍ଟରେ ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ଯଶସ୍ୱୀ ଜୈସୱାଲଙ୍କ ସହିତ ଓପନିଂ କରିଥିଲେ କେଏଲ ରାହୁଲ। ସେହି ଟେଷ୍ଟର ଦ୍ୱିତୀୟ ଇନିଂସରେ ସେମାନଙ୍କ ମଧ୍ୟରେ ୨୦୧ ରନ୍‌ର ପାର୍ଟନରଶିପ ହୋଇଥିଲା। ରାହୁଲଙ୍କ ଖେଳ ସମସ୍ତଙ୍କୁ ଭଲ ଲାଗିଥିଲା। ସେ ୭୭ ରନ୍ କରିଥିଲେ। ୨୦୧୯ରୁ ଟେଷ୍ଟରେ ଭାରତ ପାଇଁ ଓପନିଂ କରି ଆସୁଥିଲେ ରୋହିତ ଶର୍ମା। ତାଙ୍କୁ ସେହି ସ୍ଥାନରେ ବ୍ୟାଟିଂ କରିବାକୁ ସୁଯୋଗ ଦେବାରେ ଥିଲା ତତ୍କାଳୀନ ଅଧିନାୟକ ବିରାଟ କୋହଲି ଓ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ ହାତ। ଆଉ ଏହା ଟେଷ୍ଟ କ୍ରିକେଟରେ ରୋହିତଙ୍କ ଭାଗ୍ୟ ବଦଳାଇ ଦେଇଥିଲା। ରୋହିତ ଶର୍ମା ସେହି ସମୟରୁ ଆଜି ପର୍ଯ୍ୟନ୍ତ ୪୨ଟି ଟେଷ୍ଟ ଖେଳିଥିବା ବେଳେ ୩୦୦୦ ରନ୍ ସଂଗ୍ରହ କରିଛନ୍ତି। ତା' ମଧ୍ୟରେ ୯ଟି ଶତକ ରହିଛି। ସୂଚନାଯୋଗ୍ୟ, ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଏକାଦଶ ବିପକ୍ଷରେ ଖେଳା ଯାଇଥିବା ଅଭ୍ୟାସ ମ୍ୟାଚ୍‌ରେ ରୋହିତ ଓପନିଂ କରିବାକୁ ଆସି ନଥିଲେ। ତାଙ୍କ ବଦଳରେ ଯଶସ୍ୱୀ ଜୈସୱାଲଙ୍କ ସହିତ କେଏଲ ରାହୁଲଙ୍କୁ ପଠାଇଥିଲେ। ସେ ନିଜକୁ ୫ ନମ୍ବରରେ ରଖିଥିଲେ ହେଁ ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ। କିନ୍ତୁ ଏହି ନମ୍ବରରେ ଆସି ଫେଲ ମାରିଥିଲେ। ମାତ୍ର ୩ ରନ୍ କରିବାକୁ ସକ୍ଷମ ହୋଇଥିଲେ ରୋହିତ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଋଣ...

ଋଣଭାର ରାଜ୍ୟ ସକାଳ ଘରୋଇ ଉତ୍ପାଦର ୨୫ ପ୍ରତିଶତ ମଧ୍ୟରେ ସୀମିତ ରହିବା ଜରୁରୀ । ରାଜ୍ୟ ମହାଲେଖାକାରଙ୍କଠୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୪ ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟର ରାଜସ୍ୱ ବଳକା ସ୍ଥିତି ବଜାୟ ଥିବାବେଳେ ଋଣଭାର ମୋଟ ରାଜ୍ୟ ଜିଡିପି ଅନୁପାତ ୧୦.୧୨ ପ୍ରତିଶତ ରହିଛି । ସୁଧ ଦେୟ ଓ ରାଜସ୍ୱ ଆୟର ଅନୁପାତ ମଧ୍ୟ ୧.୮୫ ପ୍ରତିଶତରେ ସୀମିତ ରହିଛି । ତେଣୁ ଏସବୁ ବିତ୍ତୀୟ ସୂଚକାଙ୍କ ଧାର୍ଯ୍ୟ ସୀମା ତୁଳନାରେ ଯଥେଷ୍ଟ ତଳେ ରହିଅଛି। ଚଳିତବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ଆମର ଋଣଭାର ଗତବର୍ଷ ଶେଷର ଋଣଭାର ତୁଳନାରେ ୨୫୯୭କୋଟି ହ୍ରାସ ପାଇଛି । ଏହାସହିତ ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୨୧୫୫ କୋଟି ୭୩ଲକ୍ଷ ୫୧ହଜାର ଟଙ୍କାର ଅତିରିକ୍ତ ବ୍ୟୟବରାଦ ନିମନ୍ତେ ବ୍ୟୟମଞ୍ଜୁରୀ ବିଲ ମଧ୍ୟ ଆଜି ଅନୁମୋଦନ ଲାଭ କରିଛି ।

ଚଳିତବର୍ଷ ରାଜ୍ୟ ସରକାର ସମ୍ବଳ ସଂଗ୍ରହ ନେଇ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ହାସଲ କରିପାରିବେ । ଚଳିତ ଆର୍ଥିକ ବର୍ଷର ନଭେମ୍ବର ମାସ ଶେଷ ସୁଦ୍ଧା ରାଜ୍ୟର ମୋଟ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ୧୦ ପ୍ରତିଶତ ବୃଦ୍ଧି ହାସଲ ହୋଇଛି । ଏହା ବଜେଟ୍ ଆକଳନର ୫୪.୫% ଅଟେ । କେନ୍ଦ୍ରୀୟ ସହାୟତାରେ ବୃଦ୍ଧି ହୋଇଛି । ଜିଏସଟି, ଅବକାରୀ ଶୁଳ୍କ, ଯାନବାହନ ଟିକସ ଓ ଡିଭିଡେଣ୍ଡ ସଂଗ୍ରହରେ ମଧ୍ୟ ବୃଦ୍ଧି ହୋଇଛି । ଚଳିତ ଆର୍ଥିକ ବର୍ଷରେ ବଜେଟ୍ ଆକଳନ ଅନୁସାରେ ଧାର୍ଯ୍ୟ ରାଜସ୍ୱ ଆଦାୟ ଲକ୍ଷ୍ୟ ବର୍ଷ ଶେଷରେ ହାସଲ କରାଯାଇପାରିବ ବୋଲି ସେ କହିଛନ୍ତି। ୨୦୩୬ ମସିହାରେ ବିକଶିତ ଓଡ଼ିଶା ଗଠନ ପାଇଁ ସାରା ରାଜ୍ୟ ଅଂଟା ଭିଡିଛି । ଭିଜନ ଦସ୍ତାବିଜ ପାଇଁ ଏପର୍ଯ୍ୟନ୍ତ ୨ଲକ୍ଷ ଲୋକଙ୍କ ମତାମତ ମିଳିଛି । ଯାହା ବିକଶିତ ଓଡ଼ିଶା ଗଠନର ସଂକଳ୍ପକୁ ଆହୁରି ମଜଭୂତ କରୁଛି । ଏମିତି ବିପୁଳ ମତାମତ ପାଇଁ ଓଡ଼ିଶାବାସୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି ।

### ଆଳୁ...

ବାହାରିଛି ପୁରୁଣା ରୋଗ। ଓଡ଼ିଶାକୁ ଆଳୁ ଗାଡ଼ି ପ୍ରବେଶ ଉପରେ ଲଗାଇଥିଲେ କଟକଣା। ଯାହାଫଳରେ ବଜାରରେ ଆଳୁ ଦର ପୁଣି ବୃଦ୍ଧି ପାଇଥିଲା । ଯୋଉଠି ପଚାରିବେ, ଯେମିତି ମାଗିବେ ସବୁଠି ୪୦ ଉପରେ। ଗୋଦାମରେ ବି ଆଉ ଷ୍ଟକ୍ ନାହିଁ । କଟକ, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରରେ ଆଳୁ ଦର ୪୦ରୁ ଅଧିକ ରହିଥିଲା ।

### ଫଡନାବୀଶ...

ମହାଯୁତି ମେଣ୍ଟ। ମହାରାଷ୍ଟ୍ରର ୨୦ ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର କିଛି ଘଣ୍ଟା ପରେ ଦେବେନ୍ଦ୍ର ଫଡନାବୀଶ, ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଓ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ସଚିବାଳୟକୁ ଯାଇ ଦାୟିତ୍ୱ ଗ୍ରହଣ କରିବା ସହିତ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ପାଇଁ ପୁନେର ଜଣେ ମହିଳାଙ୍କୁ ଆର୍ଥିକ ସହାୟତା ମଞ୍ଜୁର କରିଛନ୍ତି। ମନ୍ତ୍ରାଳୟରେ ପହଞ୍ଚିବା ପରେ ତିନି ନେତା ଛତ୍ରପତି ଶିବାଜୀ ମହାରା, ଜିଜାବାଈ, ବିଆର୍ ଆମ୍ବେଦକର, ମହାତ୍ମା ଫୁଲେଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ମନ୍ତ୍ରଣାଳୟରେ ଅଫିସର ଓ କର୍ମଚାରୀମାନେ ସେମାନଙ୍କୁ ସ୍ୱାଗତ କରିଛନ୍ତି।ଏହାପରେ ଫଡନାବୀଶ, ପାୱାର ଓ ସିନ୍ଦେ ପ୍ରଥମ କ୍ୟାବିନେଟ୍ ବୈଠକ କରିବା ସହିତ ଅଫିସରମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ପୁନେର ଚନ୍ଦ୍ରକାନ୍ତ କୁରହଡେଙ୍କ ଚିକିତ୍ସା ନିମିତ୍ତ ତାଙ୍କ ପତ୍ନୀଙ୍କୁ ୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମଂଜୁର କରିଥିଲେ। ସୂଚନାଯୋଗ୍ୟ, ପ୍ରାୟ ୨ ସପ୍ତାହ ଧରି ଅଚଳାବସ୍ଥା ଲାଗିରହିବା ପରେ ଏକନାଥ ସିନ୍ଦେଙ୍କୁ ମନାଇବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଫଳ ହୋଇଥିଲେ।

### ଯାଜପୁର ...

ଖର୍ଚ୍ଚ କରିଥାଏ। ଏହି ପାଣ୍ଠି ମୁଖ୍ୟତଃ ଖଣି ବହୁଳ ଅଞ୍ଚଳର ପରିବେଶ ସୁରକ୍ଷା, ପାନୀୟ ଜଳ, ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ଖର୍ଚ୍ଚ କରିବାକୁ ଆଇନରେ ବ୍ୟବସ୍ଥା ରହିଛି। ହେଲେ ଯାଜପୁର ଜିଲ୍ଲାରେ ଏହାର ପ୍ରବଳ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏମିତି ଯାଜପୁର ଜିଲ୍ଲା ସାମଗ୍ରୀକ ଭାବେ ଖଣି ବହୁଳ ଜିଲ୍ଲା ନୁହେଁ।
ଯାଜପୁରର ଧର୍ମଶାଳା ଓ ସୁକିନ୍ଦା ଏହି ଦୁଇ ନିର୍ବାଚନମଣ୍ଡଳିର କିଛି ଅଞ୍ଚଳରେ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ହୋଇଥାଏ। କିନ୍ତୁ ୨୦୧୮-୧୯ରୁ ୨୦୨୩-୨୪ ମଧ୍ୟରେ ଡିଏମଏଫ ପାଣ୍ଠିର ବିନିଯୋଗ ବ୍ୟାପକ ଦୁର୍ନୀତି ଓ କ୍ଷମତା ଦୁରୁପଯୋଗକୁ ସ୍ପଷ୍ଟ ଇଙ୍ଗିତ କରୁଛି।
ଏହି ଛଅ ବର୍ଷ ମଧ୍ୟରେ ଡିଏମଏଫ ପାଣ୍ଠିରୁ ୧୮୮ଟି ପ୍ରକଳ୍ପକୁ ମଂଜୁରୀ ମିଳିଥିଲା। ଆଶ୍ଚର୍ଯ୍ୟର କଥା ହେଉଛି ଏସବୁ ପ୍ରକଳ୍ପ ଯାଜପୁର ବ୍ଲକ ଓ ମୁନିସିପାଲିଟି ପାଇଁ। କୌଣସି ଗୋଟିଏ ହେଲେ ପ୍ରକଳ୍ପ ସୁକିନ୍ଦା କି ଧର୍ମଶାଳା ଅଞ୍ଚଳ ପାଇଁ ନୁହେଁ।

ପ୍ରଶ୍ନ ଉଠୁଛି, ଯାଜପୁର ନିର୍ବାଚନମଣ୍ଡଳି ଅନ୍ତର୍ଗତ ଯାଜପୁର ବ୍ଲକ ଓ ପୌରାଞ୍ଚଳରେ ଗୋଟିଏ ହେଲେ ଶିଳ୍ପ କି ଖଣି ନାହିଁ। କିନ୍ତୁ ଡିଏମଏଫ ପାଣ୍ଠିର ସବୁ ପ୍ରକଳ୍ପ ବ୍ଲକ ଓ ପୌରାଞ୍ଚଳ ପାଇଁ। କାହା ଇଙ୍ଗିତରେ ଓ କାହା ଚାପରେ ଯାଜପୁର ବ୍ଲକ ଓ ପୌରାଞ୍ଚଳର ସବୁ ପ୍ରକଳ୍ପକୁ ଜିଲ୍ଲା ପ୍ରଶାସନ ମଂଜୁରି ଦେଇଥିଲା ଆଉ ଏଥିପାଇଁ ଆର୍ଥିକ ପ୍ରବାଧାନ ବି କରିଥିଲା? କେଉଁ ଅଦୃଶ୍ୟ ଶକ୍ତିର ଭୟରେ ଧର୍ମଶାଳା ଓ ସୁକିନ୍ଦା ବିଧାୟକ ବି ପ୍ରଶ୍ନ ଉଠାଉନଥିଲେ? ଆଇନ ଅନୁଯାୟୀ ପାଣ୍ଠି ମୁଖ୍ୟତଃ ଖଣି ଖାଦାନ ଦ୍ୱାରା ପ୍ରଭାବିତ ହେଉଥିବା ଅଞ୍ଚଳର ଲୋକଙ୍କ ବିକାଶ ପାଇଁ ଖର୍ଚ୍ଚ କରାଯିବାର ଆବଶ୍ୟକତା ଥିଲା। କିନ୍ତୁ ଯେଉଁ ବ୍ଲକ ଓ ପୌରାଞ୍ଚଳର ଲୋକେ ଆଦୌ ଖଣି ଉତ୍ତୋଳନରେ ପ୍ରଭାବିତ ହେଉନଥିଲେ ସେହି ଅଞ୍ଚଳକୁ ଜିଲ୍ଲା ପ୍ରଶାସନ ଏତେ ଅନୁକମ୍ପା କାହିଁକି ଦେଖାଉଥିଲା। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ଏହି ତଥ୍ୟରୁ ଏଭଳି ପ୍ରଶ୍ନ ଉଠୁଥିବା ବେଳେ ଆଗାମୀ ଦିନରେ ରାଜ୍ୟରେ ଡିଏମଏଫ ପାଣ୍ଠିର ବିନିଯୋଗ ନେଇ ତଦନ୍ତ ହେଲେ ସତ ସାମନାକୁ ଆସିପାରିବ ବୋଲି ସାଧାରଣ ମତପ୍ରକାଶ ପାଉଛି।

### ଦେବୀଙ୍କୁ ...

ତାହା ସନ୍ୟାସୀଙ୍କ ଇଙ୍ଗିତରେ ହୋଇଥିବା ନେଇ ସନ୍ଦେହ କରାଯାଉଛି। କାରଣ ସରକାରକୁ ଆସିବା ନେଇ ସନ୍ୟାସୀ ଏକ ପ୍ରକାର ନିଶ୍ଚିତ ଥିବାରୁ ବରିଷ୍ଠମାନେ ଯେଭଳି ବିଧାନସଭାକୁ ନଆସିବେ ସେଥିପାଇଁ ଲାଗି ପଡ଼ିଥିଲେ। ଯେଉଁଥିପାଇଁ ପ୍ରସନ୍ନ ଠାରୁ ରଣେନ୍ଦ୍ରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ବିରୁଦ୍ଧରେ ବ୍ୟୁହ ରଚନା ହୋଇଥିଲା। ସେମାନେ କୌଣସି ପ୍ରକାରେ ଭାଗ୍ୟ ବଳରେ ବିଧାନସଭାରେ ପଶିବାକୁ ସମର୍ଥ ହୋଇଛନ୍ତି। ହେଲେ ଦେବୀ କିନ୍ତୁ ବଳି ପଡ଼ିଗଲେ।

ତେବେ ସନ୍ଦେହର କାରଣ ଦୃଢୀଭୂତ ହୋଇଛି ନିକଟରେ ଘଟିଥିବା ଅନ୍ୟ ଏକ ଘଟଣାରେ। ଦେବୀ ମିଶ୍ର ତାଙ୍କୁ ମିଳିଥିବା ସରକାରୀ ବଙ୍ଗଳାଟିକୁ ଜଣେ ବିଜେଡି ବିଧାୟକଙ୍କ ନାମରେ ରଖିବାକୁ ଚାହୁଁଥିଲେ। ସବୁକିଛି ଚୂଡାନ୍ତ ହୋଇଥିଲା। ହେଲେ ଅତ୍ୟନ୍ତ ଗୁପ୍ତ ଭାବେ ଚାଲିଥିବା ଅପରେସନ ସଂକ୍ରାନ୍ତରେ ଶେଷ ମୂହୂର୍ତ୍ତରେ ବିଜୟ ଦଳ ବେହେରାଙ୍କୁ ସୂଚନା ଦିଆଗଲା। ସିଏ ଯାଇ ଅଡିବସିଲେ ଦେବୀ ଯେଭଳି ସେହି ସରକାରୀ ବଙ୍ଗଳାଟି ନପାଇବେ। କହିଲେ ଦେବୀ ବଙ୍ଗଳାରେ ରହିଲେ ପୂର୍ବଭଳି ଶକ୍ତିଶାଳୀ ହୋଇ ରହିବେ। ବିଜୟଙ୍କ କଥା ରହିଲା। ଦେବୀ ବଙ୍ଗଳାରୁ ବିଦା ହେଲେ। ତେବେ ବିଜୟ ଦଳ ବେହେରାଙ୍କୁ କିଏ ଗୋପନ ଖବର ଦେଇଥିଲା ତାହାକୁ ନେଇ ଏବେ ପୂର୍ବ ଷଡଯନ୍ତ୍ରକାରୀଙ୍କ ଉପରେ ସନ୍ଦେହ ବଢ଼ିବାରେ ଲାଗିଛି। ଦେବୀଙ୍କୁ ଦୈବୀଛଡା କରିବାରେ କ୍ରୀତଦାସ ଓ ସନ୍ୟାସୀଙ୍କ ଭୂମିକା ଥିବାର ସନ୍ଦେହ ଏବେ ଭୁବନେଶ୍ୱରରୁ ଯାଇ ବଡମ୍ବାରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଦମକଳ କେନ୍ଦ୍ରର ଆବଶ୍ୟକତାକୁ ନୂଆ ସରକାର ଗୁରୁତ୍ୱ ଦେବାକୁ ଜନସାଧାରଣଙ୍କ ଦାବୀ

**ବୈଶିଙ୍ଗା,୫।୧୨(ସଂଚାର ବ୍ୟୁରୋ):** ବହୁ ବର୍ଷ ଧରି ବୈଶିଙ୍ଗା ଠାରେ ଏକ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ଅଞ୍ଚଳବାସୀ ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ଠାରେ ଦାବି କରିଆସୁଥିଲେ ମଧ୍ୟ କାହାରି ନିଦ ଭାଙ୍ଗୁନାହିଁ। ଆଜି ସିନା ସବୁଆଡ଼େ ପକ୍କା ଛାତ ଘର ହୋଇଯାଇଛି ମାତ୍ର ଯେତେବେଳେ ନଡ଼ା ଛପର ,ଟାଇଲ, ଦିସ୍ତା ଘରେ ଯେତେବେଳେ ଘର ତିଆରି କରି ବସବାସ କରୁଥିଲେ ସେତେବେଳେ ଘର ପୋଡିର ଭୟା ବହତା ଥିଲା ତାହା ନ ଦେଖିଲେ ଲୋକେ ବିଶ୍ୱାସ କରିପାରିବେ ନାହିଁ। ଏଭଳି ଲୋମ ହର୍ଷଣକାରୀ ଘଟଣା ଗଡଦେଉଳିଆ , ହୋତାପୁର ,ଜାମନଣ୍ଡା, ବୈଶିଙ୍ଗା , ପାଟଳୀପୁରା ଗ୍ରାମରେ ପୂର୍ବରୁ ଘଟିଥିଲା ଯେଉଁଥିରେ କି ଗ୍ରାମର ଶହ ଶହ ଘର ଧ୍ୱଂସ ସ୍ତୁପରେ ପରିଣତ ହୋଇ ଯାଇଥିଲା।ସେତେବେଳେ ବାରିପଦା , ବାଲେଶ୍ୱର, ଜଳେଶ୍ୱର, ସୋର ଆଦି ସ୍ଥାନରୁ ଦମକଳ ଗାଡି ବୈଶିଙ୍ଗା ପହଞ୍ଚିବାକୁ ଦୁଇରୁ ତିନି ଘଣ୍ଟା ଲାଗୁଥିଲା, ଯାହା ପାଇଁ ଧନଜୀବନକୁ ରକ୍ଷା କରା ଯାଇ ପାରୁ ନଥିଲା। ସ୍ୱାଧୀନତା ପରଠାରୁ କେତେ ବିଧାୟକ, ମନ୍ତ୍ରୀ ବୈଶିଙ୍ଗା ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରିଥିଲେ ମଧ୍ୟ ଦମକଳ କେନ୍ଦ୍ର ସ୍ଥାପନ ପାଇଁ କାହାରି ଆଗ୍ରହ ନ ଥିବାର ପରିଲକ୍ଷିତ ହୋଇଥିଲା। ବୈଶିଙ୍ଗା ନିର୍ବାଚନ ମଣ୍ଡଳୀ ଥିବା ସମୟରେ ବୈଶିଙ୍ଗା ଠାରେ ବ୍ଲକ କାର୍ଯ୍ୟାଳୟ କାର୍ଯ୍ୟକାରୀ କରୁଛି ବୋଲି ସରକାରଙ୍କର ଦସ୍ତାବିଜ ରହିଛି। କେଉଁ କାରଣରୁ ବୈଶିଙ୍ଗା ଏବଂ ଏହାର ଆଖପାଖ ଅଞ୍ଚଳରେ ସଂଖ୍ୟାଧିକ ପଞ୍ଚାୟତ ଥିଲେ ମଧ୍ୟ ନିର୍ବାଚନ ମଣ୍ଡଳୀର ଉପାନ୍ତ ଅଞ୍ଚଳ ବେତନଟୀ ଠାରେ ବ୍ଲକ କାର୍ଯ୍ୟାଳୟ,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ କରାଯିବା ସହିତ ଦମକଳ କେନ୍ଦ୍ର ସ୍ଥାପନ କରାଗଲା। ମାତ୍ର ଏହି ନିର୍ବାଚନ ମଣ୍ଡଳୀର ସୀମା ପୁରୁଣିଆ - ଅଁଳା ଠାରୁ ବେତନଟୀକୁ ୨୮/୩୦ କି.ମି. ପୁରୁଣିଆ ଗ୍ରାମ ପଞ୍ଚାୟତ ଠାରୁ ମଧ୍ୟ ୨୮ କିମି.. ଦୂର କାରଣରୁ ଦମକଳ କେନ୍ଦ୍ର ପହଞ୍ଚିବାରେ ବିଳମ୍ବ ହୁଏ । ଘରପୋଡ଼ି ବ୍ୟତୀତ ଦୁର୍ଘଟଣା, ବନ୍ୟା,ବାତ୍ୟା ଆଦି ଦୁର୍ବିପାକ ପାଇଁ ଦମକଳ ବାହିନୀ ଙ୍କ ସହଯୋଗ ନିତାନ୍ତ ଜରୁରୀ । ଏଥିପାଇଁ ପୂର୍ବରୁ ଥିବା ଏହି ଦାବିକୁ ବର୍ତ୍ତମାନ ବୁଦ୍ଧିଜୀବି ମହଲରେ ପୁନର୍ବାର ଦାବି ଜଣାଇଛନ୍ତି । ଆଗାମୀ ଦିନରେ ଏହି ଦାବିକୁ ବିଚାରକୁ ନିଆ ଯାଇ ନୂଆ ସରକାର ଏ ଦିଗରେ ଗୁରୁତ୍ୱ ଦେବେ ବୋଲି ଅଞ୍ଚଳବାସୀ ଦୃଢ ଭାବେ ଆଶା ବ୍ୟକ୍ତ କରିଛନ୍ତି ।



# ବନ୍ଦ ଘରୁ ଗାଡି ଚାଳକଙ୍କ ମୃତଦେହ ଉଦ୍ଧାର



## ହତ୍ୟା ନାଁ ଆତ୍ମହତ୍ୟା ସନ୍ଦେହ ଘେରରେ ସାଇଣ୍ଟିଫିକ ଟିମ୍, ପୋଲିସର ଛାନଭିନ୍

**କାକଟପୁର/ଅସ୍ତରଙ୍ଗ, ୫।୧୨ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କାକଟପୁର ଥାନା ଅଞ୍ଚଳରେ ଗୁରୁବାର ସକାଳୁ ସକାଳୁ ଗାଡି ଚାଳକ ମୃତ୍ୟୁ ଖବର ସାରା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଗାଡି ଚାଳକ ରଂଜିତ କୁମାର ନାୟକ ମୃତ୍ୟୁ ହତ୍ୟା ନାଁ ଆତ୍ମହତ୍ୟା ସନ୍ଦେହ ଘେରରେ।

ସୂଚନା ମୁତାବକ ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ରଂଜିତ କୁମାର ନାୟକ ଜଣେ ଗାଡି ଚାଳକ। ଦୀର୍ଘ ୨୦ବର୍ଷରୁ ଉର୍ଦ୍ଧ ହେବ ପନିମାଳ ସ୍ଥିତ କବିତା ନାୟକଙ୍କୁ ବିବାହ କରିଥିଲେ। ବିବାହ ପରଠୁ ଅନେକ ସମୟରେ ପତି ପତ୍ନୀଙ୍କ ମଧ୍ୟରେ ପାଟିତୁଣ୍ଡ ଗଣ୍ଡଗୋଳ ହୁଏ। ଏମିତି କି ମୃତ ରଂଜିତ କୁମାର ନାୟକ ଗାଡି ଡ୍ରାଇଭର ହୋଇଥିବା ବେଳେ ଋଣ ଭାର ଚିନ୍ତାରେ ରହୁଥିଲେ ବୋଲି ପତ୍ନୀ କହିଛନ୍ତି। ଗୁରୁବାର ସକାଳୁ ବନ୍ଦ କୋଠରୀରୁ ରଂଜିତ ନାୟକଙ୍କୁ ଝୁଲନ୍ତା ଅବସ୍ଥାରେ ପତ୍ନୀ କବିତା ଦେଖିଥିବା ବେଳେ ପତ୍ନୀ କବିତାଙ୍କ ବାପା କହିବାନୁଯାୟୀ ଜ୍ୱାଇଁ ରଂଜିତ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ଯାହାକି ସ୍ୱାମୀ ଝୁଲନ୍ତା ଅବସ୍ଥାରେ ଥିବା ବେଳେ ଗାମୁଛା ରୁ ଖୋଲି ସ୍ୱାମୀର ମୃତ ଦେହକୁ ଘରେ ଶୁଆଇ ରଂଜିତ କୁମାର ନାୟକଙ୍କ ପତ୍ନୀ କାକଟପୁର ଥାନାରେ ପହଂଚି ଲିଖିତ ଅଭିଯୋଗ କରିଥିଲେ। ଖବର ପାଇବା ପରେ କାକଟପୁର ପୋଲିସ ମୃତ ରଂଜିତ କୁମାର ନାୟକ ଘରେ ପହଂଚି ତଦନ୍ତ ଆରମ୍ଭ କରିଥିବା ବେଳେ ସମ୍ପର୍କୀୟ ଓ ଗ୍ରାମବାସୀ ମତାମତ ପୋଲିସଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ପୋଲିସ ଘଟଣା ସ୍ଥଳରୁ ଫେରି କାକଟପୁର ଥାନା ପରିସରରେ ଥାନାଧିକାରୀ ଉମେଶ କୁମାର ସାହୁ, ଏ ଏସ ଆଇ ପ୍ରମୋଦ କୁମାର ସେଠି, ଜୟନ୍ତୀ ସାହୁ ଘଟଣା ସମ୍ପର୍କରେ ମୃତ ରଂଜିତ ନାୟକ ପତ୍ନୀ କବିତା ନାୟକ, ପୁଅ,ଝିଅ ଙ୍କୁ ପୃଥକ ପୃଥକ କରି ଏକ ଘଣ୍ଟାରୁ ଉର୍ଦ୍ଧ ପଚରାଉଚରା ଜାରି ରଖିଥିଲେ। ଏହା ପରେ ପତ୍ନୀ ଙ୍କ ଫୋନ କୁ ତଦନ୍ତ କରିବାକୁ ପୋଲିସ ଜବତ କରିଛି। କାକଟପୁର ଥାନା ପୋଲିସ କେଶ ୨୪୦/୨୪ରେ ମାମଲା ରୁଜୁ କରି ଗାଡି ଚାଳକଙ୍କ ମୃତ ଦେହ ବ୍ୟବଛେଦ ପାଇଁ ପଠାଯାଇଛି। ଶବ ବ୍ୟବଛେଦ ରିପୋର୍ଟ, ସାଇଣ୍ଟିଫିକ ରିପୋର୍ଟ ଓ ପୋଲିସ ତଦନ୍ତ ପରେ ଘଟଣା ସ୍ପଷ୍ଟ ହେବ ଏହଲ ଏକ ହତ୍ୟା ନାଁ ଆତ୍ମହତ୍ୟା।

# ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର: ଗାଦି ମାଡ଼ିବସିଥିବା କର୍ମଚାରୀଙ୍କ ବଦଳି କେବେ ?

**ଦଶରଥପୁର, ୫।୧୨ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର କହିଲେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଝାଇଥାଏ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ପ୍ରାୟ ୨୦ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ସେହିପରି ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ପଡ଼ୋଶୀ ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲାକୁ ଲାଗିରହିଥିବା ବେଳେ ଏହି ୨ ଜିଲ୍ଲାର ଅଧିକାଂଶ ଲୋକେ ମଙ୍ଗଳପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗିମାନଙ୍କୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗେଇ ଦିଆଯାଇଥାଏ। ମାତ୍ର ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ବିଭିନ୍ନ ସମସ୍ୟା ଦେଖାଯାଇଥିବା ବେଳେ ସମାଧାନ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗର କୌଣସି ଅଧିକାରୀ ହସ୍ତକ୍ଷପ କରୁନଥିବାରୁ ଏହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି।




ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକତା ଅନୁଯାଇ ଡାକ୍ତର ପଦବୀ ସାଙ୍ଗକୁ ଅନ୍ୟାନ୍ୟ ବିଭିନ୍ନ ପଦବୀ ଗୁଡିକ ଖାଲି ପଡ଼ିଥିବା ଜଣା ପଡିଛି। ସେହିପରି ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଦିନବେଳା ନିରାମୟ ଔଷଧ ଦିଆଯାଉଥିବା ବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ନିରାମୟ ଔଷଧ ଯୋଗେଇ ଦେବାକୁ ସାଧାରଣରେ ଦାବି ହୋଇଛି। ସେହିପରି ସରକାରଙ୍କ ନିୟମ ଅନୁଯାଇ ଜଣେ ସରକାରୀ କର୍ମଚାରି ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ରହିବାର ନିୟମ ନଥିବା ବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିବା ଫାର୍ମାସିଷ୍ଟ ଓ ନର୍ସ ଷ୍ଟାଫ ମାନେ ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ ରହିବା ଫଳରେ କର୍ମଚାରୀ ମାନେ ମନଇଚ୍ଛା କାର୍ଯ୍ୟକରୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏହି ଫାର୍ମାସିଷ୍ଟ ଜଣକ ପାଇଁ ମେଡିକାଲରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ନେଇ ବାରମ୍ବାର ସ୍ଥାନୀୟ ଜନସାଧାରଣ ମାନଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ଫାର୍ମାସିଷ୍ଟ ଜଣକ ମନଇଚ୍ଛା କାର୍ଯ୍ୟକରୁଥିବା ନେଇ ଜନସାଧାରଣରେ ଅଭିଯୋଗ ହୋଇଛି।

ସେହିପରି ସରକାରଙ୍କ ନିୟମ ଅନୁଯାଇ ଜଣେ କର୍ମଚାରୀ ଗୋଟିଏ ସ୍ଥାନରେ ଦୀର୍ଘଦିନ ରହିବାର ନିୟମ ନଥିବା ବେଳେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଫାର୍ମାସିଷ୍ଟ ଓ ନର୍ସ ଷ୍ଟାଫ ମାନଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗର ଏତେ ଅନୁକମ୍ପା କାହିଁକି ବୋଲି ଏବେ ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ତେଣୁ ଯାଜପୁର ଜିଲ୍ଲାପାଳ ଓ ସିଡିଏମଓ ଉକ୍ତ ଘଟଣାର ତଦନ୍ତ କରି ଫାର୍ମାସିଷ୍ଟଙ୍କ ସହ ଦୀର୍ଘଦିନ ଧରି ରହିଥିବା ନର୍ସ ଷ୍ଟାଫ ମାନଙ୍କୁ ଅନ୍ୟତ୍ର ବଦଳି କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

# ଫସଲ ଉଜାଡ଼ିଦେଲା ଅଦିନିଆ ବର୍ଷା

**ବୋରିଗୁମ୍ମା, ୫।୧୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକରେ ଦଶହରା, ଦୀପାବଳୀ ପାର୍ବଣ ଶେଷ ହୋଇଥିବା ବେଳେ ଧାନ ଅମଳ ଆରମ୍ଭ ହୋଇଛି। ହଠାତ୍ ମଙ୍ଗଳବାର ଠାରୁ ଅଦିନିଆ ବର୍ଷା ଚାଷୀ କୁଳଙ୍କ ଚିନ୍ତା ବଢ଼ାଇଛି। ଚାଷୀମାନେ ଧାନ କଟାକଟି ଆରମ୍ଭ କରିଥିବା ବେଳେ ହଠାତ୍ ଅଦିନିଆ ବର୍ଷା ଚାଷୀ କୁଳକୁ ଦୁଃଖ ଦେଇଛି । ମଙ୍ଗଳବାର ଠାରୁ ଅଦିନିଆ ବର୍ଷା ଦାଉ ସାଜିଥିବା ବେଳେ ବୋଝ ଉପରେ ଲଳିତା ବିଡା ପରି ବର୍ଷା ସାଙ୍ଗକୁ ଦିନ ତମାମ ମେଘାଚ୍ଛନ୍ନ ପାଗ ଯୋଗୁଁ ଚାଷୀ ଏବେ ଅମଳ ଧାନର ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।




ଜମିରେ ପଡ଼ିଛି କଟାଧାନ, ଚିନ୍ତାରେ ଚାଷୀ

ବର୍ଷକର ଚାଷ ଘରକୁ ନ ଆସୁଣୁ ଅଦିନିଆ ବର୍ଷାରେ ହତାସ ହୋଇଛି ଚାଷୀ ଭାଇ । ତେବେ କଟା ଧାନର ସୁରକ୍ଷା ପାଇଁ ଯିଏ ଯାହା ପାଇଲା ଜରି, ଅଖା ନେଇ ମଣ୍ଡି ସ୍ଥାନ ଓ ଖୋଳାରେ ଥିବା ଧାନକୁ ଘୋଡାଇଥିବା ବେଳେ ଅନ୍ୟ କିଛି ଚାଷୀ ଗାଡ଼ିରେ ଅମଳ ଧାନକୁ ଲଦି ସୁରକ୍ଷିତ ସ୍ଥାନକୁ ନେଉଥିବା ମଧ୍ୟ ଦେଖିବାକୁ ମିଳିଛି। ତେବେ ଏହି ଅଦିନିଆ ବର୍ଷା ଆଉ ଦିନେ ଦୁଇଦିନ ବର୍ଷିଲେ ବହୁ କ୍ଷତି ସହିବାକୁ ପଡିବ ବୋଲି ଚାଷୀମାନେ କହିଛନ୍ତି।

# ହାତୀ ଆକ୍ରମଣରେ ଶିଶୁ ମୃତ

**ନବରଙ୍ଗପୁର/ରାଇଘର, ୫।୧୨ (ସଂଚାର ବ୍ୟୁରୋ):** ଓଡିଶା ଛତିଶଗଡ଼ ସୀମାନ୍ତ ନଗରି ବ୍ଲକର ରିସଗାଁର ଆମ୍ବାହରା ଗ୍ରାମରେ ହାତୀ ଆକ୍ରମଣରେ ଚାରି ବର୍ଷର ବାଳିକାର ମୃତ୍ୟୁ ହୋଇଛି। ଗତକାଲି ରାତିରେ ସଞ୍ଜୟ କୁମାରଙ୍କ ଚାରିବର୍ଷର ବାଳିକା କୁମାରୀ ରାଧା ଏକ କୁଡ଼ିଆ ଘରେ ଶୋଇଥିବା ସମୟରେ ହାତୀ ଆସି ଛୁଆଟିକୁ ଗୋଡ଼ରେ ଦଳି ଦେବା ଫଳରେ ଘଟଣା ସ୍ଥଳରେ ହିଁ ଛୁଆଟିର ମୃତ୍ୟୁ ହୋଇଥିଲା। ଏହି ଘଟଣା ବନ ବିଭାଗ ଜାଣିବା ପରେ ଘଟଣା ସ୍ଥଳରେ ପହଞ୍ଚି ମୃତ ଛୁଆର ପରିବାରକୁ ୨୫୦୦୦ ଟଙ୍କା ସହାୟତା ଦେଇଥିଲେ ଏବଂ ମୃତ ଶିଶୁଟିକୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଅନ୍ୟ ପକ୍ଷରେ ବନ ବିଭାଗ ପକ୍ଷରୁ ପେଟ୍ରୋଲିଙ୍ଗ ଜୋରଦାର କରାଯାଇଛି ଲୋକଙ୍କୁ ମଧ୍ୟ ଡାକ ବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରି ଜଙ୍ଗଲ ଭିତରକୁ ଯିବାକୁ ବାରଣ କରାଯାଇଛି।



# ଯୁବ ଓ ଛାତ୍ର କଂଗ୍ରେସ ତରଫରୁ ଆଇନ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ନାଉଗାଁ, ୫।୧୨ (ସଂଚାର ବ୍ୟୁରୋ):** ଆଜି ନାଉଗାଁବ୍ଲକ ଯୁବ ଓ ଛାତ୍ର କଂଗ୍ରେସ ତରଫରୁ ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ଉପସଭାପତି କୁମାର ପ୍ରିତମ ପରିଜାଙ୍କ ନେତୃତ୍ୱରେ ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କ କୁଶପୁତ୍ତଳିକା ନାଉଗାଁହାଟ ଠାରେ ଦାହ କରାଯାଇଛି। ଆଇନ ମନ୍ତ୍ରୀଙ୍କ କଂଗ୍ରେସ ଦଳ ପ୍ରତି ଅପମାନ, ବିରୋଧାତ୍ମକ ମନ୍ତବ୍ୟ, ଦଳର ନେତୃତ୍ୱ ଙ୍କ ପ୍ରତି ଅସଦାଚରଣ ପ୍ରତିବାଦ ରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯଦି ଆଇନ ମନ୍ତ୍ରୀ କ୍ଷମା ନ ମାଗନ୍ତି ତେବେ ଆଗାମୀ ଦିନରେ ବିଜେପିର ପ୍ରତେକ ନେତାଙ୍କୁ ଅଣ୍ଡା ଏବଂ କାଳି ମାଡ କରି ନାଉଗାଁବ୍ଲକ ରେ ସ୍ୱାଗତ କରାଯିବ ବୋଲି ଶ୍ରୀ ପରିଜା ଚେତାବନୀ ଦେଇଥିଲେ। ଏହି ବିକ୍ଷୋଭରେ ଯୁବ ଓ ଛାତ୍ର କଂଗ୍ରେସର ମନୋଜ ଦାସ, ଅଜୟ ବାରିକ, ଗ୍ୟାନେନ୍ଦ୍ର ସ୍ୱାଇଁ, ଲିକୁ ଲେଙ୍କା, ରାକେଶ ସାହୁ, ପ୍ରଭାକର ନାୟକ ପ୍ରମୁଖ ଉପସ୍ଥିତ ରହି ଆଇନ୍ ମନ୍ତ୍ରୀଙ୍କ ବିପକ୍ଷରେ ନାରାବାଜି ପ୍ରଦର୍ଶନ କରି ବିକ୍ଷୋଭ ପ୍ରଦର୍ଶନ କରି କୁଶପୁତ୍ତଳିକା ଦାହ କରିଥିଲେ।




# କଣାସରେ ଆଳୁ କେଜି ୬୦ରୁ କମୁନି, ଅଧିକାରୀଙ୍କ ନିଘା ନାହିଁ

**କଣାସ, ୫।୧୨ (ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗ ଆଳୁ ବନ୍ଦ କରିଦେବା ପରେ ରାଜ୍ୟ ସରକାର ଉତ୍ତରପ୍ରଦେଶରୁ ୩ଶହ ଟ୍ରକ୍ ଆଳୁ ମଗାଇଥିବା ଗଣମାଧ୍ୟମରେ ଢେଙ୍ଗୁରା ପିଟୁଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ପରିବା ଦୋକାମାନଙ୍କରେ ଆଳୁ କେଜି ୬୦ଟଙ୍କା ବିକ୍ରି ହେଉଥିବାରୁ ଖାଉଟିମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି।



ଦିନମଜୁରିଆ ଠାରୁ ଆରମ୍ଭ କରି ଧନିଲୋକ ପର୍ଯ୍ୟନ୍ତ ଆଳୁ ମୁଖ୍ୟ ପରିବା। ଯେଉଁ ଦିନ ପଶ୍ଚିମବଙ୍ଗ ଆଳୁ ବନ୍ଦ କରିଦେବାର ଖବର କାଗଜମାନଙ୍କରେ ପ୍ରକାଶ ପାଇଲା ସେହି ଦିନ ପରିବା ବ୍ୟବସାୟୀମାନେ ନିଜ ପାଖରେ ରଖିଥିବା ଆଳୁକୁ ୬୦ରୁ ୭୦ଟଙ୍କାରେ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ମଧ୍ୟ ଏହିପରି ପରିବା ବ୍ୟବସାୟୀମାନେ ଆଳୁ ନିଜ ପାଖରେ ଗଚ୍ଛିତ ରଖି ଅଧିକା ଦରରେ ବିକ୍ରି କରୁଥିବା ଅଭିଯୋଗ କଣାସର ପୂର୍ବତନ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହିଙ୍କ ପାଖରେ ପହଞ୍ଚିବା ପରେ ତହସିଲଦାର ଶ୍ରୀପାଣିଗ୍ରାହୀ ପ୍ରତ୍ୟେକ ବଜାରର ପରିବା ଦୋକାନକୁ ଯାଇ ଆଳୁଦର ଠିକ୍ ରଖିବା ପାଇଁ ନିର୍ଦ୍ଦେଶ ଦେବାପରେ ବେପାରୀମାନେ ୩୦ଟଙ୍କାରେ ଆଳୁ ବିକ୍ରି କରିଥିଲେ। ଆଜି ଉକ୍ତ ତହସିଲଦାର ନ ଥିବା ବେଳେ ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀଙ୍କୁ କେତେକ ଖାଉଟି ଆଳୁଦର ଅତ୍ୟଧିକ ଦରରରେ ବିକ୍ରି କରୁଥିବା ଅଭିଯୋଗ କଲେ ମଧ୍ୟ ଅତିରିକ୍ତ ତହସିଲଦାର କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଆଳୁ ଚଢ଼ାଦରରେ ବିକ୍ରି ଚାଲିଛି।

ସେହିପରି ଅନ୍ୟ ପରିବା ଦର ଆକାଶଛୁଆଁ ଥିବାରୁ ଦିନମଜୁରିଆଙ୍କ ଅବସ୍ଥା କହିଲେ ନ ସରେ। ରସୁଣ କେଜି ୫ଶହ ଟଙ୍କାର ବିକ୍ରି ହେଉଥିବା ବେଳେ ଆଦା କେଜି ୨ଶହ ଟଙ୍କା, ପିଆଜ କେଜି ୬୦ଟଙ୍କା, ପୋଟଳ କେଜି ୮୦ଟଙ୍କା, ଭେଣ୍ଡି କେଜି ୮୦ଟଙ୍କା, ବାଇଗଣ କେଜି ୭୦ଟଙ୍କା, କଳାର କେଜି ୮୦ଟଙ୍କା, ଟମାଟ ୧୦୦ଟଙ୍କା, ଦେଶିଆଳୁ ୮୦ଟଙ୍କା, ଗାଜର ୮୦ଟଙ୍କା, ବିନିସ୍ ୮୦ଟଙ୍କା, ଲଙ୍କା ୨୦୦ଟଙ୍କା, କଦଳୀ ଗୋଟାକୁ ୧୦ଟଙ୍କା, ସାରୁ କେଜି ୮୦ଟଙ୍କାରେ ବିକ୍ରି କରାଯାଉଥିବାରୁ ଖାଉଟିମାନଙ୍କ ଅବସ୍ଥା କହିଲେ ନ ସରେ। ଏଥି ପ୍ରତି ଅଧିକାରୀମାନେ ଧ୍ୟାନ ଦେବାକୁ ଖାଉଟିମାନେ ନିବେଦନ କରିଛନ୍ତି।

# ପ୍ରଥମ ଅନ୍ତର୍ଜାତୀୟ ଲୁଣା ଜଙ୍ଗଲ ସମ୍ମିଳନୀରେ ଯୋଗ ଦେବେ ଓଡ଼ିଆ ପୁଅ

**କାକଟପୁର/ଅସ୍ତରଙ୍ଗ, ୫।୧୨ (ସଂଚାର ବ୍ୟୁରୋ) :** ଆରବ ଏମିରେଟ୍ସ (ୟୁଏଇ) ଠାରେ ପ୍ରଥମ ଆନ୍ତର୍ଜାତୀୟ ଲୁଣା ଜଙ୍ଗଲ ସଂରକ୍ଷଣ ଏବଂ ପୁନରୁଦ୍ଧାର ସମ୍ମିଳନୀ ଆୟୋଜିତ ହେଉଛି। ଏନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଂଚାୟତ ଗୁଣ୍ଡଳବା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଜଳବାୟୁ ପରିବର୍ତ୍ତନ ପ୍ରଶମନ କର୍ମୀ ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କୁ ଅଂଶଗ୍ରହଣ କରିବାକୁ ମିଳିଛି ନିମନ୍ତ୍ରଣ । ଡିସେମ୍ବର ୧୦ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ୟୁଏଇ ରାଜଧାନୀ ଆବୁଧାବି ଠାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଅବସରରେ ବିଶ୍ୱର ସମୁଦାୟ ୮୨ ଦେଶରୁ ଲୁଣା ଜଙ୍ଗଲ ସଂରକ୍ଷଣ ତଥା ଉପକୂଳ ଜୈବ ବିବିଧତା ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଥିବା ସର୍ବମୋଟ ୪୮୦ ଜଣ ବିଶେଷଜ୍ଞ, ଗବେଷକ, ସରକାରୀ ତଥା ବେସରକାରୀ ସ୍ତରର ବ୍ୟକ୍ତିବିଶେଷ ଯୋଗ ଦେଇ ଲୁଣା ଜଙ୍ଗଲ ସଂରକ୍ଷଣକୁ ନେଇ ବିଭିନ୍ନ ଦିଗ ଉପରେ ଚର୍ଚ୍ଚା କରିବେ।

ମିଳିତ ଜାତିସଂଘ ଭାରତର ପ୍ରଥମ ବ୍ୟାଚ ୨୦୨୩-୨୪ ବର୍ଷର ୬ଜଣ ଯୁବ ଅଧିବକ୍ତାଙ୍କ ମଧ୍ୟରେ ଶ୍ରୀ ବିଶ୍ୱାଳ ଅନ୍ୟତମ ସଦସ୍ୟ ଭାବେ କାର୍ଯ୍ୟରତ।



ଦୀର୍ଘ ୧୨ ବର୍ଷ ଧରି ଦେବୀ ନଦୀ ମୁହାଣ ସାଙ୍ଗକୁ ଗଞ୍ଜାମ, ବାଲେଶ୍ୱର ଏବଂ ଜଗତସିଂହପୁର ଜିଲ୍ଲାର ସୁନାମୀ ଏବଂ ବାତ୍ୟା ପ୍ରବଣ ଅଞ୍ଚଳରେ ଲୁଣା ଜଙ୍ଗଲ ସଂରକ୍ଷଣକୁ ଜନାଦୃତ କରିବାକୁ ଶ୍ରୀ ବିଶ୍ୱାଳ ବିବିଧ ପ୍ରଚେଷ୍ଟା ଜାରି ରଖିଛନ୍ତି। ଏହା ସାଙ୍ଗକୁ ବିରଳ ଅଲିଭ ରିଡ଼ଲେ କଇଁଛ , ବାଲୁକା ବନ୍ଧ ପରିସଂସ୍ଥା ସଂରକ୍ଷଣ, ଆର୍ଦ୍ରଭୂମି ସୁରକ୍ଷା ପ୍ରଭୃତି ଦିଗରେ କାର୍ଯ୍ୟ କରି ଉପକୂଳ ଅଞ୍ଚଳକୁ ସାମୁଦ୍ରିକ ଝଡ଼ ଦାଉରୁ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ସହିତ ସାମୁଦ୍ରିକ ସନ୍ତୁଳନ ରକ୍ଷା ଦିଗରେ ଚେଷ୍ଟା କରି ଆସୁଛନ୍ତି।

ଏହି ଅବସରରେ ଲୁଣା ଜଙ୍ଗଲ ସଂରକ୍ଷଣକୁ ନେଇ ବିବିଧ ଜ୍ଞାନ ଆହରଣ ହେବା ସହିତ ଭାରତୀୟ ଉପକୂଳରେ ତୃଣମୂଳ ସ୍ତରର ଲୁଣା ଜଙ୍ଗଲ ସଂରକ୍ଷଣ ଏବଂ ପୁନରୁଦ୍ଧାର ଦିଗରେ ବେଶ୍ ସହାୟକ ହେବ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ଏନେଇ ଅଞ୍ଚଳର ବୁଦ୍ଧିଜୀବି ମହଲରେ ଶ୍ରୀ ବିଶ୍ୱାଳଙ୍କୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ଶ୍ରୀ ବିଶ୍ୱାଳଙ୍କ ତୃଣମୂଳ ସ୍ତରର ଜଳବାୟୁ ପରିବର୍ତ୍ତନ ପ୍ରଶମନ ନେତୃତ୍ୱ ପାଇଁ ପୂର୍ବରୁ ଶ୍ରୀଲଙ୍କା, ଯୁକ୍ତରାଷ୍ଟ୍ର ଆମେରିକା, ନେପାଳ ସହ ୩ୟ ଥର ୟୁଏଇ ଯିବାକୁ ସୁଯୋଗ ମିଳିଛି।

# ଉଚ୍ଛେଦ ଦୋକାନୀମାନଙ୍କୁ ଥଇଥାନ ଦାବି

**ବେତନଟୀ, ୫।୧୨ (ସଂଚାର ବ୍ୟୁରୋ):** ବୈଶିଙ୍ଗା-ମାଣତ୍ରୀ ରାସ୍ତାର ପ୍ରଶସ୍ତିକରଣ ପାଇଁ ଆରଡି ବିଭାଗ ପକ୍ଷରୁ ଅସ୍ଥାୟୀ ଦୋକାନି ମାନଙ୍କୁ ଉଚ୍ଛେଦ କରାଯାଇଅଛି। ଏହି ଉଚ୍ଛେଦ ପ୍ରକ୍ରିୟାର ପାଖାପାଖି ପଚାଶ ଛୋଟ ବ୍ୟବସାୟୀମାନେ ରାସ୍ତା ପାର୍ଶ୍ୱରେ ଦୋକାନ ଖଣ୍ଡେ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ମାତ୍ର ସେମାନଙ୍କୁ ତହସିଲଦାର ନିକଟରେ ଥିବା ସରକାରୀ ଜମିରେ ଥଇଥାନ ନକରି ନିରବଦ୍ରଷ୍ଟା ସାଜିଥିବାରୁ ସେମାନେ ଏବେ ଅସହାୟ ହୋଇ ପଡ଼ିଛନ୍ତି। ସ୍ଥାନୀୟ ସରପଞ୍ଚ କିମ୍ବା ବଜାର କମିଟି, ସ୍ଥାନୀୟ ବିଧାୟକ ଏତେ ଗୁଡିଏ ଗରିବ ପରିବାର କିପରି କେଉଁଠି ଥଇଥାନ ହୋଇପାରିବେ ଏ ନେଇ କୌଣସି ପଦକ୍ଷେପ ନେଇ ନଥିବା ଯୋଗୁଁ ଅସନ୍ତୋଷ ଏବଂ ସେମାନଙ୍କ ଭବିଷ୍ୟତକୁ ନେଇ ପ୍ରତିକ୍ରିୟା ଦେଖା ଦେଇଥିଲେ ବି ସହାୟତାର ହାତ କେହି ବଢ଼ାଇ ନାହାନ୍ତି। ଏହି କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ବୈଶିଙ୍ଗା ଗ୍ରାପ ଅଧିନସ୍ଥ କୁଆଶୋଳ ମୌଜାର ଖାତା ନଂ ୧୧୦ ପ୍ଲଟ ନଂ ୨୭୭ରୁ ଉଚ୍ଛେଦ କରାଯାଇଥିବାବେଳେ ଏହି ପ୍ଲଟକୁ ଲାଗି ୨୭୮ ନମ୍ବର ପ୍ଲଟ ଟି ଏ୦୩୮ ଡେମି ସମ୍ପୂର୍ଣ୍ଣ ସରକାରୀ ଜମି ରହିଛି । ଯେଉଁଠାରେ କି ଏହି ବିସ୍ଥାପିତ କ୍ଷୁଦ୍ର ବ୍ୟବସାୟୀ ମାନଙ୍କୁ ଭବିଷ୍ୟତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପର୍ଯ୍ୟନ୍ତ ଥଇଥାନ କରାଯାଇ ପାରିବ। ମାତ୍ର ଏହି ବିସ୍ଥାପିତ ଦୋକାନୀମାନେ ସ୍ଥାନୀୟ କିଛି ରାଜନୈତିକ ଓ ସୁବିଧାବାଦୀ ପ୍ରଭାବଶାଳୀ ନେତାଙ୍କ ଚକ୍ରାନ୍ତର ଶିକାର ହୋଇଥିବା ହେତୁ ସେମାନଙ୍କୁ ଥଇଥାନ କରାଯିବା ନେଇ ସମସ୍ୟା ସୃଷ୍ଟି କରାଯାଉଥିବାର ଅଭିଯୋଗ ହୋଇଛି। ଯାହାଫଳରେ ସେମାନେ ଏହି ଚକ୍ରାନ୍ତକାରୀଙ୍କ ଷଡ଼ଯନ୍ତ୍ର ଯୋଗୁଁ ଅସହାୟ ହୋଇ ପଡିଛନ୍ତି। ଏଣୁ ଏହି ବିସ୍ଥାପିତ ବ୍ୟବସାୟୀମାନଙ୍କୁ ଥଇଥାନ କରାନଗଲେ ସେମାନେ ଏ ବିଷୟ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ବିସ୍ଥାପିତ ଦୋକାନୀ ସଂଘ ପକ୍ଷରୁ ସୂଚନା ମିଳିଛି।



## ଚତୁର୍ଥ ଟୁବୁଲି ମେମୋରିଆଲ ଅଲ୍ ଓଡିଶା କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ନିମପୁର ସ୍ପୋର୍ଟିଂ କଟକ ଫାଇନାଲରେ

**ନିମାପଡା, ୫।୧୨ (ସଂଚାର ବ୍ୟୁରୋ):** ନିମାପଡାସ୍ଥିତ ବାରବାଟି ପଡିଆରେ ଚାଲିଥିବା ଚତୁର୍ଥ ଟୁବୁଲି ମେମୋରିଆଲ ଓ ବାରବାଟୀ କପ -୨୦୨୪ର ଆଜି ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ କିଶୋର ସ୍ପୋର୍ଟିଂ ଭୁବନେଶ୍ୱରକୁ ହରାଇ ନିମପୁର ସ୍ପୋର୍ଟିଂ, କଟକ ଫାଇନାଲକୁ ପ୍ରବେଶ କରିଛି । ପ୍ରଥମେ ଟସ୍ ଜିଣି କିଶୋର ସ୍ପୋର୍ଟିଂ ଭୁବନେଶ୍ୱର ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ୍ ହରାଇ ୨୦୯ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଟୁକୁନା ସାହୁ ୩୪ ବଲରେ ୪୨ ରନ୍ ଓ ଆର୍ଯ୍ୟାନ ସିଂ ୩୮ ବଲରେ ୭୦ ରନ୍ ସଂଗ୍ରହ କରିଥଲେ । ନିମପୁରର ବୋଲର ବିଶ୍ୱଜିତ ମହାନ୍ତି ୫ ଓଭରରେ ୩୬ ରନ୍ ଦେଇ ୩ ୱିକେଟ୍ ଏବଂ ସତ୍ୟମ ଭରଦ୍ୱାଜ ୪ ଓଭର ୩୪ ରନ୍ ଦେଇ ୨ଟି ୱିକେଟ୍ ଅକ୍ତିଆର କରିଥିଲେ । ପରେ ନିମପୁର ସ୍ପୋର୍ଟିଂ, କଟକ ବ୍ୟାଟିଂ କରି ୨୩.୫ ଓଭରରେ ୬ ଉଇକେଟ୍ ହରାଇ ୨୧୨ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଚିନ୍ମୟ ଦାସ ୬୦ ବଲ ଖେଳି ୯୫ ରନ୍ ଓ ପ୍ରଦିପ୍ତ ଦାସ ୪୩ ବଲ୍ ଖେଳି ୫୫ ରନ୍ ସଂଗ୍ରହ କରିଥିଲେ । କିଶୋର ସ୍ପୋର୍ଟିଂର ବୋଲର କ୍ଷମା ସାଗର ବାଲ୍ ୫ ଓଭରରେ ୩୩ ରନ ଦେଇ ୧ ୱିକେଟ୍ ଓ ମନୋଜ ବାରିକ ୫ ଓଭରରେ ୨୪ ରନ୍ ଦେଇ ୧ ୱିକେଟ ଅକ୍ତିଆର କରିଥିଲେ । ଆଜିର ମ୍ୟାଚକୁ ଅମ୍ପାୟର ଭାବେ ସମ୍ବିତ ପଟ୍ଟନାୟକ ଓ ଅଭିନନ୍ଦନ ପାତ୍ର ପରିଚାଳନା କରିଥିବା ବେଳେ ତୃତୀୟ ଅମ୍ପାୟର ଭାବେ ଓମ୍ ରଞ୍ଜନ ପ୍ରଧାନ ଦାୟିତ୍ୱ ବହନ କରିଥିଲେ । ପ୍ରିୟାଂଶୁ ପଲେଇ ସ୍କୋରର ଭାବେ ଦାୟିତ୍ୱ ଭାର ଗ୍ରହଣ କରିଥିଲେ । ଆଜିର ମ୍ୟାଚରେ ବିଜୟୀ ଦଳର ଚିନ୍ମୟ ଦାସଙ୍କୁ ମ୍ୟାନ୍ ଅଫ୍ ଦ୍ ମ୍ୟାଚ୍ ଭାବେ ବିବେଚିତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ସମାଜସେବୀ ହିମାଂଶୁ ଶେଖର ମହାନ୍ତି ଯୋଗଦେଇ ମ୍ୟାନ ଅଫ ଦ୍ ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ।




# ସୁଭଦ୍ରା ଅପଡେଟ୍ ନାଁରେ ମହିଳାଙ୍କୁ ଠକେଇ

**ନୟାଗଡ଼, ୫।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ବଉଳିସାହି ଗାଁର ଏକାଧିକ ମହିଳାଙ୍କୁ ଠକେଇ କରାଯାଇଛି । ଯାହା ଆକାଉଣ୍ଟକୁ ସୁଭଦ୍ରା ଟଙ୍କା ଆସିନାହିଁ, ଆମେ ବ୍ଲକରୁ ଅପଡେଟ୍ କରିବାକୁ ଆସିଛୁ କହି ଦୁଇ ଯୁବକ ଠକେଇ କରିଛନ୍ତି । ଗତ ୨ ତାରିଖ ଏକ ନାଲି ସ୍କୁଟିରେ ଦୁଇ ଜଣ ଯୁବକ ଗାଁକୁ ଯାଇଥିଲେ। ବିଭିନ୍ନ ମହିଳାଙ୍କୁ ଭେଟି ସୁଭଦ୍ରା ଯୋଜନା ଟଙ୍କା ଆସିଛି ନାଁ ନାହିଁ ପଚାରିଥିଲେ । ଟଙ୍କା ଆସିନଥିବା ମହିଳାଙ୍କୁ ଆମେ କେୱାଇସି ଅପଡେଟ୍ କରି ଦେବୁ କହି ମହିଳାଙ୍କ ଫିଙ୍ଗର ସ୍କାନ କରି ଟଙ୍କା ଠକେଇ କରିଥିଲେ । କାହାଠାରୁ ୧୦ ହଜାର ତ ପୁଣି କାହାଠାରୁ ୩ ହଜାର ଟଙ୍କା ଠକେଇ ହୋଇଛି । ଏନେଇ ଉକ୍ତ ଗାଁର କୁମାରୀ ନାୟକ ଅଭିଯୋଗ କରିଛନ୍ତି । ଠକେଇ କରିଥିବା ଯୁବକଙ୍କ ସିସିଟିଭି ଫୁଟେଜ୍ ରହିଛି । ତେବେ ଏନେଇ ଇଟାମାଟି ପୋଲିସ ପାଖକୁ ମହିଳାଙ୍କ ସ୍ୱାମୀ ଯାଇଥିବା ବେଳେ, ସେଠାରୁ ଫେରାଇ ଦେଇଥିଲେ । ତେବେ ଆଜି ମହିଳାଙ୍କ ସ୍ୱାମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିଯୋଗ କରିବାକୁ ଆସିଥିବା ସୂଚନା ମିଳିଛି

# ବିଭିନ୍ନ ସ୍ଥାନରୁ ଗଞ୍ଜେଇ ଜବତ, ୪ଜଣ ଗିରଫ

**ସୁବର୍ଣ୍ଣପୁର, ୫।୧୨ (ସଂଚାର ବ୍ୟୁରୋ):** ଆଜି ସହରର ବୁଢ଼ାରଜା ଛକ ପାଖରୁ ଜିଲ୍ଲା ଅବକାରୀ ବିଭାଗ ୨ ଜଣ ଚୋରା ଚାଲାଣ କରୁଥିବା ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ସୋନପୁର - ବୌଦ୍ଧ ରାସ୍ତାରେ ଯାଞ୍ଚ କରୁଥିବା ବେଳେ ବୌଦ୍ଧ ପଟରୁ ଆସୁଥିବା ଏକ ମାହିନ୍ଦ୍ରା ସ୍କର୍ପିଓ ଗାଡ଼ି ନଂ ଓଡି୧୭ଏଲ୍-୩୪୯୦କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୨ଟି ଜରି ଅଖାରେ ଭର୍ତ୍ତି ଥିବା ୨୨କେଜି ଗଞ୍ଜେଇ ଜବତ କରିବା ସହ ଗାଡିରେ ଥିବା ୨ ଜଣ ବେପାରୀ ଝାରସୁଗୁଡ଼ା ଜିଲ୍ଲା ଗୋଲାପଡା, ବ୍ରଜରାଜନଗର ନିବାସୀ ଅନିଲ କୁମାର ପ୍ରସାଦ (୩୨), ବିଦ୍ୟା ସାଗର ସାହୁ (୨୬)ଙ୍କୁ ଗିରଫ କରିଛି। ସେହିପରି ବିନିକା ବ୍ଲକ ଅବକାରୀ ବିଭାଗ ପକ୍ଷରୁ ଚୋକିଜୋର ଛକରେ ସୋନପୁର ପଟରୁ ଏକ ଏକଟିଭା ସ୍କୁଟି ଓଡି୧୭ଜେଡ୍୭୭୬୨କୁ ଅଟାକାଇ ଥିଲେ। ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ୧୦କେଜି ଗଞ୍ଜେଇ ଜବତ କରିଥିଲେ । ବରଗଡ଼ ଜିଲ୍ଲା କୃଷ୍ଣପୁର , ଭଟଲି ନିବାସୀ ଅଲେଖ ମେହେର (୩୪), କିରଣ ମାଝୀ (୩୦) କୁ ଗିରଫ କରିଛି ଅବକାରୀ ବିଭାଗ। ଅବକାରୀ ଏସପି ପ୍ରବୀର ସାମଲଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ପ୍ରକାଶ ସା ଙ୍କ ନେତୃତ୍ୱରେ ବିଭାଗର କର୍ମଚାରୀମାନେ ବୁଢ଼ାରଜା ଛକ ପାଖରେ ସକାଳ ୯.୩୦ମି ସମୟରେ ଏହି ଚଢ଼ାଉ କରିଥିବା ବେଳେ ପରେ ସେହି ପରି ବିନିକା ବ୍ଲକ ଚୋକିଜୋର ଛକରେ ସକାଳ ୭ ଟା ବେଳେ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ। ତେବେ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।



## ଦୁଇ ସହକର୍ମୀଙ୍କ ମିଳନ



ପୂର୍ବତନ ରାଜ୍ୟସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନଙ୍କ ଅସୁସ୍ଥତା ଖବର ପାଇବା ପରେ ପ୍ରତିରକ୍ଷା ମନ୍ତ୍ରୀ ତଥା ପୂର୍ବତନ ବିଜେପି ରାଷ୍ଟ୍ରୀୟ ସଭାପତି ରାଜନାଥ ସିଂହ ତାଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି। ନବେ ଦଶକରୁ ଉଭୟ ବିଜେପି ନୀତି ଓ ଆଦର୍ଶକୁ ଭାରତବର୍ଷରେ ଲୋକପ୍ରିୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଗରିବଙ୍କ ପାଇଁ ବିଳମ୍ବିତ ନହେଉ ନ୍ୟାୟ

● ଗୁରୁତ୍ୱପୂର୍ଣ୍ଣ ବିଚାରଗୁଡ଼ିକ ଆଞ୍ଚଳିକ ଭାଷାରେ ଅନୁବାଦ ହେବା ଉଚିତ

● ଆଇନ କ୍ଷେତ୍ରରେ ମହିଳାଙ୍କ ଅଧିକ ଆସିବାର ଆବଶ୍ୟକତା ରହିଛି



ଭୁବନେଶ୍ୱର,୫।୧୨ (ସଂଚାର ବ୍ୟୁରୋ): ନ୍ୟାୟ ମିଳିବାରେ ବିଳମ୍ବ ହେଲେ ନ୍ୟାୟ ନ ମିଳିବା ଭଳି ଅନୁଭବ ହୋଇଥାଏ। ନ୍ୟାୟିକ ବ୍ୟବସ୍ଥାରେ ଗରିବ ଲୋକମାନେ ଅଧିକ କଷ୍ଟ ଭୋଗୁଛନ୍ତି। ବାରମ୍ବାର କୋର୍ଟକୁ ଯିବା ପାଇଁ ସେମାନଙ୍କର ଲୋକବଳ ଓ ଅର୍ଥ ବଳ ନ ଥାଏ। ତେଣୁ ଗରିବ ଲୋକମାନେ ଯେଭଳି ସହଜରେ ନ୍ୟାୟ ପାଇପାରିବେ, ସେହିଭଳି ବ୍ୟବସ୍ଥା ହେବା ଦରକାର ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

ଭୁବନେଶ୍ୱରରେ ନବନିର୍ମିତ ଅତ୍ୟାଧୁନିକ ଜୁଡିସିଆଲ ପରିସରକୁ ଉଦ୍‌ଘାଟନ କରିବା ଅବସରରେ ରାଷ୍ଟ୍ରପତି କହିଛନ୍ତି, ସାଧାରଣ ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିବା ଦେଶର ଆଇନ ବ୍ୟବସ୍ଥାକୁ ସହଜ କରିପାରିଲେ ଗରିବ ଲୋକ ଉପକୃତ ହେବେ। ସାଧାରଣ ଲୋକ ଜାଣିପାରନ୍ତି ନାହିଁ ଯେ କୋର୍ଟରେ ଓକିଲ କିଭଳି ଯୁକ୍ତି କରୁଛନ୍ତି ଏବଂ ବିଚାରପତି କିଭଳି ନ୍ୟାୟ ପ୍ରଦାନ କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଚାରଗୁଡ଼ିକୁ ଆଞ୍ଚଳିକ ଭାଷାରେ ଅନୁବାଦ କରାଯିବା ଉଚିତ। ଓଡ଼ିଶା ସରକାରଙ୍କ ଦ୍ୱାରା ଆଇନ୍ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ୍ୱେବସାଇଟ୍‌ରେ ଉପଲବ୍ଧ କରାଯାଉଥିବା ଜାଣି ଖୁସି ହେଲି। ଓଡ଼ିଶାରେ ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠା କରାଯାଉଛି। ଏହା ପ୍ରଶଂସନୀୟ ପଦକ୍ଷେପ। ଏହାକୁ ଆହୁରି ବ୍ୟାପକ କରାଯିବ ବୋଲି ଆଶା କରୁଛି। ଆମ ଝିଅମାନେ ପୁଅଙ୍କ ଅପେକ୍ଷା ଅଧିକ ସଫଳତା ହାସଲ କରୁଛନ୍ତି। ଆଇନ କ୍ଷେତ୍ରରେ ମହିଳାଙ୍କ ଅଧିକ ଆସିବାର ଆବଶ୍ୟକତା ରହିଛି। ମଧୁବାବୁ ମହିଳାମାନଙ୍କୁ ଓକିଲାତି କରିବା ପାଇଁ ପାଟଣା ହାଇକୋର୍ଟ ସମେତ ବିଭିନ୍ନ ସଂସ୍ଥାର ଦ୍ୱାରସ୍ଥ ହୋଇଥିଲେ। ଭାରତର ମହିଳାମାନେ ଓକିଲାତି କରିବାର ସୁଯୋଗ ପାଇଛନ୍ତି। ମଧୁବାବୁଙ୍କ ଭଳି ଆମ ଝିଅମାନେ ମଧ୍ୟ ଆଇନ କ୍ଷେତ୍ରରେ କାମ କରୁଛନ୍ତି। କୋର୍ଟ କଚେରିରେ ନ୍ୟାୟ ଆଶାରେ ଯାଉଥିବା ଲୋକ ବହୁବାର ଯାଇଯାଇ ଥକି ପଡ଼ିଥାନ୍ତି। ଲୋକମାନେ ଓକିଲଙ୍କୁ ମନକଥା ମଧ୍ୟ କହିପାରି ନଥାନ୍ତି। ବିଶ୍ୱଗୁରୁ ରବୀନ୍ଦ୍ର ନାଥ ଟାଗୋର ତାଙ୍କର କବିତା ମାଧ୍ୟମରେ କହିଛନ୍ତି- ଯେଉଁଠି ବିନା ଭୟରେ ମୁଣ୍ଡ ଟେକି ଯାଇ ହେଉଥିବ, ସେହି ଦିଗରେ ଭାରତ ଅଗ୍ରଗତି କରୁଛି।

ଗାଁ ଗହଳିରେ ଯେତେବେଳେ ଆମେ ପିଲାଥିଲୁ, ଆଇନଜ୍ଞ, ଶିକ୍ଷକ ଓ ଡାକ୍ତରଙ୍କୁ ଭଗବାନ ମନେ କରୁଥିଲୁ। ଏହାର କାରଣ ଆଇନର ପ୍ରତ୍ୟେକ ଧାରା ଏମାନଙ୍କୁ ଜଣା। ସେମାନଙ୍କର ସାଧାରଣଙ୍କୁ ସମ୍ମାନ ଦେବା। ଆଇନଜୀବୀମାନଙ୍କର କର୍ତ୍ତବ୍ୟକୁ ସମ୍ମାନ ଦେବାର ଆବଶ୍ୟକତା ରହିଛି। ସାଧାରଣ ଲୋକଟିଏ ଯଦି କୌଣସି ଅସୁବିଧା ନ ପାଏ, ତାହା ବିକଶିତ ଭାରତକୁ ପ୍ରମାଣିତ କରିବ। ଅଭିଭାଷଣର ଆରମ୍ଭରୁ ରାଷ୍ଟ୍ରପତି କହିଥିଲେ ମହାତ୍ମା ଗାନ୍ଧୀ ନ୍ୟାୟ ପାଇଁ ସଂଘର୍ଷ କରିଥିଲେ। ଏହି ପରିସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ଖୁସି ଅନୁଭବ କରୁଛି। ଏହି କୋର୍ଟରେ ଏକାଧିକ କାର୍ଯ୍ୟକ୍ରମ ହୋଇପାରିବ। ବିଭିନ୍ନ ମାମଲାର ବିଚାର ହୋଇପାରିବ।

ଅତ୍ୟାଧୁନିକ ଜ୍ଞାନ କୌଶଳ ସହ ଆତ୍ମପ୍ରକାଶ କରିଛି ୬ ମହଲା ବିଶିଷ୍ଟ ନ୍ୟାୟିକ ପରିସର। ରାଜ୍ୟରେ ପ୍ରଥମ ଅତ୍ୟାଧୁନିକ ଜୁଡିସିଆଲ୍ କୋର୍ଟ କଂପ୍ଲେକ୍ସ ଭାବେ ଖୋର୍ଦ୍ଧା ଜିଲ୍ଲା ନ୍ୟାୟିକ ପରିସର ନିର୍ମିତ ହୋଇଛି ୪୬ ହଜାର ବର୍ଗ ମିଟର ପରିଧିରେ। ଖର୍ଚ୍ଚ ହୋଇଛି ପ୍ରାୟ ୨୫୦ କୋଟି ଟଙ୍କା। ଏଥିରେ ରହିଛି ୪ଟି କରିଡର, ୫୫ଟି କୋର୍ଟ ରୁମ୍। ତା'ସହ ରହିଛି ରେକର୍ଡ ରୁମ୍, ଲାଇବ୍ରେରୀ, କନ୍‌ଫରେନ୍ସ ହଲ୍ ସାଙ୍ଗକୁ ବ୍ୟାଙ୍କ, ପୋଷ୍ଟ ଅଫିସ, ନୋଟାରୀ ରୁମ୍। କେବଳ ଏତିକି ନୁହେଁ, ଡିସ୍ପେନସାରୀ ସହ ଶିଶୁଙ୍କ ପାଇଁ ସ୍ତନ୍ୟପାନ କକ୍ଷ ଓ ବେବି କ୍ରେଚ ଭଳି ସୁବିଧା ରହିଛି ଏଠାରେ। ପୁରୁଣା କୋର୍ଟରେ ବାର ଆସୋସିଏସନ ଚାଲିବ। ପୁରୁଣାରୁ ନୂଆ କୋଠାକୁ ସଂଯୋଗ ରହିଛି। ଏହି କୋଠାରେ ଚାଲିପାରିବ ଏକାସଙ୍ଗେ ୫୬ଟି କୋର୍ଟ। ପୂର୍ବରୁ ବାହାରେ ଥିବା ଏଜୁକେସନ, ଇଣ୍ଡଷ୍ଟ୍ରିଆଲ, ଲେବର ଏବଂ କୋଅପରେଟିଭ୍ ଭଳି ଟ୍ରିବ୍ୟୁନାଲ ଏହି ବିଲଡ଼ିଂରେ ରହିବ। ସାଧାରଣ ଜନତାଙ୍କ ପାଇଁ ବିଶ୍ରାମାଗାର ସହ ସୂଚନା ନିମନ୍ତେ ବଡ଼ ବଡ଼ ଏଲ୍‌ଇଡି ବ୍ୟବସ୍ଥା କରାଯାଇଛି। ଏଠାରେ ଗ୍ରାଉଣ୍ଡ ଫ୍ଲୋର ସହ ଅଣ୍ଡରଗ୍ରାଉଣ୍ଡ ଡବଲ ଷ୍ଟେଜରେ ପାର୍କିଂ ବ୍ୟବସ୍ଥା ଯୋଗୁ, ଦୂର ହେବ ପାର୍କିଂ ସମସ୍ୟା। ଏଠାରେ ୪୫୦ଟି କାର ଓ ୧ ହଜାର ଟୁ-ହ୍ୱିଲର ରହିପାରିବ। କୋର୍ଟ କଂପ୍ଲେକ୍ସଟି ସଂପୂର୍ଣ୍ଣ ସିସିଟିଭି ଘେରରେ ରହିଛି।

## ସାତ ବିଭାଗରେ ଓଡ଼ିଶା ହେବ ପୁରସ୍କୃତ




ଭୁବନେଶ୍ୱର,୫।୧୨ (ସଂଚାର ବ୍ୟୁରୋ): କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪ରେ ଓଡ଼ିଶାକୁ ୭ ବିଭାଗରେ ପୁରସ୍କୃତ କରାଯିବ। ଡିସେମ୍ବର ୧୧ରେ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ ସମାରୋହରେ ଦେଶରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଓଡ଼ିଶାର ବିଭିନ୍ନ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦକୁ ପୁରସ୍କୃତ କରାଯିବ। ଜାତୀୟ ପଞ୍ଚାୟତ ପୁରସ୍କାରରେ ଦେଶରେ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକୁ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ପୁରସ୍କୃତ କରାଯିବ। ଏଥିରେ ଓଡ଼ିଶାର ବିଭିନ୍ନ ପଞ୍ଚାୟତିରାଜ ଅନୁଷ୍ଠାନ ୭ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୁରସ୍କୃତ ହେବ। ଏହା ମଧ୍ୟରେ ଦୀନଦୟାଲ ଉପଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ବିଭାଗରେ ଗଞ୍ଜାମ ଜିଲ୍ଲା କେଲୁଆପଲ୍ଲୀ ଓ ସହପୁରକୁ ଯଥାକ୍ରମେ ସୁସ୍ଥ ପଞ୍ଚାୟତ ପୁରସ୍କାର ଓ ସ୍ୱାବଲମ୍ବୀ ଭିତ୍ତିଭୂମି ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯିବ। ଏହା ସହ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ବିଭାଗରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ପଞ୍ଚାୟତ ସମିତିକୁ ଶ୍ରେଷ୍ଠ ବ୍ଲକ୍ ପଞ୍ଚାୟତ ପୁରସ୍କାର ଓ କୋରାପୁଟ ଜିଲ୍ଲା ପରିଷଦକୁ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ଭାବେ ପୁରସ୍କୃତ କରାଯିବ। ସୁନ୍ଦରଗଡ଼ ଜିଲ୍ଲା କସିର ଗ୍ରାମ ପଞ୍ଚାୟତାକୁ ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଞ୍ଚାୟତ ପୁରସ୍କାର ଓ କେନ୍ଦ୍ରିକେଲା ଗ୍ରାମ ପଞ୍ଚାୟତାକୁ କାର୍ବନ ନିଉଟ୍ରାଲ ବିଶେଷ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯିବ। ଏହା ସହ ଓଡ଼ିଶାର 'ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପାଞ୍ଚୟତିରାଜ ପ୍ରତିଷ୍ଠାନ'କୁ ରାଜ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକର ଦକ୍ଷତା ବିକାଶ ଓ ତାଲିମ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ 'ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାନ ପୁରସ୍କାର' ପାଇଁ ଚୟନ କରାଯାଇଛି। 'ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪'ରେ ରାଜ୍ୟର ଏହି ବିଶେଷ ସଫଳତା ପାଇଁ ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ପୁରସ୍କୃତ ହେବାକୁ ଥିବା ସମସ୍ତ ପଞ୍ଚାୟତିରାଜ ଅନୁଷ୍ଠାନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଓ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପାଞ୍ଚୟତିରାଜ ପ୍ରତିଷ୍ଠାନର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଭଳି ପୁରସ୍କାର ଅନ୍ୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକୁ ମଧ୍ୟ ଉତ୍ତମ ପ୍ରଦର୍ଶନ ପାଇଁ ଉତ୍ସାହିତ କରିବ ବୋଲି ପ୍ରକାଶ କରିବା ସହ ବିଭାଗୀୟ ପ୍ରଦର୍ଶନ ପାଇଁ ସେ ଶାସନ ସଚିବ ଶ୍ରୀ ଗିରିଶ ଏସ୍‌ଏନ୍ ଓ 'ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପାଞ୍ଚୟତିରାଜ ପ୍ରତିଷ୍ଠାନ'ର ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର କୁମାର ମୀନାଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି ଅନୁଷ୍ଠାନ ଭଲ କାର୍ଯ୍ୟକରି ପୁରସ୍କୃତ ହୋଇଥିବାରୁ ତାଙ୍କର ସମସ୍ତ କର୍ମକର୍ତ୍ତା ଓ ଶ୍ରୀ ମୀନାଙ୍କୁ, ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗର ଶାସନ ଶଚିବ ଗିରିଶ ଏସ୍‌ଏନ୍ ସାଧୁବାଦ ଜଣାଇବା ସହିତ ଭୂୟସୀ ପ୍ରଶଂସା କରିଛନ୍ତି।

## ପଟ୍ଟା ପାଇଥିଲେ ମିଳିବ ଜମି

ଭୁବନେଶ୍ୱର, ୫।୧୨ (ସଂଚାର ବ୍ୟୁରୋ): କନସିଭ ଯିଏ କରିଥାନ୍ତୁ ନା କାହିଁକି ଡେଲିଭରି କରିବେ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ପ୍ରଶ୍ନକାଳରେ ଆଲୋଚନା ବେଳେ ମନ୍ତ୍ରୀ କହିଛନ୍ତି, ଯେଉଁ ସରକାର ଅମଳରେ ଲୋକେ ପଟ୍ଟା ପାଇ ଥାଆନ୍ତୁ ନା କାହିଁକି ସେମାନଙ୍କୁ ଜମି ଦେବାକୁ ବ୍ୟବସ୍ଥା କରାଯାଉଛି। ବିଗତ ସରକାର ସମୟରେ ଜମି ପଟ୍ଟା ଲିଫଲେଟ ପରି ବଣ୍ଟା ଯାଉଥିଲା। କିନ୍ତୁ ଲୋକେ ବାରମ୍ବାର ଦୌଡୁଥିଲେ ବି ଜମି ମିଳୁ ନ ଥିଲା। ଯେଉଁ ସରକାର ଅମଳରେ ଲୋକେ ପଟ୍ଟା ପାଇ ଥାଆନ୍ତୁ ନା କାହିଁକି ସେମାନଙ୍କୁ ଜମି ଦେବାକୁ ଆମ ସରକାର ବ୍ୟବସ୍ଥା କରୁଛନ୍ତି। ମନ୍ତ୍ରୀ କହିଛନ୍ତି, କୌଣସି ଆଦିବାସୀ ଜମିରେ ସରକାରୀ ଅନୁଷ୍ଠାନ ହୋଇଥିଲେ ସେମାନଙ୍କୁ ଅନ୍ୟତ୍ର ଜମି ଦିଆଯିବ। ଜମି ପ୍ରମାଣ ପତ୍ର ଦେଖାଇଲେ ଅନ୍ୟତ୍ର ଜମି ଦିଆଯିବ।

### ମହାକାଳପଡ଼ାରେ ଦଳିତ ଯୁବକଙ୍କୁ ଆକ୍ରମଣ

## ସନ୍ଦେହରେ ବିଧାୟକଙ୍କ ଭୂମିକା



କେନ୍ଦ୍ରାପଡ଼ା/ମହାକାଳପଡା, ୫।୧୨ (ସଂଚାର ବ୍ୟୁରୋ): ମୁଁ ବିଧାୟକଙ୍କ ସେକ୍ରେଟାରୀ ମୋ ଉପରେ ହାତ ଉଠାଇଛ, ଏବେ ଆଇଆଇସି ଓ ଏସପିକୁ କଲ୍ କରିବି ମୋ ପାୱାର ଦେଖିବ। ଏଭଳି ଏକ ଭିଡ଼ିଓ ସାମ୍ନାକୁ ଆସିବା ସହିତ ଏବେ ବିଭିନ୍ନ ସୋସିଆଲ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଯାହାକୁ ନେଇ ମହାକାଳପଡ଼ା ରାଜନୀତିରେ ବିଜେପିର ନବ ନିର୍ବାଚିତ ବିଧାୟକଙ୍କ ପାୱାର ଠାରୁ ତାଙ୍କ ନିକଟତମ କର୍ମୀଙ୍କ ପାୱାର ଅଧିକ ଶକ୍ତିଶାଳୀ ବୋଲି ବୁଧବାର ରାତିରେ ଆସିଥିବା ଭିଡ଼ିଓକୁ ନେଇ ମହାକାଳପଡ଼ା ଛକ ବଜାରରେ ଆଲୋଚନା ହେଲାଣି। ଦୀର୍ଘ ବର୍ଷ ଧରି ମହାକାଳପଡ଼ା ନିର୍ବାଚନମଣ୍ଡଳୀ ବିଜେଡି ହାତରେ ଥିଲା ଅନେକ ଦୁର୍ନୀତି ଅନ୍ୟାୟ ଅତ୍ୟାଚାରକୁ ବିରୋଧ କରି ଶେଷରେ ମହାକାଳପଡ଼ାବାସୀ ଦଳ ପରିବର୍ତ୍ତନ କରି ନୂତନ ଯୁବ ବିଧାୟକଙ୍କୁ ନିର୍ବାଚିତ କଲେ, ହେଲେ ନିର୍ବାଚିତ ହେବାର ଛମାସ ନ ହେଉଣୁ ଦିନକୁ ଦିନ ଅଶାନ୍ତ ହେଉଛି ମହାକାଳପଡ଼ା।

ଗୋଟିଏ ଗୋଟିଏ ଘଟଣା ଆଇନଶୃଙ୍ଖଳା ପରିସ୍ଥିତି ବିଗିଡି ଯାଉଥିବାର କଡ଼ ଲେଉଟାଉଛି। ଚୋରି, ଦୁଷ୍କର୍ମ, ସାମ୍ବାଦିକଙ୍କୁ ଆକ୍ରମଣ ଆଦି ନିକଟ ଅତୀତକୁ ପ୍ରଶମିତ କରି ନ ଥିବା ବେଳେ ଗତକାଲିର ଏକ ଘଟଣା ମହାକାଳପଡ଼ା ନିର୍ବାଚନମଣ୍ଡଳୀକୁ ଶୀତୁଆ ତାପ ଯୋଗାଇଛି। ମହାକାଳପଡ଼ା ବିଧାୟକଙ୍କ ଅନୁଗତ ଯୁବକ ଜଣେ ଦଳିତ ବର୍ଗର ଯୁବକଙ୍କୁ ମାଡ଼ ମାରିଥିବା ଓ ଜାତିଆଣ ଆକ୍ଷେପ କରି ମାନହାନି କରିଥିବା ଜମ୍ବୁ ସାମୁଦ୍ରିକ ଥାନାରେ ଏତଲା ହୋଇଛି। ଅଭିଯୋଗ ମୁତାବକ ରାମନଗର ପଞ୍ଚାୟତ ବରଜ ଗ୍ରାମର ଧିରେନ୍ଦ୍ର ସେଠୀଙ୍କ ପୁଅ ବିଶ୍ୱ ପ୍ରକାଶ ସେଠୀ(୨୮) ବାଲିପାଟ ଗ୍ରାମର ଏକ ଏକୋଇଶିଆ ଭୋଜିରେ ଯୋଗଦେବାକୁ ଯାଇଥିଲେ। ସେଠାରୁ ଭୋଜି ଖାଇସାରି ଅନ୍ୟମାନଙ୍କ ପାଇଁ ଅପେକ୍ଷା କରିଥିଲେ। ରାତି ପ୍ରାୟ ସାଢ଼େ ଆଠଟା ସମୟରେ ରାମନଗରର ଚନ୍ଦ୍ରକାନ୍ତ ସ୍ୱାଇଁ ସେହି ସମୟରେ ତାଙ୍କ ବାପାଙ୍କ ସହିତ ସେ ଭୋଜିକୁ ଆସି ପହଞ୍ଚିଲେ। କିଛି କାରଣ ନ ଥାଇ ଚନ୍ଦ୍ରକାନ୍ତ ତାଙ୍କ ଜାତିକୁ ଆକ୍ଷେପ କରି ଅଶାଳୀନ ଆଚରଣ କରିବା ସହ ମରଣାନ୍ତକ ଆକ୍ରମଣ କରିଥିବା ସେ ଲିଖିତ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ ନିଜକୁ ବିଧାୟକଙ୍କ ସେକ୍ରେଟାରୀ କହିବା ସହିତ ନିଜ ପାୱାର ଦେଖାଇଦେବାକୁ ଧମକ ଦେଇଥିବା ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତାଙ୍କର ପ୍ରତିଟି କଥାରେ ମାଆ ଭଉଣୀଙ୍କ ଅଶାଳୀନ ଭାଷା ମଧ୍ୟ ଶୁଣିବାକୁ ମିଳୁଛି।

ଅନ୍ୟପକ୍ଷରେ ଚନ୍ଦ୍ରକାନ୍ତ କହିଛନ୍ତି ମୋତେ ଏକ ଗୋଷ୍ଠୀ ଆକ୍ରମଣ କରିଥିଲେ। ଯେଉଁଥିପାଇଁ ମୁଁ ଏମିତି ଉତ୍‌କ୍ଷିପ୍ତ ହୋଇପଡ଼ିଥିଲି। ଏ ଘଟଣାରେ ସଚେତନ ନାଗରିକ ଓ ବୁଦ୍ଧିଜୀବୀ ଘୋର ଅସନ୍ତୋଷ ଛାଡିଛନ୍ତି। ସେମାନେ କହିଛନ୍ତି ବ୍ୟକ୍ତିଗତ କଳିରେ ମହାକାଳପଡ଼ା ବିଧାୟକଙ୍କ ଖାତିର ଆଣିବା ଓ ମାଆ ଭଉଣୀଙ୍କ ପ୍ରତି ଅସଭ୍ୟ ଭାଷା କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସାମାଜିକ ଗଣମାଧ୍ୟମରେ ଏହି ଘଟଣା ଏବେ ହଇଚଇ ସୃଷ୍ଟି କରିଛି। ମହାକାଳପଡ଼ା ବିଧାୟକ ତାଙ୍କ ପାଖରେ ଏମିତି ଅସଭ୍ୟ ଯୁବକ ମାନଙ୍କୁ ରଖିବା ଫଳରେ ନିଜର ତ ଲୋକପ୍ରିୟତା ହ୍ରାସ ହେଉଛି ତାହା ନୁହେଁ ବରଂ ମହାକାଳପଡ଼ାର ଗରିମା କ୍ଷୁଣ୍ଣ ହେଉଥିବା ଚର୍ଚ୍ଚା ହେଉଛି।

## ଗର୍ଭାଶୟ ସଂକ୍ରମଣରେ 'ରାଣୀ' ମୃତ



ସମ୍ବଲପୁର,୫।୧୨ (ସଂଚାର ବ୍ୟୁରୋ): ସ୍ଥାନୀୟ ଚିଡ଼ିଆଖାନାରେ କଲରାପତରିଆ ବାଘୁଣୀ 'ରାଣୀ'ର ମୃତ୍ୟୁ ଘଟିଛି।। ଗର୍ଭାଶୟ ସଂକ୍ରମଣରେ ତାର ମୃତ୍ୟୁ ଘଟିଥିବା ଜଣାଯାଇଛି। ମୃତ୍ୟୁ ବେଳକୁ ରାଣୀକୁ ୭ ବର୍ଷ ହୋଇଥିଲା। ବୁଧବାର ସନ୍ଧ୍ୟାରେ ରାଣୀକୁ ବାନ୍ତି ହୋଇଥିଲା। ପରେ ଡାକ୍ତର ତାର ଚିକିତ୍ସା କରିଥିଲେ। ରାଣୀର ଗର୍ଭାଶୟରେ ସଂକ୍ରମଣ ହୋଇଥିବା ଜଣାଯାଇଥିଲା। ପରେ ରାଣୀର ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ରାତି ୯ଟା ୧୩ ମିନିଟ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ରାଣୀର ମୃତ୍ୟୁ ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାଣୀ ରକ୍ତବାନ୍ତି କରିଥିବା ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡର ଡିଏଫ୍‌ଓ ସୂଚନା ଦେଇଛନ୍ତି। ନଭେମ୍ବର ୯ ତାରିଖରେ ମଣିଷଖିଆ ବାଘ ରାଜା ଓ ରାଣୀ ମଧ୍ୟରେ ସମ୍ବଲପୁର ଚିଡିଆଖାନାରେ ପ୍ରଥମ ମିଳନ ହୋଇଥିଲା। ସେପ୍ଟେମ୍ବର ୯ରେ ଉଭୟଙ୍କୁ କମନ୍ ଏନକ୍ଲୋଜରରେ ଅଲଗା ଅଲଗା କରି ରଖାଯାଇଥିଲା।

## ରାସ୍ତାରେ ଜଳିଲା କାର

**ବର୍ତ୍ତିଲେ ସୂଚନା କମିଶନ ରେଜିଷ୍ଟ୍ରାର**

ଭୁବନେଶ୍ୱର,୫।୧୨ (ସଂଚାର ବ୍ୟୁରୋ): ରାଜ ରାସ୍ତାରେ ହୁତୁ ହୁତୁ ହୋଇ ଜଳିଗଲା ଚଳନ୍ତା କାର୍। କଳ୍ପନାଛକ ପାନ୍ଥନିବାସ ନିକଟରେ ଏହି ଅଘଟଣ ଘଟିଛି। ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ରାଜ୍ୟ ସୂଚନା କମିଶନଙ୍କ ରେଜିଷ୍ଟ୍ରାର ଓ ଡ୍ରାଇଭର। ଗୁରୁବାର ସକାଳେ ରେଜିଷ୍ଟ୍ରାର ଓ ଡ୍ରାଇଭର କୌଣସି କାମରେ ଯାଉଥିବା ବେଳେ ତାଙ୍କ କାର୍‌ରେ ନିଆଁ ଲାଗିଯାଇଥିଲା। ଏହା ଦେଖି ଡ୍ରାଇଭର ଓ ରେଜିଷ୍ଟ୍ରାର କାରରୁ ଓହ୍ଲାଇ ପଡ଼ିଥିଲେ। ପରେ କାର୍‌ଟି ରାସ୍ତା ମଝିରେ ହୁତୁହୁତୁ ହୋଇ ଜଳିଯାଇଥିଲା।

## ବିଧାନସଭା ଖବର

### ● ଆଦିବାସୀ ଜମି କିଣିଲେ ବେଆଇନ ଘୋଷଣା

କେହି ଦଖଲ କରି ପାରିବେ ନାହିଁ ଆଦିବାସୀ ଜମି । ଯଦି କେହି ଆଦିବାସୀ ଜମି କିଣନ୍ତି ତେବେ ତାକୁ ବେଆଇନ ଘୋଷଣା କରାଯିବ। ତା ସହ ଉଚ୍ଛେଦ ପ୍ରକ୍ରିୟାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜମି ଫେରାଇ ଦିଆଯିବ। ଗୃହକୁ ରାଜସ୍ୱ ଓ ବିପର୍ଯ୍ୟାୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏନେଇ ଉତ୍ତର ରଖିଛନ୍ତି । ବିଧାୟକ ଭାସ୍କର ମଢେଇଙ୍କ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଭୂ ସଂସ୍କାର ଆଇନ ୧୯୬୦ ଅନୁସାରେ ଯଦି କେହି ଆଦିବାସୀ ଜମି କିଣନ୍ତି, ତାକୁ ବେଆଇନ ଘୋଷଣା କରି ଉଚ୍ଛେଦ ପ୍ରକ୍ରିୟା ଜରିଆରେ ସମ୍ପୃକ୍ତ ଆଦିବାସୀ ଲୋକଙ୍କୁ ଜମି ଫେରସ୍ତ ନିୟମ ରହିଛି । ଏପରି ୬୫୪ ମାମଲା ବିଚାରାଧୀନ ଅଛି । ସେହିଭଳି ଯଦି କେହି ଆଦିବାସୀ ଜମି ଦଖଲ କରିଛନ୍ତି, ତାକୁ ବି ବେଆଇନ ଘୋଷଣା କରାଯିବ । ୮୮୧ ମାମଲା ବିଚାରାଧୀନ ଅଛି । କେହି ଅଣ ଆଦିବାସୀ ଯଦି ଆଦିବାସୀ ଜମି କିଣନ୍ତି, ତାକୁ ବି ବେଆଇନ ଘୋଷଣା କରି ଆଦିବାସୀଙ୍କୁ ଫେରସ୍ତ ହେବ, ଏପରି ୧୯୬୯୦ ମାମଲା ବିଚାରାଧୀନ ଅଛି। ବିଚାର କରିବା କ୍ଷମତା ଜିଲ୍ଲାପାଳଙ୍କୁ ଦିଆଯାଇଛି । ସେହିପରି ଚଞ୍ଚକତା କରି ଯଦି ଆଦିବାସୀ ଜମି ନିଆଯାଇଥାଏ, ତାହାର ଆବଶ୍ୟକତାକୁ ବିଚାର କରିବା କ୍ଷମତା ଉପଜିଲ୍ଲପାଳଙ୍କୁ ଦିଆଯାଇଛି। ଯଦି ବିଚାର ନ ହୁଏ ଉପଜିଲ୍ଲପାଳ ଏହାକୁ ଅସିଦ୍ଧ ଘୋଷଣା କରିପାରବେ। ଏହିପରି ୧୨୨୭୯ ମାମଲା ବିଚାରାଧୀନ ଥିବା ମନ୍ତ୍ରୀ ସୁରେଶ ପୂଜାରୀ ଗୃହରେ ଉତ୍ତର ରଖିଛନ୍ତି। ଡିସେମ୍ବର ୩୦ ସୁଦ୍ଧା ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ, ପ୍ରାଥମିକ ସ୍କୁଲରୁ ବିଶ୍ୱବିଦ୍ୟାଳୟ ଯାଏଁ ସମସ୍ତଙ୍କୁ ନିଜସ୍ୱ ଜମି ପଟ୍ଟା ଦିଆଯିବ ବୋଲି ସୁରେଶ ପୂଜାରୀ କହିଛନ୍ତି।

### ● ପ୍ରତି ବ୍ଲକରେ ମଲ୍ଟି ପର୍ପୋଜ ଫିଲ୍ମ ହଲ ହେଉ

ବିଧାନସଭାର ଶୂନ୍ୟକାଳରେ ଓଡ଼ିଆ ସିନେମା କଥା ଉଠାଇଲେ ବିଜେପି ବିଧାୟକ ଆକାଶ ଦାସ ନାୟକ । ଓଡ଼ିଆ ସିନେମା ବର୍ତ୍ତମାନ କୋମା ଆଡ଼କୁ ଯାଉଛି ବୋଲି କହି କ୍ଷୋଭ ପ୍ରକାଶ କରିଛନ୍ତି ଆକାଶ। ସିନେମା ହଲ୍‌ର ଦୁରାବସ୍ଥା ଦର୍ଶାଇବାକୁ ଯାଇ ସେ କହିଛନ୍ତି, ଓଡ଼ିଶାରେ ମାତ୍ର ୫୦ରୁ ୬୦ଟି ସିନେମା ହଲ ଅଛି । ଏହା ଭିତରୁ ପୁରୀରେ ଗୋଟିଏ ମଧ୍ୟ ହଲ ନାହିଁ । ଏପରି ସ୍ଥଳେ ଲୋକେ ଓଡ଼ିଆ ସିନେମା ଦେଖି ପାରୁନାହାନ୍ତି। ଶ୍ରୀ ନାୟକ ପ୍ରସ୍ତାବ ଦେଇଛନ୍ତି, ପ୍ରତି ବ୍ଲକରେ ମଲ୍ଟି ପର୍ପୋଜ ଫିଲ୍ମ ହଲ ପ୍ରତିଷ୍ଠା କରାଯାଉ। ପୂର୍ବ ସରକାର ବେଳେ ଗୋଟିଏ ଫିଲ୍ମ ପଲିସି ଆସିଥିଲା । କିନ୍ତୁ ତାହା କୁଆଡେ ଗଲା ଜଣା ନାହିଁ । ସେହି ପଲିସିକୁ ବର୍ତ୍ତମାନ ଆଉ ଥରେ ଅଣାଯାଉ । ଏହାସହ ବରପୁତ୍ର ମାନଙ୍କ ଉପରେ ଓଡ଼ିଶାରେ ଫିଲ୍ମ ତିଆରି କରି ସେଥିରେ ସବସିଡି ଦିଆଯାଉ। ଏହାଦ୍ୱାରା ଫିଲ୍ମ ଇଣ୍ଡଷ୍ଟ୍ରିର କଳାକାର ଠାରୁ ଆରମ୍ଭ କରି ଟେକନିସିଆନଙ୍କ ସମେତ ସମସ୍ତଙ୍କର ଆର୍ଥିକ ସ୍ଥିତି ସୁଧୁରିବ ବୋଲି ସେ କହିଛନ୍ତି ।

### ● ଜମି ବଦଳରେ ଜମି

ପ୍ରକଳ୍ପ ହେଲେ ଜମି ଅଧିଗ୍ରହଣ ହେବା କଥା ହେବ। ହେଲେ ବିସ୍ଥାପନ ବଡ଼ ସମସ୍ୟା। ଏଥିପାଇଁ ଏକ ନୀତି କରିବାକୁ ଯାଉଛନ୍ତି ରାଜ୍ୟ ସରକାର। ଏହା ଜରିଆରେ ଜମି ବଦଳରେ ଜମି ପ୍ରଦାନ କରିବାକୁ ଚିନ୍ତା କରାଯାଉଛି। ଓଡ଼ିଶାରେ ଏହା ସମ୍ଭବ ନା ନୁହେଁ, ସେଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ତର୍ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ବିସ୍ଥାପିତଙ୍କ ଥଇଥାନ ସମ୍ପର୍କରେ ବିଧାୟକ ରଣେନ୍ଦ୍ର ସ୍ୱାଇଁ ଓ ଲକ୍ଷ୍ମଣ ମୁଣ୍ଡାଙ୍କ ଉଦ୍‌ବେଗ ଉପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୃହରେ ଉତ୍ତର ରଖିଛନ୍ତି। ଦେଶରେ କର୍ପୋରେଟଙ୍କ ସ୍ୱାର୍ଥରେ ବିକାଶ କରାଯାଉଛି। ଆଦିବାସୀଙ୍କ ଜଙ୍ଗଲ ଅଧିକାର ଛଡାଇବାକୁ ଷଡଯନ୍ତ୍ର ହୋଇଛି। ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬କୁ କେନ୍ଦ୍ର ସରକାର ବନୀକରଣ କରିବା ନାଁରେ ଦଖଲ କରୁଥିବା ନେଇ ଗୃହରେ ଅଭିଯୋଗ ଓ ଆପତ୍ତି ଉଠାଇଲେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଓଡ଼ିଶାରେ ଆଦିବାସୀ ମୁଖ୍ୟମନ୍ତ୍ରୀ ଅଛନ୍ତି. ଟାଟା ଓ ଆଦାନି କମ୍ପାନୀକୁ ପାଣି ଯୋଗାଇବାକୁ ସୋରଡ଼ା ନିକଟରେ ଋଷିକୂଲ୍ୟା ନିକଟରେ ଯେଉଁ ବନ୍ଧ ହେବ, ୨୩ ଗାଁ ଲୋପ ପାଇବ। ସେଠାର ଲୋକଙ୍କ ପାଇଁ କଣ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଯେଉଁଠି ଜଳସେଚନ, ଜଳ ଯୋଗାଣ ହେଉଛି, ସେଠି ଅଳ୍ପ ଲୋକ ପ୍ରଭାବିତ ହେଉଛି। କମ୍ପାନୀଙ୍କ ପାଇଁ କିଏ ଓକିଲାତି କରୁଛି, ମୁଁ ଜାଣେନି। ମୋହନ ସରକାରରେ ଜନତାଙ୍କ ସ୍ୱାର୍ଥକୁ ରକ୍ଷା କରାଯିବ। କୌଣସି ପ୍ରଭାବଶାଳୀ ଲୋକ ସ୍ୱାର୍ଥ ପାଇଁ କାମ ହେବନି ବୋଲି ସୁରେଶ ପୂଜାରୀ କହିଛନ୍ତି।

### ● ବେଦାନ୍ତ ପାଉଁଶ ପ୍ରସଙ୍ଗ ଉଠାଇ ବର୍ଷିଲେ ରାଜନ

ଶୂନ୍ୟକାଳରେ ବେଦାନ୍ତର ବେଆଇନ ପାଉଁଶ ପ୍ରସଙ୍ଗ ଉଠାଇଛି କଂଗ୍ରେସ। ବେଦାନ୍ତ ବେଆଇନ ଭାବେ ପାଉଁଶ ପକାଉଛି। କାହିଁକି ନୂଆ ସରକାର ବେଦାନ୍ତକୁ ଏତେ ଦୟା କରୁଛନ୍ତି। କିଛି ସଂପର୍କ ରହିଛି କି ବେଦାନ୍ତ ସହ। ପାଉଁଶରୁ ସୃଷ୍ଟି ପ୍ରଦୂଷଣ ପାଇଁ ବେଦାନ୍ତକୁ ଜୋରିମାନା କରାଯାଇଥିଲା। ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁରରେ ଜୋରିମାନା ଆଦାୟ ହୋଇଥିଲା। ସମସ୍ତ ପ୍ରମାଣ ସତ୍ତ୍ୱେ ବେଦାନ୍ତ ସଂପୂର୍ଣ୍ଣ ଜୋରିମାନା ଦେଲା ନାହିଁ। ପାଲଟା ଏ ପାଉଶ ଆମର ନୁହେଁ କହି ଆଳ ନେଲା। ପ୍ରଦୂଷଣ ବୋର୍ଡ ତାଗିଦ ପରେ ବି ଶୁଣିଲାନି। ତାହାଲେ ବେଦାନ୍ତ ଠାରୁ କିଏ ପଇସା ଖାଇଲା ବୋଲି କଂଗ୍ରେସ ବିଧାୟକ ରାଜନ ଏକ୍କା ଏ ପ୍ରସଂଗ ଉଠାଇ ସରକାର ଉପରେ ବର୍ଷିଛନ୍ତି।

### ● ଅନ୍‌ଲାଇନ ଗେମ୍ ନେଲା ଜୀବନ

## ଆତ୍ମହତ୍ୟା କଲେ ଯୁବକ



ଭୁବନେଶ୍ୱର,୫।୧୨(ସଂଚାର ବ୍ୟୁରୋ): ମୁଣ୍ଡ ନେଉଛି ଅନ୍‌ଲାଇନ ଗେମ। ଖେଳରେ ଟଙ୍କା ବିନିଯୋଗ କରି ହାରିବା ପରେ ଜୀବନ ହାରୁଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ପୁରୁଣା ଭୁବନେଶ୍ୱର ଅଂଚଳରେ। ମୃତ ଯୁବକ ହେଲେ ପୁରୁଣା ଭୁବନେଶ୍ୱର ବଡ଼ୁ ସାହିର ଶଶାଙ୍କ ଶତପଥୀ। ଆଜି ଘର ଭିତରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ, ଶଶାଙ୍କ ଦୀର୍ଘଦିନ ହେବ ଅନ୍‌ଲାଇନ ଗେମ ଖେଳୁଥିଲେ। ଟଙ୍କା ହରେଇବା ପରେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଖବର ପାଇ ଲିଙ୍ଗରାଜ ଥାନା ପୋଲିସ ମୃତଦେହ କୁ ଉଦ୍ଧାର କରିଛି। ସେପଟେ ଡିସିପି କହିଛନ୍ତି, ଆଜିକା ଦିନରେ ଏହା ଚିନ୍ତାର କାରଣ ପାଲଟିଛି। ଏଥିପାଇଁ ଅଭିଭାବକ ମାନେ ନିଜ ପିଲାଙ୍କ ଉପରେ ନଜର ରଖିବାକୁ ପରାମର୍ଶ ଦେଇଛନ୍ତି।

# ୧୩ ବର୍ଷ ହେଲା ଗାଦି ମାଡ଼ି ବସିଛନ୍ତି

● ପଣ୍ଡା ବାବୁଙ୍କ ଛତ୍ରଛାୟାକୁ ନେଇ ଚର୍ଚ୍ଚା

● ପ୍ରଶିକ୍ଷଣରୁ ବଞ୍ଚିତ ହେଉଛନ୍ତି ମହିଳା ଖେଳାଳି

● ଓଡ଼ିଶାରେ ଅଛନ୍ତି ମାତ୍ର ୨ ମହିଳା କୋଚ୍

ଭୁବନେଶ୍ୱର,୫।୧୨ (ସଂଚାର ବ୍ୟୁରୋ): ରାଜ୍ୟରେ କ୍ରୀଡାକୁ ବେସ ଅଧିକ ଗୁରୁତ୍ୱ ଦିଆଯାଉଛି । ଖାସ କରି ମହିଳା ଖେଳାଳି ମାନଙ୍କୁ ମଧ୍ୟ ସରକାର ଅନେକ ଗୁରୁତ୍ୱ ଦେଉଛନ୍ତି । କିନ୍ତୁ କ୍ରୀଡା ବିଭାଗର କିଛି ଅଧିକାରୀ ମାନଙ୍କ ପାଇଁ ଆଜି କ୍ରୀଡା ବ୍ୟବସ୍ଥା ମାଟିକାମୁଡିବାକୁ ବସିଲାଣି । ଗୋଟିଏ ପଟେ ରାଜ୍ୟରେ ମହିଳା କୋଚ ଆଭାବ ଓ ଅନ୍ୟପଟେ ବର୍ଷ ବର୍ଷ ଧରି ଭୁବନେଶ୍ୱର ହଷ୍ଟେଲରେ ଗାଦି ମାଡି ବସିଛନ୍ତି ଜଣେ ମହିଳା କୋଚ । ନିୟମ ରହିଛି ୩ ବର୍ଷରେ ଥରେ କୋଚ୍ ମାନଙ୍କୁ ବଦଳି କରାଯିବା କଥା। କିନ୍ତୁ ମ୍ୟାଡାମ ଜଣକ ଏଠି ୧୨ ରୁ ୧୩ ବର୍ଷ ହେଲା ଅଛନ୍ତି । କିନ୍ତୁ ଏହା କେମିତି ସମ୍ଭବ । କାହା ସୁପାରିଶ ନା କାହାର ଚାପ ଫଳରେ ସେ ଏଠାରେ ଦିର୍ଘ ବର୍ଷ ହେଲା ରହିଛନ୍ତି ? କୁହାଯାଉଛି କେହି ଜଣେ ପଣ୍ଡା ବାବୁ ତାଙ୍କୁ ସୁରକ୍ଷା ଦେଉଛନ୍ତି ଯାହାଙ୍କ ପାଇଁ ସେ ବିନା ଟେନ୍ସନ୍ ରେ ଏଠାରେ କାର୍ଯ୍ୟରତ। ସେପଟେ ସୁନ୍ଦରଗଡରେ ମହିଳା ସ୍ପୋର୍ଟସ ହଷ୍ଟେଲରେ ନାହାନ୍ତି ମହିଳା କୋଚ୍ । ସେଠାରେ ଜଣେ ପୁରୁଷ କୋଚ୍‌ଙ୍କୁ ନିଯୁକ୍ତି ମିଳିଛି । ଫଳରେ ଅସନ୍ତୋଷ ମଧ୍ୟ ପ୍ରକାଶ ପାଇଛି । କାରଣ ମହିଳା ଖେଳାଳିମାନଙ୍କର ଅନେକ ସମୟରେ ଅଭ୍ୟାସ ବେଳେ ନାନା ଶାରୀରିକ ସମସ୍ୟା ଉପୁଜି ଥାଏ ଯାହାକୁ ଜଣେ ମାହିଳା କୋଚ ହିଁ ବୁଝି ଥାନ୍ତି । କିନ୍ତୁ ଭୁବନେଶ୍ୱରରେ ଏହି ମହିଳା କୋଚ୍ ଜଣକ ଦୀର୍ଘ ଦିନ ହେବ ଥିଲେ ମଧ୍ୟ କାହିଁକି ତାଙ୍କୁ ସୁନ୍ଦରଗଡକୁ ନ ପଠାଯାଇ ଏଠାରେ ରଖାଯାଇଛି ବୋଲି ବୁଦ୍ଧିଜୀବି ମାନେ ପ୍ରଶ୍ନ କଲେଣି । କ୍ରୀଡା ବିଭାଗରେ ଏଭଳି ମନମାନୀ କାର୍ଯ୍ୟକୁ ମଧ୍ୟ ବେସ ନିନ୍ଦା କଲେଣି କ୍ରୀଡାବିତ୍ ମାନେ । ଯେଉଁ ଦୀଗ ଉପରେ ଆମେ ଗୁରୁତ୍ୱ ଦେଉଛୁ ତାହା ହେଲା କ୍ରୀଡା ବିଭାଗରେ ଅଦୃଶ୍ୟ ଚାପ । ସମସ୍ତେ ଚାହାନ୍ତି ଭୁବନେଶ୍ୱର ଭଳି ଏକ ସହରରେ ରହି ଚାକିରି କରିବା ପାଇଁ କିନ୍ତୁ ତା ଅର୍ଥ ନୁହେଁ ବର୍ଷ ବର୍ଷ ଧରି ଜଣକୁ ସେହି ଯାଗାରେ ରଖାଯିବ ଓ ଅନ୍ୟ ଜିଲ୍ଲାରେ ଖେଳାଳି ମାନେ ଉପଯୁକ୍ତ ତାଲିମ ପାଇବାରୁ ବଞ୍ଚିତ ହେଉଥିବେ। କ୍ରୀଡା ବିଭାଗ ଓ ସରକାର ଏବେ ଏଥିପ୍ରତି ଧ୍ୟାନ ଦେବା ସହିତ ତୁରନ୍ତ ଏହି ସମସ୍ୟାର ସମାଧାନ କରି ଭୁବନେଶ୍ୱରରେ ଦୀର୍ଘ ବର୍ଷ ହେଲା ଗାଦି ମାଡି ବସିଥିବା ମହିଳା କୋଚଙ୍କୁ ସୁନ୍ଦରଗଡକୁ ବଦଳି କରିବାକୁ ବିଭିନ୍ନ ମହଲରୁ ଅନୁରୋଧ କରାଯାଇଛି। ଦେଖିବାକୁ ବାକି ରହିଲା କେବେ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ବିଭାଗ ?




Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ହିରୋ ଲଞ୍ଚ କଲା ଭିଡା ଭି-୨ ଇଲେକ୍ଟ୍ରିକ୍ ସ୍କୁଟର୍

**ନୂଆଦିଲ୍ଲୀ, ୫।୧୨:** ନିକଟରେ ହୋଣ୍ଡା ଭାରତୀୟ ବଜାରରେ ଆକ୍ଟିଭ ଇ ଏବଂ କ୍ୟୁସି-୧ ଲଞ୍ଚ କରିଛି। ଏହାର ଠିକ୍ ପରେ, ହିରୋ ମୋଟୋକର୍ପ ଇଲେକ୍ଟ୍ରିକ୍ ସ୍କୁଟରର ଭିଡା ଭି-୨ ଲଞ୍ଚ କରିଛି। ଭି-୨ ସିରିଜ୍ ଆଣିବା ପଛର କାରଣ ହେଉଛି ହିରୋ ମୋଟୋକର୍ପ

## ଫୁଲ୍ ଚାର୍ଜରେ ଦେବ ୧୬୫ କିମି ରେଞ୍ଜ

ଏହାର ଇଲେକ୍ଟ୍ରିକ୍ ସ୍କୁଟରର ସେଲ୍ ବୃଦ୍ଧି କରିବା। ଏଥି ସହିତ, ହୋଣ୍ଡାର ଇଲେକ୍ଟ୍ରିକ୍ ସ୍କୁଟର ଲଞ୍ଚ ହେବା ପୂର୍ବରୁ ରିମୁଭେବଲ୍ ବ୍ୟାଟେରୀ ସହିତ ଇଲେକ୍ଟ୍ରିକ୍ ସ୍କୁଟରର ଏକ ବଡ଼ ଅଂଶ ହାସଲ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ତେବେ ଆସନ୍ତୁ ଭିଡା ଭି-୨ ଇଲେକ୍ଟ୍ରିକ୍ ସ୍କୁଟରର ଫିଚର୍ସ ଏବଂ ମୂଲ୍ୟ ବିଷୟରେ।



ଭିଡା ଭି-୨ ଲାଇନ୍‌ଅପ୍ ଦୁଇଟି କଲର ଅପ୍ସନରେ ଅଣାଯାଇଛି, ଯାହାକି ମ୍ୟାଟ୍ ନେକ୍ସସ୍ ବ୍ଲୁ-ଗ୍ରେ ଏବଂ ଗ୍ଲସି ସ୍ପୋର୍ଟସ୍ ରେଡ୍। ଭି-୧ ତୁଳନାରେ ଏହାର ଡିଜାଇନ୍ କିଛି ମାତ୍ରାରେ ପରିବର୍ତ୍ତନ କରାଯାଇଛି। ଏହି ସମୟରେ, ଏହାର ଫ୍ରଣ୍ଟ ଟର୍ନ ଇଣ୍ଡିକେଟର୍ସ ମଧ୍ୟ ନୂତନ ଡିଜାଇନରେ ଦେଖିବାକୁ ମିଳିଛି। ବର୍ତ୍ତମାନ ଭି-୧ ବଦଳରେ ଏହାର ସାଇଡ୍ ବଡି ପ୍ୟାନେଲରେ ଭି-୨ ବେଜ୍ ଦିଆଯାଇଛି। ଏହା ବ୍ୟତୀତ, ଭିଡା ଭି-୨ ରେଞ୍ଜର ଡିଜାଇନ୍ ଭି-୧ ରେଞ୍ଜ ସହିତ ସମାନ। ଏଥିରେ ରିମୁଭେବଲ୍ ବ୍ୟାଟେରୀର ଡିଜାଇନ୍ ରଖାଯାଇଛି। ଭି-୧ ରେଞ୍ଜ ପରି, ଭି-୨ ଲାଇନ୍‌ଅପ୍ ମଧ୍ୟ ଏର୍ଗୋନୋମିକ୍ସ, ରାଇଡ୍ ହ୍ୟାଣ୍ଡଲିଂ ଏବଂ ପରଫରମାନ୍ସ ଉପରେ ସମାନ ଧ୍ୟାନ ରଖିଛି।

ଏହାର ପରଫରମାନ୍ସ ବିଷୟରେ କହିବାକୁ ଗଲେ, ଭିଡା ଭି-୨ ଇଲେକ୍ଟ୍ରିକ୍ ସ୍କୁଟରରେ ଏକ ରିମୁଭେବଲ୍ ଆଇପି୬୭ ରେଟେଡ୍ ବ୍ୟାଟେରୀ ପ୍ୟାକ୍ ଅଛି। ଏହାର ଭି-୨ ଲାଇଟ୍‌ର ୨.୨ କେଡବ୍ଲ୍ୟୁଏଚ୍ କାପାସିଟିର ସବୁଠାରୁ ଛୋଟ ବ୍ୟାଟେରୀ ଅଛି। ସେହି ସମୟରେ, ଭି-୨ ପ୍ଲସ୍ ବ୍ୟାଟେରୀର ସାଇଜ ୩.୪୪ କେଡବ୍ଲ୍ୟୁଏଚ୍ ଏବଂ ଭି-୨ ପ୍ରୋରେ ୩.୯୪ କେଡବ୍ଲ୍ୟୁଏଚ୍ କାପାସିଟି ବିଶିଷ୍ଟ ବ୍ୟାଟେରୀ ଅଛି।

କମ୍ପାନୀ ଦାବି କରିଛି ଯେ ଭିଡା ଭି-୨ ଫୁଲ୍ ଚାର୍ଜ ପରେ ୧୬୫ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ଦେବ। ଏଥିରେ ଦିଆଯାଇଥିବା ବ୍ୟାଟେରୀ ୬ କିଲୋୱାଟର ପିକ୍ ପାୱାର ଏବଂ ୨୫ ଏନ୍‌ଏମ୍‌ର ପିକ୍ ଟର୍କ ଜେନେରେଟ କରେ। ଭିଡା ଭି-୨ 0-୪୦ କିଲୋମିଟର / ଘଣ୍ଟାରୁ ମାତ୍ର ୨.୯ ସେକେଣ୍ଡରେ ତ୍ୱରାନ୍ୱିତ ହୁଏ ଏବଂ ଏହାର ଟପ୍ ସ୍ପିଡ୍ ଘଣ୍ଟା ପ୍ରତି ୯୦ କିଲୋମିଟର ଅଟେ। Hero ଭିଡା ଭି-୨ ଭାରତୀୟ ବଜାରରେ ତିନୋଟି ଭାରିଆଣ୍ଟରେ ଲଞ୍ଚ କରାଯାଇଛି। ଯାହାକି ଭି-୨ ଲାଇଟ୍, ଭି-୨ ପ୍ଲସ୍ ଏବଂ ଭି-୨ ପ୍ରୋ। ଭି-୨ ଲାଇଟ୍‌ର ଏକ୍ସ-ସୋରୁମ୍ ମୂଲ୍ୟ ୯୬,୦୦୦ ଟଙ୍କା, ଭି-୨ ପ୍ଲସ୍‌ର ଏକ୍ସ-ସୋରୁମ୍ ମୂଲ୍ୟ ୧,୧୫,୦୦୦ ଏବଂ ଭି-୨ ପ୍ରୋର ଏକ୍ସ-ସୋରୁମ୍ ମୂଲ୍ୟ ୧,୩୫,୦୦୦ ଟଙ୍କା।

# ରିୟଲ ଇଷ୍ଟେଟର ହଟ୍‌ସ୍ପଟ୍ ପାଲଟିଲା ପୁରୀ

## ସାରା ଦେଶରେ ଦ୍ୱିତୀୟ

**ଭୁବନେଶ୍ୱର,୦୫/୧୨:** ଦେଶ ମଧ୍ୟରେ ଧାର୍ମିକ ପର୍ଯ୍ୟଟନ ଯୋଗୁ ଏବେ ଧାର୍ମିକ ସ୍ଥଳ ଗୁଡିକରେ ବାସଗୃହ ଚାହିଦାରେ ଦ୍ରୁତ ପରିବର୍ତ୍ତନ ହୋଇଛି। ରାଜ୍ୟର ପୁରୀରେ ଏହାର ପ୍ରତିଫଳନ ଦେଖାଯାଇଛି। ପୁରୀରେ ଏବେ ଲୋକମାନେ ଘର କିଣିବାକୁ ବିଶେଷ ଆଗ୍ରହ ଦେଖାଉଛନ୍ତି। ଫଳରେ ଏହା ରିୟଲ ଇଷ୍ଟେଟର ହଟ୍‌ସ୍ପଟ ପାଲଟିଛି। ଏଠାରେ ଘର ଚାହିଦା ସହ ପ୍ରପର୍ଟି ଦାମ ମଧ୍ୟ ବଢ଼ୁଥିବା ମ୍ୟାଜିକ ବ୍ରିକ୍ସର ଏକ ରିପୋର୍ଟରୁ ଜଣାପଡିଛି। ଏହି ରିପୋର୍ଟ ମୁତାବକ, ପୁରୀରେ ଘର ଚାହିଦା ଏବେ ୫୨% ବୃଦ୍ଧି ହୋଇଛି। ଏଠାରେ ବର୍ଗଫୁଟ ପିଛା ଦର ୬୧୧୪ ଟଙ୍କା। ବର୍ଷକ ମଧ୍ୟରେ ଏହି ଦରରେ ୩୦% ବୃଦ୍ଧି ପରିଲକ୍ଷିତ ହୋଇଛି। ଫଳରେ ବାସଗୃହ ଚାହିଦା ବୃଦ୍ଧିରେ ପୁରୀ ଦ୍ୱିତୀୟ ସ୍ଥାନରେ ରହିଛି। ଲୋକେ କେବଳ ରହିବା ଲାଗି ଘର କିଣୁ ନାହାନ୍ତି। ଦୀର୍ଘକାଳୀନ ନିବେଶ, ଭଡା, ହଲିଡେ ହୋମ, ସ୍ୱଳ୍ପକାଳୀନ ରହଣୀ ଗୃହ ଭାବେ ବ୍ୟବହାର କରିବାକୁ ଏଭଳି ଘର କିଣୁଛନ୍ତି ଲୋକେ। ବାସଗୃହ କ୍ଷେତ୍ରରେ ନିବେଶ ଏକ ଆକର୍ଷଣୀୟ ବିକଳ୍ପ ଭାବେ ଉଭା ହୋଇଛି। ଧାର୍ମିକ ପର୍ଯ୍ୟଟନ ଯୋଗୁ ରିୟଲ ଇଷ୍ଟେଟର ହଟସ୍ପଟ ପାଲଟିଥିବା ଅନ୍ୟ ସହର ଗୁଡିକ ମଧ୍ୟରେ ଉତ୍ତର ପ୍ରଦେଶର ପ୍ରୟାଗରାଜ, ବନାରସ ଏବଂ ମହାରାଷ୍ଟ୍ରର ସିରିଡି ରହିଛି। ପ୍ରୟାଗରାଜରେ ବାସଗୃହ ଚାହିଦା ୨୮% ବଢ଼ିଛି। ବର୍ଗଫୁଟ ପିଛା ପ୍ରପର୍ଟି ମୂଲ୍ୟ ୧୨୨% ବୃଦ୍ଧି ହୋଇ ୬୬୪୫ ଟଙ୍କା ରହିଛି। ସେହିଭଳି ବନାରସ ଏହା ୧୮% ବୃଦ୍ଧି ହୋଇ ୬୧୨୮ ଟଙ୍କା ଏବଂ ସିରିଡିରେ ୬୭% ବୃଦ୍ଧି ହୋଇ ୪୦୨୮ ଟଙ୍କା ରହିଥିବା ମ୍ୟାଜିକ ବ୍ରିକ୍ସ ରିପୋର୍ଟରୁ ଜଣାପଡିଛି।

# ୟୁପିଆଇ ପେମେଣ୍ଟ ଯୋଗୁଁ କମିଛି ଏଟିଏମ୍ ବ୍ୟବହାର



**ନୂଆଦିଲ୍ଲୀ,୦୪/୧୨:** ଏଟିଏମ୍‌କୁ ଖାଇଗଲାଣି ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟର୍‌ଫେସ୍ (ୟୁପିଆଇ)। ୫ ବର୍ଷରେ ପ୍ରଥମ ଥର ଏଟିଏମ୍ ସଂଖ୍ୟା କମିଲା। ପୂର୍ବରୁ ୨୫୭୯୪୦ ଥିଲା ଏବେ ୨୫୫୦୭୮କୁ ହ୍ରାସ ହୋଇଛି। ସବୁଠୁ ଅଧିକ ହ୍ରାସ ଗ୍ରାମାଞ୍ଚଳରେ ହୋଇଛି। ୟୁପିଆଇ ଓ କାର୍ଡ ଯୋଗୁ ନଗଦ ବ୍ୟବହାର କମିଥିଲା ସଂସଦରେ କେନ୍ଦ୍ର ସରକାର ଦେଇଥିବା ଏକ ରିପୋର୍ଟରୁ ଜଣାପଡିଛି। ସାମାନ୍ୟ ଜିନିଷଟିଏ କିଣିବାକୁ ଗଲେ ଲୋକେ ଫୋନ୍‌ପେ', ଗୁଗୁଲ୍ ପେ', ପେଟିଏମ୍ ଏବଂ ଆମାଜନ୍ ପେ' ଆଦି କରୁଥିବା ଦେଖିବାକୁ ମିଳୁଛି। ଚା' ପିଇ ୧୦ ଟଙ୍କାର ପେମେଣ୍ଟ ବି ୟୁପିଆଇ ଜରିଆରେ କରୁଛନ୍ତି ଲୋକେ। ଫୋନ୍‌ରେ ପେମେଣ୍ଟ ହୋଇଯାଉଛି। ଆଉ ଏଟିଏମ୍ ଯାଇ ଟଙ୍କା ଉଠାଇବାର ଆବଶ୍ୟକତା ନାହିଁ। ୟୁପିଆଇର ପ୍ରସାର ଫଳରେ ବର୍ତ୍ତମାନ ଏଟିଏମ୍ ସଂଖ୍ୟା ହ୍ରାସ ପାଉଛି। ତେବେ ୫ ବର୍ଷରେ ପ୍ରଥମ ଥର ଦେଶରେ ଏଟିଏମ୍ ସଂଖ୍ୟା କମିଥିବା ଜଣାପଡ଼ିଛି। କେନ୍ଦ୍ର ସରକାର ସୋମବାର ସଂସଦରେ ଏ ସୂଚନା ଦେଇଛନ୍ତି। ଆଶ୍ଚର୍ଯ୍ୟର ବିଷୟ ହେଉଛି ମହାନଗର ଏବଂ ସହର ସହିତ ଗ୍ରାମାଞ୍ଚଳରେ ବି ଏଟିଏମ୍ ସଂଖ୍ୟାରେ ହ୍ରାସ ଘଟିଛି। ୨୦୨୪ ସେପ୍ଟେମ୍ବର ଶେଷରେ ଦେଶରେ ଏଟିଏମ୍ ସଂଖ୍ୟା ୨,୫୫,୦୭୮ ରହିଛି, ଯାହାକି ବର୍ଷେ ତଳେ ୨,୫୭,୯୪୦ ଥିଲା। ଏଭଳି ଭାବେ ଏ ସଂଖ୍ୟାରେ ୧%ରୁ ସାମାନ୍ୟ ଅଧିକ ହ୍ରାସ ଦେଖିବାକୁ ମିଳିଛି। ସବୁଠୁ ଅଧିକ ୨.୨% ହ୍ରାସ ଗ୍ରାମାଞ୍ଚଳରେ ଦେଖିବାକୁ ମିଳିଛି। ସେପ୍ଟେମ୍ବର ଶେଷରେ ଗ୍ରାମାଞ୍ଚଳରେ ଏଟିଏମ୍ ସଂଖ୍ୟା ହ୍ରାସ ପାଇ ୫୪,୧୮୬କୁ ଖସିଆସିଛି। ସଂସଦରେ ଜାରି ଆର୍‌ବିଆଇ ତଥ୍ୟରୁ ଜଣାପଡ଼ିଛି ଯେ, ଏହି ଅବଧିରେ ମହାନଗରରେ ଏଟିଏମ୍ ସଂଖ୍ୟାରେ ୧.୬% ହ୍ରାସ ଘଟି ୬୭,୨୨୪କୁ ଖସିଆସିଛି। ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଲୋକସଭାରେ କହିଲେ ଯେ, ସରକାରୀ ବ୍ୟାଙ୍କଗୁଡ଼ିକ ଦ୍ୱାରା ଦିଆଯାଇଥିବା ସୂଚନା ଅନୁସାରେ, ବ୍ୟାଙ୍କଗୁଡ଼ିକ ଏଟିଏମ୍ ବନ୍ଦ କରିବାର ବିଭିନ୍ନ କାରଣ ରହିଛି। ବ୍ୟାଙ୍କଗୁଡ଼ିକର ମିଶ୍ରଣ, ବ୍ୟବସାୟିକ ଦୃଷ୍ଟିକୋଣରୁ ଉପଯୋଗିତା ହ୍ରାସ, ଏଟିଏମ୍ ସ୍ଥାନାନ୍ତର ଆଦି ଏଥିମଧ୍ୟରେ ସାମିଲ ରହିଛି। ବ୍ୟାଙ୍କର୍‌ମାନଙ୍କ କହିବାନୁସାରେ, ପେମେଣ୍ଟ୍ ଟୁଲ୍ ଭାବେ ୟୁପିଆଇ ଏବଂ କାର୍ଡର ବହୁଳ ବ୍ୟବହାର ଦ୍ୱାରା ନଗଦ ବ୍ୟବହାର କମୁଛି। ଫଳରେ ଏଟିଏମ୍ ଅବ୍ୟବହାରିକ ହୋଇଗଲାଣି। ଉପଭୋକ୍ତା ପନିପରିବାଠାରୁ ଆରମ୍ଭ କରି କ୍ୟାବ୍ ସେବା ଏବଂ ଏପରିକି ମହଙ୍ଗା ଜିନିଷ କିଣିବା ପାଇଁ ବି ୟୁପିଆଇ ବ୍ୟବହାର କରୁଛନ୍ତି। ପଙ୍କଜ ଚୌଧୁରୀ କହିଛନ୍ତି ଯେ, ଗତ ୯ ବର୍ଷରେ ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଡିଜିଟାଲ ପେମେଣ୍ଟରେ ଉଲ୍ଲେଖନୀୟ ବୃଦ୍ଧି ଦେଖିବାକୁ ମିଳିଛି। ଜନଧନ ଯୋଜନା, ୟୁପିଆଇର ପ୍ରସାର ଏବଂ ମୋବାଇଲ ଇଣ୍ଟର୍‌ନେଟ୍‌କୁ ବ୍ୟାପକ ଭାବେ ଗ୍ରହଣ କରାଯିବା ଦ୍ୱାରା ଏହା ହୋଇଛି। ଗତ ୫ ବର୍ଷରେ ୟୁପିଆଇ ଟ୍ରାଞ୍ଜାକ୍ସନ୍‌ରେ ୨୫ ଗୁଣା ବୃଦ୍ଧି ଘଟିଛି। ଆର୍ଥିକବର୍ଷ ୨୦୧୮-୧୯ରେ ଏହା ୫୩୫ କୋଟି ଥିଲା, ଯାହା ଆର୍ଥିକବର୍ଷ ୨୦୨୩- ୨୪ରେ ୧୩,୧୧୩ କୋଟି ହୋଇଛି। ଆର୍ଥିକବର୍ଷ ୨୦୨୪-୨୫(ସେପ୍ଟେମ୍ବର ପର୍ଯ୍ୟନ୍ତ)ରେ ୧୨୨ ଲକ୍ଷ କୋଟି ଟଙ୍କା ମୂଲ୍ୟର ୮,୫୬୬ କୋଟିରୁ ଅଧିକ ୟୁପିଆଇ ଟ୍ରାଞ୍ଜାକ୍ସନ ହୋଇଛି।

# ମୋଦୀ ଏବଂ ମେକ୍ ଇନ୍ ଇଣ୍ଡିଆକୁ ପ୍ରଶଂସା କଲେ ପୁଟିନ

ମସ୍କୋ, ୫।୧୨: ଭାରତ ପୁଣି ଥରେ ବିଶ୍ୱସ୍ତରରେ ଚର୍ଚ୍ଚାର କେନ୍ଦ୍ର ପାଲଟିଛି। ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ଅର୍ଥନୈତିକ ପଦକ୍ଷେପକୁ ବିଶେଷ କରି ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ଭାରତରେ କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗ (ଏସଏମଇ) ପାଇଁ ସ୍ଥାୟୀ ସ୍ଥିତି ସୃଷ୍ଟି ପାଇଁ ଉଦ୍ୟମ ନେଇ ସେ ଭାରତ ସରକାର ଏବଂ ଦେଶର ନେତୃତ୍ୱଙ୍କୁ ପ୍ରଶଂସା କରିଛନ୍ତି। ବୁଧବାର (୪ ଡିସେମ୍ବର ୨୦୨୪) ମସ୍କୋରେ ଭିଟିବି ନିବେଶ ଫୋରମ୍‌କୁ ସମ୍ବୋଧିତ କରି ଭ୍ଲାଡିମିର୍ ପୁଟିନ୍ ରୁଷିଆର ଆମଦାନୀ ପ୍ରତିସ୍ଥାପନ କାର୍ଯ୍ୟକ୍ରମ ଏବଂ ଭାରତର "ମେକ୍ ଇନ୍ ଇଣ୍ଡିଆ" ପଦକ୍ଷେପ ମଧ୍ୟରେ ସମାନତା ଆଣିଛନ୍ତି।

ପୁଟିନ ଏହା ମଧ୍ୟ କହିଛନ୍ତି ଯେ, ଭାରତର ନେତୃତ୍ୱ ଏହାର ସ୍ୱାର୍ଥକୁ ପ୍ରାଧାନ୍ୟ ଦେବା ନୀତି ଉପରେ ଧ୍ୟାନ ଦେଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କର ମଧ୍ୟ ମେକ୍ ଇନ୍ ଇଣ୍ଡିଆ ନାମକ ଏକ କାର୍ଯ୍ୟକ୍ରମ ରହିଛି। ଆମେ ମଧ୍ୟ ଭାରତରେ ଆମର ଉତ୍ପାଦନ ଅପରେସନ ସୃଷ୍ଟି କରିବାକୁ ପ୍ରସ୍ତୁତ। ଭାରତର ପ୍ରଧାନମନ୍ତ୍ରୀ ସ୍ଥିର ପରିସ୍ଥିତି ସୃଷ୍ଟି କରୁଛନ୍ତି। ଭାରତୀୟ ନେତୃତ୍ୱ ଭାରତକୁ ପ୍ରାଥମିକତା ଦେବା ନୀତି ଉପରେ କାର୍ଯ୍ୟ କରୁଛନ୍ତି। ତେଣୁ ଆମେ ବିଶ୍ୱାସ କରୁଛୁ ଯେ, ଭାରତରେ ବିନିଯୋଗ ଲାଭଦାୟକ ହେବ।

କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବିକାଶ ପାଇଁ ବ୍ରିକ୍ସ ପରିବର୍ତ୍ତନ ପରିପ୍ରେକ୍ଷୀରେ ରୁଷିଆର ଆମଦାନୀ ପ୍ରତିସ୍ଥାପନ କାର୍ଯ୍ୟକ୍ରମର ପ୍ରାସଙ୍ଗିକତା ଏବଂ ବ୍ରିକ୍ସ ପ୍ଲସ୍ ଦେଶରେ ଏସଏମଇ ଗୁଡ଼ିକର ପରିଚାଳନା ପାଇଁ ତ୍ୱରିତ ବିବାଦର ସମାଧାନ ପ୍ଲାଟଫର୍ମର ଆବଶ୍ୟକତା ଉପରେ ପୁଟିନ ଗୁରୁତ୍ୱାରୋପ କରିଛନ୍ତି। ବଜାରରେ ଥିବା ପାଶ୍ଚାତ୍ୟ ବ୍ରାଣ୍ଡଗୁଡିକୁ ବଦଳାଉଥିବା ନୂତନ ରୁଷିଆ ବ୍ରାଣ୍ଡର ଉତ୍ପତ୍ତି ବିଷୟରେ ସେ ଉଲ୍ଲେଖ କରିଛନ୍ତି ଏବଂ ଉପଭୋକ୍ତା ସାମଗ୍ରୀ, ଆଇଟି, ଉଚ୍ଚ-ବୈଷୟିକ ତଥା କୃଷି ଭଳି କ୍ଷେତ୍ରରେ ସ୍ଥାନୀୟ ରୁଷିଆ ଉତ୍ପାଦକଙ୍କ ସଫଳତାକୁ ସୂଚିତ କରିଛନ୍ତି।

# ଓଡ଼ିଶାରେ ମନରେଗା: କାମ କଲେ, ପଇସା ମିଳିଲାନି

**ନୂଆଦିଲ୍ଲୀ, ୫।୧୨:** ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ରେ କାମ କରୁଥିବା ସବୁ ଶ୍ରମିକଙ୍କୁ ଠିକ୍ ସମୟରେ ମଜୁରି ମିଳୁନାହିଁ। ଶ୍ରମିକ କାମ କରୁଛନ୍ତି, କିନ୍ତୁ ପାଉନାହାନ୍ତି ମଜୁରି। ଏମିତି ରାଜ୍ୟରେ ଚାଲିଛି ମନରେଗା। ଓଡ଼ିଶା ସମେତ ୧୩ଟି ରାଜ୍ୟରେ ଶ୍ରମିକମାନେ ୬୬୧.୫୦ କୋଟି ଟଙ୍କା ପାଇନାହାନ୍ତି। ମନରେଗା ମଜୁରି ବକେୟା ରାଶି ଓଡ଼ିଶାରେ ସର୍ବାଧିକ ରହିଛି। ରାଜ୍ୟର ଶ୍ରମିକମାନେ ୧୩୯ କୋଟି ଟଙ୍କା ମଜୁରି ପାଇବା ବାକି ଅଛି ବୋଲି କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି।

ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ର ଭଳି ରାଜ୍ୟରେ ବକେୟା ମଜୁରି ଅଧିକ ରହିଛି। ଆନ୍ଧ୍ରରେ ୧୩୭ କୋଟି ଟଙ୍କା, ମହାରାଷ୍ଟ୍ରରେ ୧୦୩ କୋଟି ଟଙ୍କା, ଆସାମରେ ୬୫ କୋଟି ଟଙ୍କା ଓ ମିଜୋରାମରେ ୪୪.୨୨ କୋଟି ଟଙ୍କାର ମଜୁରି ଦେବା ବାକି ରହିଛି। ଏହି ସବୁ ମାମଲାରେ ଫଣ୍ଡ ଟ୍ରାନ୍ସଫର ଅର୍ଡର (ଏଫ୍‌ଟିଓ) ପ୍ରସ୍ତୁତ ହୋଇଯାଇଛି। ଗୁଜରାଟ, ଉତ୍ତରାଖଣ୍ଡ, ମଣିପୁର, ଜମ୍ମୁ ଓ କାଶ୍ମୀର, କେରଳ, ନାଗାଲ୍ୟାଣ୍ଡ, ପୁଡୁଚେରି ଓ ଗୋଆରେ ମଧ୍ୟ ଶ୍ରମିକଙ୍କ ମଜୁରି ବକେୟା ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ନଭେମ୍ବର ୨୭ ସୁଦ୍ଧା



୯୮.୯୧ ପ୍ରତିଶତ ଏଫ୍‌ଟିଓ ସୃଷ୍ଟି ହୋଇଛି। ବର୍ଷକ ତଳେ ଏହି ହାର ୯୭.୯୮ ପ୍ରତିଶତ ଥିଲା।

ମନରେଗା ହେଉଛି ଏକ ଚାହିଦା ଆଧାରିତ ଯୋଜନା। ସେଥିରେ ରାଜ୍ୟଗୁଡ଼ିକ କେନ୍ଦ୍ର ନିକଟରେ ପାଣ୍ଠି ପ୍ରସ୍ତାବ ଉପସ୍ଥାପନ କରିଥାନ୍ତି। ମନ୍ତ୍ରଣାଳୟ ପକ୍ଷରୁ କାମ ପାଇଁ ଚାହିଦା, ପାଣ୍ଠିର ଉପଯୋଗିତା ଓ ସାମଗ୍ରିକ ପ୍ରଦର୍ଶନ ଭଳି ମାନଦଣ୍ଡ ବିଚାରକୁ ନେଇ ବିଭିନ୍ନ କିସ୍ତିରେ ପାଣ୍ଠି ଜାରି କରାଯାଏ। ମଷ୍ଟର ରୋଲ୍ ବନ୍ଦ ହେବାର ୧୫ ଦିନରେ ଏଫ୍‌ଟିଓ ସୃଷ୍ଟି କରାଯାଏ। ମଜୁରି ଦେବାରେ ହେଉଥିବା ବିଳମ୍ବ କମ୍ କରିବା ଲାଗି ସରକାର ଉଦ୍ୟମ କରୁଛନ୍ତି। ହିତାଧିକାରୀମାନଙ୍କ ଖାତାରେ ଠିକ୍ ସମୟରେ ମଜୁରି ଜମା କରିବା ଲାଗି ଏସ୍‌ଓପି ଜାରି କରାଯାଇଛି ଓ ତାହାର କାର୍ଯ୍ୟକାରିତାକୁ ନିୟମିତ ବ୍ୟବଧାନରେ ସମୀକ୍ଷା କରାଯାଉଛି। ପବ୍ଲିକ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ଭଳି ପ୍ଲାଟଫର୍ମକୁ ବ୍ୟବହାର କରି ପେମେଣ୍ଟକୁ ବାସ୍ତବ ସମୟରେ ନିରୀକ୍ଷଣ କରାଯାଉଛି। ବକେୟା କ୍ଷତିପୂରଣ ଦାବିଗୁଡ଼ିକର ଯାଞ୍ଚ କରିବା ଲାଗି ରାଜ୍ୟ ସରକାରମାନଙ୍କ ସହ ଆଲୋଚନା କରାଯାଉଛି। ଶୀଘ୍ର ମଜୁରି ଦେବା ଲାଗି ୨୦୨୪ ଜାନୁଆରିରୁ ଆଧାର ଆଧାରିତ ପେମେଣ୍ଟ ବ୍ୟବସ୍ଥା ମଧ୍ୟ ଲାଗୁ କରାଯାଇଛି।

## ପ୍ରକାଶ ପାଇଲା ବିଶ୍ୱ ବିମାନ ସେବା ରିପୋର୍ଟ

# ବ୍ରୁସେଲ୍ସ ଏୟାରଲାଇନ ସବୁଠୁ ଭଲ ବିମାନ କମ୍ପାନୀ

**ନୂଆଦିଲ୍ଲୀ, ୫।୧୨:** ପୁଣି ପ୍ରକାଶ ପାଇଛି ବିଶ୍ୱ ବିମାନ ସେବାର ରିପୋର୍ଟ। ଏୟାରହେଲ୍ପ ଆଇଏନସି ନାମକ ଏକ ସଂସ୍ଥା ସହାୟତାରେ ପୁଣିଥରେ ବିଶ୍ୱ ବିମାନ ସେବାର ପୁନଃ ମୁଲ୍ୟାୟନ କରାଯାଇଛି। ଏହି ରିପୋର୍ଟରେ 2024ର ସବୁଠୁ ଭଲ ଓ ସବୁଠୁ ଖରାପ ଏୟାର ଲାଇନ ଉପରେ ଚର୍ଚ୍ଚା କରାଯାଇଛି। ଏହି ମୁଲ୍ୟାୟନ ଠିକ ସମୟରେ ଉଡାଣ, ବ୍ୟାଘାତ ପାଇଁ ଗ୍ରାହକଙ୍କ ଦାବି, ଖାଦ୍ୟ, ଆରାମ ଓ ସେବା କ୍ଷେତ୍ରରେ ଯାତ୍ରୀ ମାନଙ୍କ ମତାମତ ଉପରେ ଆଧାର କରି ବନାଯାଇଛି। ତେବେ ଆଶ୍ଚର୍ଯ୍ୟର ବିଷୟ ହେଉଛି ଭାରତର କୌଣସି ଏକ ବିମାନ ସେବା ଯୋଗାଉଥିବା କମ୍ପାନୀ ଏହି ଲିଷ୍ଟରେ ଶୀର୍ଷରେ ନାହିଁ।

ଜାନୁଆରିରୁ ଅକ୍ଟୋବର ମାସ ମଧ୍ୟରେ ଯାତ୍ରୀମାନଙ୍କ ଅଭିଜ୍ଞତା, କାର୍ଯ୍ୟକ୍ଷମ ଦକ୍ଷତା ଓ ମତାମତକୁ ଆଧାର କରି ଏହି ରିପେର୍ଟ ବନାଯାଇଛି। ଏୟାରହେଲ୍ପର କାର୍ଯ୍ୟନିର୍ବାହି ଅଧିକାରି ତୋମାସ୍‌ଜ ପାୱ୍ଲିସଜାଏନଙ୍କ ବିମାନ ଚଳାଚଳ କ୍ଷେତ୍ରରେ ଯାତ୍ରୀମାନଙ୍କ ମତାମତା ନେବାକୁ ଏହା ବିମାନ ସେବା ଯୋଗାଉଥିବା କମ୍ପାନିଗୁଡିକୁ ଉତ୍ସାହିତ କରିବ ବୋଲି କହିଛନ୍ତି। ଭାରତର ସବୁଠୁ ବଡ ଏୟାର ଲାଇନ କମ୍ପାନି ଇଣ୍ଡିଗୋ ଏହି ମୁଲ୍ୟାଙ୍କନରେ ଖରାପ ପ୍ରଦର୍ଶନ କରିଛି। ସମଗ୍ର ବିଶ୍ୱରେ ଏହା ୧୦୩ ତମ ସ୍ଥାନ ଗ୍ରହଣ କରିଛି। ଯାତ୍ରୀ ଅସନ୍ତୁଷ୍ଟି ଓ ଉଡାଣରେ ବିଳମ୍ବ କାରଣରୁ ଇଣ୍ଡିଗୋ କମ୍ପାନି ଖରାପ ପ୍ରଦର୍ଶନ କରିଛି। ଇଣ୍ଡିଗୋ ଏହି ରିପୋର୍ଟକୁ ଖଣ୍ଡନ କରିବା ସହ କହିଛି ଯେ ସମୟାନୁବର୍ତ୍ତୀତା କ୍ଷେତ୍ରରେ ଆମ ଟିମ ଭଲ କାର୍ଯ୍ୟ କରୁଛି ଆମେ ଏହି ରିପୋର୍ଟକୁ ଗ୍ରହଣ କରିପାରିବୁ ନାହିଁ। ଏହି ସର୍ଭେରେ ପ୍ରକାଶିତ ତଥ୍ୟ ସମ୍ପୂର୍ଣ୍ଣ ଭାରତକୁ ବିଚାରକୁ ନିଆଯାଇ ନାହିଁ। ତା ସହ ବିମାନ ଶିଳ୍ପ ଦ୍ୱାରା ବ୍ୟବହୃତ ପଦ୍ଧତି କିମ୍ବା କ୍ଷତିପୂରଣ ନିର୍ଦ୍ଦେଶାବଳିକୁ ମଧ୍ୟ ବିଚାରକୁ ନିଆଯାଇ ନାହିଁ। ତେଣୁ ଏହାର ବିଶ୍ୱାସନୀୟତା ଉପରେ ସନ୍ଦେହ ଆସୁଛି ବୋଲି ଇଣ୍ଡିଗୋ କହିଛି। ଦୁନିଆର ସବୁଠୁ ଖରାପ ଏୟାର ଲାଇନ୍ସର ମାନ୍ୟତା ପାଇଛି ୧୦୯ ନମ୍ବରରେ ଆସୁଥିବା ଟ୍ୟୁନିସର ଏୟାଲାଇନ୍ସ। ଏହା ପଛକୁ ବଜ୍, ନୈଭେଲିଅର, ବୁଲଗେରିଆ ଏୟାର,




ଇଆଇ ଇସ୍ରାଏଲ ଏୟାରଲାଇନ୍ସ ରହିଛି। ଠିକ ସେହିଭଳି ଦୁନିଆର ସବୁଠୁ ଭଲ ଏୟାରଲାଇନ୍ସର ମୁକୁଟ ବ୍ରୁସେଲ୍ସ ଏୟାରଲାଇନ ନେଇଛି। ଏହା ପଛକୁ କତାର ଏୟାଲାଇନ, ୟୁନାଇଟେଡ ଏୟାରଲାଇନ, ଆମେରିକାନ ଏୟାର ଲାଇନ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ନେଇଛନ୍ତି।

# ଇପିଏଫ୍‌ଓ ୩.୦: ଏଟିଏମ୍ ରୁ ଉଠାଇପାରିବେ ପିଏଫ ଟଙ୍କା

**ନୂଆଦିଲ୍ଲୀ, ୫।୧୨:** କର୍ମଚାରୀ ଭବିଷ୍ୟ ନିଧି ସଙ୍ଗଠନ (ଇପିଏଫ୍‌ଓ) 'ଇପିଏଫ୍‌ଓ ୩.୦' ନାମକ ନୂତନ ସଂସ୍କରଣକୁ ନବୀକରଣ କରିବାକୁ ଯୋଜନା କରୁଛି। ବେସରକାରୀ କ୍ଷେତ୍ରର କର୍ମଚାରୀମାନଙ୍କୁ ଅବସରକାଳୀନ ଆର୍ଥିକ ସୁରକ୍ଷା ପ୍ରଦାନ କରୁଥିବା ଏହି ବ୍ୟବସ୍ଥା ବହୁତ ଜଲଦି ଏକ ବଡ଼ ପରିବର୍ତ୍ତନ ସହିତ ଆସିପାରେ। ଏହା କର୍ମଚାରୀମାନଙ୍କ ମୁଖ୍ୟ ସମସ୍ୟାକୁ ଦୂର କରିବ। ଏହି ବ୍ୟବସ୍ଥା ମାଧ୍ୟମରେ ହିତାଧିକାରୀମାନେ ଟଙ୍କାର ଆବଶ୍ୟକ ସମୟରେ ଏଟିଏମ୍ ଉପଯୋଗ କରିପାରିବେ। ଡେବିଟ୍ କାର୍ଡ ବ୍ୟବହାର କରି ସେମାନେ ପିଏଫ୍ ଟଙ୍କା ଉଠାଇ ପାରିବେ।

ଏଟିଏମରୁ ଟଙ୍କା ଉଠାଣର ଲିମିଟ୍ ମଧ୍ୟ ସ୍ଥିର କରାଯିବ। ଏହା ଦ୍ୱାରା ଅବସର ପରେ ମଧ୍ୟ ଆର୍ଥିକ ସୁରକ୍ଷା ବଜାୟ ରହିବ ଏବଂ ଜରୁରୀ ପରିସ୍ଥିତିରେ ଲିକ୍ୱିଡିଟି ରହିପାରିବ। କୁହାଯାଉଛି ଯେ ଏହି ପଦକ୍ଷେପ ସରକାରଙ୍କ ଉଚ୍ଚାଭିଳାଷୀ ଇପିଏଫ୍‌ଓ ୩.୦ ଯୋଜନାର ଏକ ଅଂଶ, ଯାହାର




ଉଦ୍ଦେଶ୍ୟ ସେବାକୁ ଆଧୁନିକୀକରଣ କରିବା ଏବଂ ଗ୍ରାହକମାନଙ୍କୁ ସେମାନଙ୍କ ସଞ୍ଚୟ ଉପରେ ଅଧିକ ନିୟନ୍ତ୍ରଣ ଦେବା। ଏଟିଏମ୍ ଉଠାଣ ସହିତ ଶ୍ରମ ମନ୍ତ୍ରଣାଳୟ କର୍ମଚାରୀଙ୍କ ଯୋଗଦାନ ଉପରେ ୧୨% ଅଂଶଦାନ ସୀମା ହଟାଇବାକୁ ମଧ୍ୟ ବିଚାର କରୁଛି, ଯାହା ଦ୍ୱାରା କର୍ମଚାରୀମାନେ ନିଜର ଆର୍ଥିକ ଲକ୍ଷ୍ୟ ଅନୁଯାୟୀ ଅଧିକ ସଞ୍ଚୟ କରିବାକୁ ସକ୍ଷମ ହେବେ।

ରିପୋର୍ଟ ମୁତାବକ, ହିତାଧିକାରୀମାନଙ୍କୁ ଯେକୌଣସି ସମୟରେ ସୀମାଠାରୁ ଅଧିକ ଜମା କରିବାକୁ ସୁବିଧା ମିଳିପାରେ। ତେବେ ସ୍ଥିରତା ପାଇଁ ନିଯୁକ୍ତିଦାତାଙ୍କ ଅବଦାନ ବେତନଭିତ୍ତିକ ରହିବ। କର୍ମଚାରୀମାନେ ସେମାନଙ୍କ ଆକାଉଣ୍ଟରେ ଟଙ୍କା ଜମା କରିବାର ସ୍ୱାଧୀନତା ପାଇପାରିବେ। ଫଳରେ କୌଣସି ପ୍ରତିବନ୍ଧକ ବିନା ସେମାନଙ୍କ ସଞ୍ଚୟ ବୃଦ୍ଧି ପାଇବ। ସୂଚନାଯୋଗ୍ୟ, ଏବେ ଇପିଏଫ୍‌ଓ ବେସରକାରୀ କ୍ଷେତ୍ରର କର୍ମଚାରୀଙ୍କ ପାଇଁ ଅବସର ପାଣ୍ଠି ଜମା କରୁଛି। ପିଏଫ୍ ଆକାଉଣ୍ଟ୍ ଅଧୀନରେ ଉଭୟ କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କ ତରଫରୁ ବେତନର ୧୨ ପ୍ରତିଶତ ଅବଦାନ ପ୍ରଦାନ କରାଯାଏ। ସରକାର ଏହା ଉପରେ ବାର୍ଷିକ ସୁଧ ଦିଅନ୍ତି।

# ଆରଏମସି ସମ୍ମୁଖରେ କପା ଚାଷୀଙ୍କ ରାସ୍ତାରୋକ

## ନିଜ ନାଁରେ ଜମି ପଟ୍ଟା ଥିଲେ କପା ବିକ୍ରି କରିବା ନିୟମକୁ ବିରୋଧ



**ପାଟଣାଗଡ଼,୫।୧୨(ସଂଚାର ବ୍ୟୁରୋ):** ପାଟଣାଗଡ଼ ବ୍ଲକ ଯୋଗୀମୁଣ୍ଡା ସ୍ଥିତ ଆରଏମସି ସମ୍ମୁଖରେ ଜମି ବିବାଦକୁ କେନ୍ଦ୍ର କରି କପା ଚାଷୀ ମାନେ ପାଟଣାଗଡ଼-ଖପ୍ରାଖୋଲ ମୁଖ୍ୟ ରାସ୍ତା କୁ ଅବରୋଧ କରିଥିଲେ । ଉପଜିଲ୍ଲାପାଳ, କୃଷି ଅଧିକାରୀଣୀ ଓ ପୁଲିସର ହସ୍ତକ୍ଷେପରେ ରାସ୍ତା ଅବରୋଧ ହଟିଥିଲା । ସୂଚନା ଅନୁସାରେ ବୁଧବାର କିଛି କପାଚାଷୀ ତାଙ୍କ ନିଜ ଜମିରୁ ଅମଳ ହୋଇଥିବା କପାକୁ ଆରଏମସି କୁ ବିକ୍ରି କରିବାର ଉଦେଶ୍ୟରେ ନେଇଥିଲେ । ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନିୟମ ମୁତାବକ ଯେଉଁ ଚାଷୀ ମାନଙ୍କ ନାମରେ ଜମିର ପଟ୍ଟା ରହିଛି ସେହି ଚାଷୀ ମାନେ ତାଙ୍କ ଉପସ୍ଥିତିର ଆରଏମସି ରେ କପା ବିକ୍ରି କରିପାରିବେ । ଏପରିକି ବାପାଙ୍କ ନାମରେ ଜମିପଟ୍ଟା ଥାଇ ପୁଅ ବାପାଙ୍କ ଅନୁପସ୍ଥିତିରେ ମଧ୍ୟ ଜମିରୁ ଅମଳ ହୋଇଥିବା କପାକୁ ବିକ୍ରି କରିପାରିବ ନାହିଁ । ଏହି ନିୟମ ମୁତାବକ ଚାଷୀ ମାନେ ଆରଏମସି ରେ ଆଜି କପା ବିକ୍ରି କରିପାରିନଥିଲେ। ଏହାକୁ କେନ୍ଦ୍ରକରି ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ପରେ ଚାଷୀ ମାନେ ପାଟଣାଗଡ଼-ଖପ୍ରାଖୋଲ ମୁଖ୍ୟ ରାସ୍ତା କୁ ଅବରୋଧ କରିଥିଲେ । ଖବରପାଇ ପାଟଣାଗଡ଼ ପୁଲିସ, ଉପଜିଲ୍ଲାପାଳ ସୁନୀଲ ନେହେରୁ, ସହକାରୀ କୃଷି ଅଧିକାରୀଣୀ ରାଜେଶ୍ୱରୀ ଭୋଇ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଚାଷୀ ମାନଙ୍କୁ ବୁଝାସୁଝା କରିଥିଲେ। ଚାଷୀ ମାନେ ନିଜ ଜିଦରେ ଅଟଳ ରହିବାରୁ ଦିର୍ଘ ସମୟର ବ୍ୟବଧାନ ପରେ ୨ ରୁ ୩ ଦିନ ମଧ୍ୟରେ ଜମି ବିବାଦର ସମାଧାନ କରାଯିବ ବୋଲି ଉପଜିଲ୍ଲାପାଳ ଓ କୃଷି ଅଧିକାରୀଣୀ ଚାଷୀ ମାନଙ୍କୁ ପ୍ରତିଶୃତି ଦେଇଥିଲେ। ଏହାପରେ ଚାଷୀ ମାନେ ଆନ୍ଦୋଳନ ରୁ ଓହରି ଯାଇଥିବା ସହ ନେଇଥିବା କପାକୁ ଘରକୁ ଫେରାଇ ଆଣିଥିଲେ। ଅପରପକ୍ଷରେ ଚାଷୀଙ୍କ ରାସ୍ତା ଅବରୋଧ ଯୋଗୁଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ରାସ୍ତାର ଉଭୟ ପଟରେ ଅନେକ ଗୁଡ଼ାଏ ଯାନବାହାନ ଅଟକି ରହିଥିଲା ।

## ଷ୍ଟେସନରୁ ୬୦ କେଜି ରୁପା ଜବତ; ଜଣେ ଅଟକ



**ରାଉରକେଲା,୫।୧୨(ସଂଚାର ବ୍ୟୁରୋ):** ରେଳ ଷ୍ଟେସନରୁ ଜବତ ହେଲା ୬୦ କେଜି ରୁପା ଅଳଙ୍କାର। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛି ଜିଆରପି। ଅଟକ ବ୍ୟକ୍ତି ଜଣଙ୍କ ହେଲେ ଚନ୍ଦନ କୁମାର। ଚନ୍ଦନ ବିପୁଳ ପରିମାଣରେ ରୁପା ଅଳଙ୍କାର ନେଇ ଯାଉଥିବା ଜିଆରପି କୌଣସି ସୂତ୍ରରୁ ଖବର ପାଇଥିଲା। ପରେ ରାଉରକେଲା ରେଳ ଷ୍ଟେସନରୁ ଚନ୍ଦନଙ୍କୁ ଅଟକାଇ ତାଙ୍କ ବ୍ୟାଗ ଯାଞ୍ଚ କରିଥିଲା। ବ୍ୟାଗରୁ ୫୧ କେଜି ଅଳଙ୍କାର ଓ ୧୦ ଖଣ୍ଡ ଇଟା ଜବତ କରାଯାଇଥିଲା। ପରେ ଜିଆରପି ରାଉରକେଲା ଜିଏସ୍‌ଟି ବିଭାଗକୁ ଜଣାଇଥିଲା। ଜିଏସ୍‌ଟିର କର୍ମଚାରୀ ଚନ୍ଦନଙ୍କୁ ଅଟକ ରଖି ଜବତ ରୁପା ବିଷୟରେ ପଚରାଉଚରା କରୁଛନ୍ତି। ଏତେ ପରିମାଣର ରୁପା କାହିଁକି ନେଉଥିଲେ, କାହାକୁ ଦେବା ପାଇଁ ନେଉଥିଲେ, ସେ ନେଇ ଅଧିକ ତଦନ୍ତ କରୁଛି ଜିଏସଟି ବିଭାଗ। ଅନ୍ୟପକ୍ଷରେ ରାଉରକେଲାରୁ ରାଞ୍ଚି ଏତେ ପରିମାଣର ରୁପା ଯାଉଥିଲା ବୋଲି ସୂଚନା ମଳିଛି।

## ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନା ପହଞ୍ଚାଇଲେ ଜିଲ୍ଲା ସମାଜସେବୀ ସଂଘ



**ବରଗଡ଼,୫।୧୨(ସଂଚାର ବ୍ୟୁରୋ):** ଭାରତ ଭୁଏ ନାମକ ଜଣେ ଦିବ୍ୟାଙ୍ଗ ଭାଇ ଗ୍ରାମ (ଚେରେଙ୍ଗାମୁଣ୍ଡା) ଲାଉମୁଣ୍ଡା, ଜିଲ୍ଲା ବରଗଡ଼ ସେ ତାଙ୍କର ୮୦%ଦିବ୍ୟାଙ୍ଗ ପ୍ରମାଣ ପତ୍ର କରିବା ପାଇଁ ବରଗଡ଼ [illegible] ଙ୍କ ପାଖକୁ ଆସୁଥିଲେ। ଲାଉମୁଣ୍ଡାରୁ ବସ୍ ରେ ଆସି ବରଗଡ଼ ଗାନ୍ଧୀ ଛକରେ ଓଲହି ରାସ୍ତା ପାର କରୁଥିବା ସମୟରେ ଗୋଟିଏ ଟ୍ରାକ୍ଟର ଚକ ତାଙ୍କ ଗୋଡ ଉପରେ ଚଢ଼ିଗଲା। ଜିଲ୍ଲା ସମାଜସେବୀ ସଂଘ ର ସଭାପତି ବଳିଷ୍ଠ ଦୁର୍ଗା ତାଙ୍କୁ ପ୍ରଥମେ ବରଗଡ଼ ପୁରୁଣା ଡାକ୍ତରଖାନାକୁ ନେଇ ପ୍ରାଥମିକ ଚିକିତ୍ସା କରିବା ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ବରଗଡ଼ ସାଇ ମଲ୍ଟି ଡାକ୍ତରଖାନାରେ ତାଙ୍କର ଡ଼ ଜରଜ କରିବା ପରେ ଜଣା ପଡ଼ିଲା ଯେ ତାଙ୍କର ଗୋଡ଼ର ୨ଟି ଯାଗ ହାଡ଼ ଭାଙ୍ଗି ଯାଇଛି।ସାଇ ମଲ୍ଟି ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କର ସମ୍ପୂର୍ଣ୍ଣ ଭାବେ ଚିକିତ୍ସା କରା ଗଲା। ଜିଲ୍ଲା ସମାଜସେବୀ ସଂଘ ତରଫରୁ ଅନୁରୋଧ କରୁଛୁଁ ଏହି ପ୍ରମାଣ ପତ୍ର ନିଜ ବ୍ଲକ କିମ୍ବା ପଞ୍ଚାୟତରେ ହେଲେ ଦିବ୍ୟାଙ୍ଗ ଭାଇ ଭଉଣୀ ମାନେ ଏହି ପରି ଦୁଃଖ ପରିସ୍ଥିତି କୁ ସାମ୍ନା କରିବାକୁ ପଡ଼ିବ ନାହିଁ। ଜିଲ୍ଲା ପ୍ରଶାସନ ଉକ୍ଷସରଲ ଗରୟସମବକ୍ଷ ଚଙ୍କଭକ୍ଷସମର ଏବଂ ବରଗଡ଼ ଶାସନ ଭାରରେ ଥିବା ସମସ୍ତ ବିଧାୟକ, ଭିଧାୟିକା ଏବଂ ସାଂସଦ ଆଜ୍ଞା ମାନଙ୍କୁ ଅନୁରୋଧ ଏହି କାର୍ଯ୍ୟ ଉପରେ ଧ୍ୟାନ ଦେବେ।

## କାୟାକଳ୍ପ ଟିମ୍ ପରିଦର୍ଶନ ପାଇଁ ଚକାଚକ, ତାହା ପରେ ଜରାଜୀର୍ଣ୍ଣ

### ମେଡିକାଲରେ ଭଙ୍ଗା ଫୁଲକୁଣ୍ଡ, ଦେଖିବାକୁ ମିଳୁନି ସ୍ୱଚ୍ଛ ଡଷ୍ଟବିନ







**କାକଟପୁର/ଅସ୍ତରଙ୍ଗ,୫।୧୨(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିବେଶ ସୌନ୍ଦର୍ଯ୍ୟ ବୃଦ୍ଧି କରି ସବୁଜମୟ ପରିବେଶ ସୃଷ୍ଟି କରିବା, କାୟାକଳ୍ପ ଟିମ୍ କୁ ସେହି ସୌନ୍ଦର୍ଯ୍ୟ ଦେଖାଇବା ପାଇଁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ପଦକ୍ଷେପ ହାତକୁ ନିଆଯାଇଥିଲା। କିନ୍ତୁ କାୟାକଳ୍ପ ଟିମ୍ ପରିଦର୍ଶନ ସାରି ଫେରିଯିବା ପରେ ସମସ୍ତ ସୌନ୍ଦର୍ଯ୍ୟ ଉଜୁଡିଗଲାଣି। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ରୋଗୀଙ୍କ ପାଇଁ ସୁସ୍ଥ, ସୁନ୍ଦର ପରିବେଶ ସୃଷ୍ଟି କରାଯାଇଥିବା ଦର୍ଶାଇବା ପାଇଁ ବିଭାଗରେ ଇନଡୋର ପ୍ଲାଷ୍ଟ ଲଗାଯାଇଥିଲା।କାନ୍ଥରେ ରଙ୍ଗବେରଙ୍ଗ ହ୍ୟାଙ୍ଗିଙ୍ଗ କୁଣ୍ଡରେ ମନିପ୍ଲାଷ୍ଟ ବିଭିନ୍ନ କ୍ରିପର ଜାତୀୟ ଫୁଲ ଗଛ ଲଗାଯାଇଥିଲା। ଏହା ଦ୍ୱାରା ସୁସ୍ଥ ପରିବେଶ ସୃଷ୍ଟି ହେବା ସହିତ ରୋଗୀଙ୍କୁ ମନରେ ଆନନ୍ଦିତ ଭରି ଦେଉଥିଲା। ଏହି ପ୍ରକ୍ରିୟା କାୟାକଳ୍ପ ଟିମ୍ ପରିଦର୍ଶନ ଆସିବା ପୂର୍ବରୁ ଆରମ୍ଭ ହୋଇଥିବା ବେଳେ ଟିମ୍ ପରିଦର୍ଶନ କରି ଯିବାର ୨ଦିନ ପରେ ଯଥା ପୂର୍ବମ ତଥା ପରମ। ଗଛ ପତ୍ର, ଫୁଲକୁ ଦେଖି ରୋଗୀଙ୍କ ମନ ଉଲ୍ଲାସ ହୋଇ ଯାଉଥିଲା। କାୟାକଳ୍ପ ଟିମ୍ ପରିଦର୍ଶନ ରେ ଆସିବା ପୂର୍ବରୁ ୨୦୨୩ଶେଷରୁ ଏହି ପଦକ୍ଷେପ ହାତକୁ ନିଆଯାଇଥିଲା। ୨୦୨୪ଫେବୃଆରୀ ୧୯ତାରିଖ କାୟାକଳ୍ପ ଟିମ୍ ପରିଦର୍ଶନ ପରେ ଯଥା ପୂର୍ବଂ ତଥା ପରମ ସ୍ଥିତି ଦେଖିବାକୁ ମିଳିଛି। ହଜାର ହଜାର ଟଙ୍କା ବ୍ୟୟରେ ଲଗାଯାଇଥିବା ହ୍ୟାଙ୍ଗିଙ୍ଗ ପ୍ଲାଷ୍ଟ ବର୍ତମାନ ଆଉ ଦେଖିବାକୁ ମିଳୁନି। ପାଣି ଠୋପାଏ ନ ପାଇ ଗଛ ସୁଖୀ ମରିଗଲାଣି। ବିଭିନ୍ନ ୱାର୍ଡ ଓ ରୁମ୍ ଲାଗିଥିବା କୁଣ୍ଡରେ ଗୋଟିଏ ବି ଗଛ ନାହିଁ। ଡାକ୍ତରଖାନାକୁ ଆସୁଥିବା ରୋଗୀ ସେମାନଙ୍କ ସମ୍ପର୍କୀୟ କୁଣ୍ଡ ଭିତରେ ପାନ ଛେପ, ଚକୋଲେଟ, ବିସ୍କୁଟ ଜରି ଛିଣ୍ଡା କାଗଜ ଭର୍ତି କରୁଛନ୍ତି। ଯାହାକୁ ଡାକ୍ତରଖାନା କର୍ତୃପକ୍ଷ ଦେଖୁଛନ୍ତି ମାତ୍ର କୌଣସି ପଦକ୍ଷେପ ନେଉନାହାନ୍ତି।

## ଯାଦବ ମହାସଭାର ସାଙ୍ଗଠନିକ ବୈଠକ




**ନର୍ଲା,୫।୧୨(ସଂଚାର ବ୍ୟୁରୋ):** ନର୍ଲା ଯାଦବ ଭବନ ଠାରେ ଗୁରୁବାର ଯାଦବ ମହାସଭାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ ଯାଦବ ସମିତି ସଭାପତି ଯୁଧିଷ୍ଠି ଗଉଡଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ୧୩ଗୋଟି ବ୍ଲକର ସଭାପତି ଓ କାର୍ଯ୍ୟକର୍ତ୍ତା ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ବ୍ଲକ ଉପସଭାପତି ଦୁର୍ଲ୍ଲଭ ମାହାର ସ୍ୱାଗତ ଅଭିଭାଷଣ ଓ ବୈଠକର ଆଭିମୁଖ୍ୟ ପ୍ରତିପାଦନ କରିଥିଲେ। ଆଗାମୀ ନବମ ଯାଦବ ମହାସଭା ନର୍ଲାରେ ହେବାକୁ ସ୍ଥିରିକୃତ ହୋଇଥିବାରୁ ଏହା କିପରି ବ୍ୟବସ୍ଥିତ ଢ଼ଙ୍ଗରେ ସଂପାଦିତ ହୋଇପାରିବ ସେନେଇ ଉପସ୍ଥିତ ବ୍ଲକ ସଭାପତି ଓ ଯାଦବ ନେତୃତ୍ୱମାନେ ଗୁରୁତ୍ୱାରୋପ କରିଥିଲେ। ନର୍ଲା ବ୍ଲକ ସମ୍ପାଦକ ଅଜିତ କରୁଆଁ କାର୍ଯ୍ୟକ୍ରମ ସଂଚାଳନ କରିଥିବାବେଳେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଧଙ୍ଗଡାମାଝୀ, ଜିଲ୍ଲା ଯୁବ ଯାଦବ ମହାସଭାର ଉପସଭାପତି ସୁନୀଲ କୁମାର ଧଙ୍ଗଡାମାଝୀ, ବରିଷ୍ଠ ଯାଦବ ନେତୃତ୍ୱ ପଦ୍ମଲୋଚନ ଜାଲ, ତ୍ରିଲୋଚନ ନାଏକ, କ୍ଷେତ୍ର ମାହାର ପ୍ରମୁଖଙ୍କ ସହ ଜିଲ୍ଲାର ସମସ୍ତ ବ୍ଲକ ସଭାପତି ବୈଠକରେ ଉପସ୍ଥିତ ଥିଲେ। ନର୍ଲା ବ୍ଲକ ଉପସଭାପତି ଗିରିଧାରୀ ଗଉଡ, କୋଷାଧ୍ୟକ୍ଷ ମାର୍କଣ୍ଡ ଜାଲଙ୍କ ସମେତ ମୋହନ ବାଗ, ଦେବରାଜ ବଗର୍ତ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବ୍ଲକ ଉପସଭାପତି ଲିଙ୍ଗରାଜ କରୁଆଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁତ୍ ବିଭାଗ ପକ୍ଷରୁ ପୁରସ୍କାର ପ୍ରଦାନ



**ଭେଡେନ,୫।୧୨(ସଂଚାର ବ୍ୟୁରୋ):** ଭେଡେନ ସ୍ଥିତ ବିଦ୍ୟୁତ ବିଭାଗ sdo ଅଫିସ ପରିସରରେ ନିୟମିତ ଭାବେ ଠିକ ସମୟ ରେ ବିଦ୍ୟୁତ ବିଲ୍ ପଇଠ କରୁଥିବା ଉପଭୋକ୍ତା ମାନଙ୍କୁ ଲଟେରୀ ମାଧ୍ୟମ ରେ ଉଠାଣ କରି ତିନି ଜଣ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ପୁରସ୍କୃତ ହୋଇଥିବା ଉପଭୋକ୍ତା ମାନେ ହେଲେ ନେପାଳ ବେହେରା (ଖୁଣ୍ଟୁଲିପାଲି), ଇମରାନ ଖାନ (କୁତପାଲି) ଏବଂ ଚିତ୍ରସେନ ବାଗ (ଗଣ୍ଡିଆ ପାଲି) । ଏହି ଅବସର ରେ ଭେଡେନ ବିଦ୍ୟୁତ ଏସ୍‌ଡିଓ ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ, ସେକେଶନାଲ ଅଫିସର ଦେବାଶିଷ ଭୂୟାଁ, ପବିତ୍ର ପାଢ଼ୀ, ମହାପ୍ରସାଦ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ପ୍ରକାଶିତ ଖବରକୁ ନେଇ ସାମାଜିକ କର୍ମୀଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍





**ଖପ୍ରାଖୋଲ,୫।୧୨(ସଂଚାର ବ୍ୟୁରୋ):** ଖପ୍ରାଖୋଲ ବ୍ଲକ ତଥା ଖପ୍ରାଖୋଲ ପଞ୍ଚାୟତ ମହୁରୁଣ୍ଡି ଗ୍ରାମରେ ଦ୍ୱିତୀୟ ଅଙ୍ଗନବାଡି କେନ୍ଦ୍ର ପାଇଁ ଟ୍ୱିଟ ମାଧ୍ୟମରେ କଲେ ନିବେଦନ । ପ୍ରକାଶ ଯେ, ବଲାଙ୍ଗୀର ଜିଲ୍ଲାର ଖପ୍ରାଖୋଲ ବ୍ଲକରତଥା ଖପ୍ରାଖୋଲ ପଞ୍ଚାୟତ ମହୁରୁଣ୍ଡି ଗାଁରେ ଏକ ଅଙ୍ଗନବାଡି କେନ୍ଦ୍ର ଅଛି । ଏହି କେନ୍ଦ୍ରରେ ଦିନକୁ ଅନେକ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ସେବା ମିଳୁଛି । ଏହା ମାଧ୍ୟମରେ ଶିଶୁମାନଙ୍କୁ ଖାଦ୍ୟ, ଶିକ୍ଷା ଓ ଆବଶ୍ୟକ ସାମଗ୍ରୀ ଦିଆଯାଉଛି । କିନ୍ତୁ, ଗାଁରେ ଲୋକ ସଂଖ୍ୟା ବୃଦ୍ଧି ପାଇଁ ଏକ କେନ୍ଦ୍ରରେ ସମସ୍ତଙ୍କୁ ସେବା ଦେବା କଠିନ ହେଉଛି । ଗ୍ରାମବାସୀ ମାନେ ଦ୍ୱିତୀୟ ଅଙ୍ଗନବାଡି କେନ୍ଦ୍ର ଖୋଲିବାକୁ ଦାବି କରୁଛନ୍ତି । ଗ୍ରାମବାସୀ କହିବା ଅନୁଯାୟୀ, ଦ୍ୱିତୀୟ କେନ୍ଦ୍ର ଖୋଲିଲେ ଅଧିକ ଶିଶୁ ଓ ମହିଳା ଆବଶ୍ୟକ ସେବା ମିଳିପାରିବ । ସ୍ଥାନୀୟ ଲୋକମାନଙ୍କ ଆଶା ଯେ ତାଙ୍କ ଦାବି ଅତି ଶୀଘ୍ର ପୂରଣ ହେଉ । ଏହା ହେଲେ ଗାଁର ଶିଶୁ ଓ ମହିଳା ମାନଙ୍କ ସୁସ୍ଥ ବିକାଶ ଓ ମୁଖ୍ୟ ସମସ୍ୟାର ସମାଧାନ ହେବ । ଏହି ବିଷୟରେ ଖବରକାଗଜରେ ପଢ଼ି ଜାଣିବା ପରେ ସାମାଜିକ କର୍ମୀ ରୁପେନ୍ଦ୍ର ମୁଣ୍ଡା ସିଧାସଳଖ ଉଚ୍ଚ ପଦସ୍ଥ ଅଧିକାରୀ, ମନ୍ତ୍ରୀ, ସଚିବ, ଜିଲ୍ଲାପାଳ ଙ୍କୁ ଟୁଇଟର ମାଧ୍ୟମରେ ନିବେଦନ କରିଥିଲେ ।

## ଗାଈମାରି ବାସନ୍ଦ ହେଲେ, ମାମଲା ଥାନାରେ




**ବଲାଙ୍ଗୀର,୫।୧୨(ସଂଚାର ବ୍ୟୁରୋ):** ଗାଁ ମଝିରେ ବସିଲା କଙ୍ଗାରୁ କୋର୍ଟ। ଅନ୍ ଦ ସ୍ପଟ୍ ଫଇସଲା, ଆଉ ସର୍ବସମ୍ମୁଖରେ ମିଳିଲା ଦୋଷୀଙ୍କୁ ଦଣ୍ଡ।। ଗୋ ହତ୍ୟା ଅଭିଯୋଗରେ ଦୁଇ ଜଣ ବ୍ୟକ୍ତି ବେକରେ ପଘା ପକାଇ ଆମ୍ବେଦକରଙ୍କ ଫଟୋ ଚାରିପଟେ ବୁଲିଲେ। ପରେ ଏହି ୨ ବ୍ୟକ୍ତି ଗଣ୍ଡା ସମାଜର ସଭାପତିଙ୍କ ସମେତ ଗ୍ରାମବାସୀଙ୍କୁ କଲେ ସାଷ୍ଟାଙ୍ଗ ପ୍ରଣିପାତ। ଏହା ପରେ ଗଣ୍ଡା ସମାଜର ସଭାପତି ପାଣି ଛିଞ୍ଚି ସଂପୃକ୍ତ ୨ ବ୍ୟକ୍ତିଙ୍କୁ ଶୁଦ୍ଧି କଲେ। ଯାହାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଉଛି। ଏପରି ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲାର ବାଦିବାହାଲ ଗାଁରେ। ଗାଁର ୨ ଜଣ ବ୍ୟକ୍ତି ଏକ ଗାଈକୁ ହତ୍ୟା କରିଥିଲେ। ଗ୍ରାମବାସୀ ଏହା ଜାଣିପାରି ସେମାନଙ୍କୁ ଗଣ୍ଡା ସମାଜରୁ ବାଛନ୍ଦ କରିଥିଲେ। ପରେ ଏହି ଘଟଣାକୁ ନେଇ ୨୭ ତାରିଖରେ ଗାଁରେ ବସିଥିଲା କଙ୍ଗାରୁ କୋର୍ଟ। ଲକ୍ଷେ ଘର ଗଣ୍ଡା ସମାଜର ସଭାପତି ତଥା ଗତ ଥରର ବିଧାନସଭା ନିର୍ବାଚନ ବେଳେ ଲୋଇସିଂହା ବିଧାନସଭାର କଂଗ୍ରେସ ବିଧାୟକ ପ୍ରାର୍ଥୀ ଓମ ପ୍ରକାଶ କୁମ୍ଭାରଙ୍କ ନେତୃତ୍ୱରେ ବସିଥିଲା ଏହି କଙ୍ଗାରୁ କୋର୍ଟ। ଏହି କଙ୍ଗାରୁ କୋର୍ଟରେ ୨ ଜଣ ବ୍ୟକ୍ତିଙ୍କୁ ଦଣ୍ଡିତ କରାଯାଇଥିଲା। ସେମାନଙ୍କୁ ୧୧ ହଜାର ଟଙ୍କା ଲେଖାଏଁ ଫାଇନ କରାଯିବା ସହ ସମାଜରେ ମିଶିବା ପାଇଁ ବେକରେ ପଘା ପକାଇ ଆମ୍ବେଦକରଙ୍କ ଫଟୋ ଚାରିପଟେ ବୁଲିବା ପାଇଁ କୁହାଯାଇଥିଲା। ପରେ ଦୁଇ ଜଣ ସମସ୍ତଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରୁଥିବା ବେଳେ ଗଣ୍ଡା ସମାଜ ସଭାପତି ଓମ ପ୍ରକାଶ ସେମାନଙ୍କୁ ପାଣି ଛିଞ୍ଚି ଶୁଦ୍ଧି କରୁଥିବା ଦେଖିବାକୁ ମିଳିଥିଲା। ଯାହାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଉଛି। ଏ ସଂପର୍କରେ ବଲାଙ୍ଗିର ସଦର ପୁଲିସ ଖବର ପାଇବା ପରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଲକ୍ଷେ ଘର ଗଣ୍ଡା ସମାଜ ସଭାପତି ଓମ ପ୍ରକାଶ କୁମ୍ଭାର କହିଛନ୍ତି, ୨ ଜଣ ବ୍ୟକ୍ତି ଏକ ଗାଈକୁ ହତ୍ୟା କରିଥିଲେ। ଗ୍ରାମବାସୀ ଏହା ଦେଖିଥିଲେ। ସେମାନେ ସମାଜରେ ମିଶିବା ପାଇଁ ଗ୍ରାମବାସୀ ଏକ ବୈଠକ କରିଥିଲେ। ଏହି ବୈଠକକୁ ମୋତେ ମଧ୍ୟ ଡାକିଥିଲେ। ୨୭ ତାରିଖରେ ଏହି ବୈଠକ ହୋଇଥିଲା। ଆମ୍ବେଦକରଙ୍କ ଫଟୋରଖି ସମାଜ ନିକଟରେ ମୁଣ୍ଡିଆ ମାରିବା ସହ ସେମାନଙ୍କ ଉପରେ ଗଙ୍ଗାଜଳ ଛିଞ୍ଚନ କରି ତାଙ୍କୁ ପବିତ୍ର କରାଯିବ ବୋଲି ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ତାହା ହିଁ କରାଯାଇଥିଲା।

## ଛୁରି ଦେଖାଇ ଫୋନ ଓ ଫୋନ ପେରୁ ଲୁଟି ନେଲେ ୧୫ ହଜାର ଟଙ୍କା



**ସୁବର୍ଣ୍ଣପୁର,୫।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ମହାନଦୀ ବ୍ରିଜ ପାଖରେ ଗତକାଲି ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୮ ଟା ବେଳେ ଲୁଟ୍ ର ଶିକାର ହୋଇଛନ୍ତି ଜଣେ ଯୁବକ। ସୁଶାନ୍ତ ସାହୁ ନାମକ ଯୁବକ ସୋନପୁର ପଟରୁ ବୀରମହାରାଜପୁର ପଟକୁ ଯାଉଥିବା ବେଳେ ବ୍ରିଜ ଛକରେ ୪ ଜଣ ଯୁବକ ଏକ ଛୁରୀ ଏବଂ ଲୁହା ରଡ ଦେଖାଇ ଭୟଭୀତ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇ ଜୋର ଜବରଦସ୍ତି ଫୋନ ପେ ମାଧ୍ୟମରେ ପଇସା ଟ୍ରାନସଫର୍ କରି ନେଇଥିବା ଜଣାପଡିଛି। ପରେ ତାଙ୍କ ଫୋନ ମଧ୍ୟ ଛଡାଇ ନେଇ ସେଠାରୁ ଯୁବକ ମାନେ ଚାଲିଯାଇଥିଲେ। ପରେ ସେ ଶ୍ରୀ ସାହୁ ନିକଟସ୍ଥ ହିକୁଡ଼ି ଫାଣ୍ଡି ରେ ଅଭିଯୋଗ କଲା ପରେ ସୋନପୁର ସଦର ଥାନାରେ ଖବର ପହଞ୍ଚିବା ପରେ ତତ୍ପର ହୋଇଥିଲା ସୋନପୁର ପୋଲିସ। ତୁରନ୍ତ ମୋବାଇଲ ଟିମ୍ ଚଢ଼ାଉ କରି ସ୍ଥାନୀୟ ବ୍ଲକ ଛକ ପାଖରୁ ତିନି ଜଣଙ୍କୁ ପୋଲିସ ଉଠାଇ ଆଣିଥିଲା ବେଳେ ଆଉ ଜଣେ ଯୁବକ ଫେରାର ହୋଇଯାଇଥିଲା । ଦୁଇ ଜଣ ଯୁବକ ହେଲେ ସ୍ଥାନୀୟ ଝୁପୁଡିପଡ଼ାର ସୁମନ୍ତ ସୁନା (୨୧), ଆଲୋକ ପୋଢ଼ (୧୯) ବର୍ଷ ହୋଇଥିବା ବେଳେ ଜଣେ ନାବାଳକ ଥିବା ସୂଚନା ମିଳିଛି । ଆଜି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସଆଇ ଦେବାଶିଷ ସାହୁ ଙ୍କ ଠାରୁ ସୂଚନା ମିଳିଛି।

## କାରଣ ଦର୍ଶାଅ ନୋଟିସରେ ସୀମିତ କାର୍ଯ୍ୟାନୁଷ୍ଠାନ, ଜିଲାପାଳଙ୍କ ହସ୍ତକ୍ଷେପ



**ଯୋଡା,୫।୧୨(ସଂଚାର ବ୍ୟୁରୋ):** ଯୋଡା ପଞ୍ଚାୟତ ସମିତିର ତୁଳସିରାମ ମହାନ୍ତ ନାମକ ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁର୍ନିତୀ, ଅନିୟମିତତା, ଅନୈତିକ କାରବାର ଭଳି ସଙ୍ଗିନ ଅଭିଯୋଗରେ ଉବୁଟୁବୁ ହେଉଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀଙ୍କ କାରଣ ଦର୍ଶାଅ ନୋଟିସରେ କାର୍ଯ୍ୟାନୁଷ୍ଠାନରେ ସିମିତି ରହିଛି । ତାଙ୍କ ନାମରେ ମାଳମାଳ ଅଭିଯୋଗ ରହିଥିଲେ ମଧ୍ୟ କେବଳ କାରଣ ଦର୍ଶାଇ ନୋଟିସ୍ କାର୍ଯ୍ୟାନୁଷ୍ଠାନ ସମିତି ରହିଛି । ଫଳରେ କେନ୍ଦୁଝର ଜିଲାପାଳ ଏହା ଉପରେ ହସ୍ତକ୍ଷେପ କରି ୭ଦିନ ମଧ୍ୟରେ କୈଫୟତ ତଲବ କରିଥିବା ବେଳେ ଉତ୍ତର ନଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚେତାବନୀ ଦେଇଥିବା ଜଣାପଡିଛି । ଜିଲାପାଳଙ୍କ ଚିଠି ସଂଖ୍ୟା ୮୯୬, ତା. ୦୨.୧୨.୨୦୨୪ରିଖରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ତୁଳସିରାମ ମହାନ୍ତଙ୍କୁ ଦିଆଯାଇଥିବା କାରଣ ଦର୍ଶାଅ ନୋଟିସରେ ଦର୍ଶାଯାଇଛି ଯେ, ବ୍ଲକ ଉନ୍ନୟନ ଅଧିକାରିଣୀ ଅରୁଣିମାସାହୁଙ୍କ ଚିଠି ସଂଖ୍ୟା ୩୫୪୯, ତା. ୨୮.୧୦.୨୦୨୪ରେ ଦର୍ଶାଇଛନ୍ତି ଯେ, ତୁଳସିରାମ ମହାନ୍ତଙ୍କ ଅନ୍ୟ ପଞ୍ଚାୟତକୁ ବଦଳି ହୋଇଥିବା ବେଳେ ସେ ଦାୟିତ୍ୱରେ ଥିବା ସେରେଣ୍ଡା ଓ ଭୂୟାଁରୋଇଡା ଗ୍ରାମପଞ୍ଚାୟତର ଦାୟିତ୍ୱ ନବନିଯୁକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଧାକାନ୍ତ ବେହେରାଙ୍କୁ ହସ୍ତାନ୍ତର କରିନାହାନ୍ତି । ଅପରପକ୍ଷେ ଶ୍ରୀ ମହାନ୍ତ ଭୂୟାଁରୋଇଡା ଗ୍ରାମପଞ୍ଚାୟତର ପେନସନ ହେଡରେ ହିତାଧିକାରୀଙ୍କ ଭତ୍ତା ଅର୍ଥରୁ ୭୮ହଜାର ୮୧୦ ଟଙ୍କା ଜମା କରିବା ଏବଂ ସେରେଣ୍ଡା ଗ୍ରାମପଞ୍ଚାୟତର ଗ୍ରାମପଞ୍ଚାୟତ ଫଣ୍ଡର ୩୪ ହଜାର ୬୨୦ ଟଙ୍କା, ଯାହା ତାଙ୍କର କାର୍ଯ୍ୟାକାଳ ମଧ୍ୟରେ ନଗଦ ରାଶି ଆକାରରେ ପଞ୍ଚାୟତରୁ ଦିଆଯାଇଥିଲା ତାହା ଫେରସ୍ତ କରିବାରେ ସେ ବିଫଳ ହୋଇଛନ୍ତି । ଅନ୍ୟପକ୍ଷରେ ନୋଟିସ୍ ନଂ. ୨୪୩୮୨, ତା. ୦୪.୧୧.୨୦୨୩ରେ ୫୨ ହଜାର ୭୨୯ ଟଙ୍କା ଆଶିଷ୍ଟାଣ୍ଟ ଏକ୍ସାମିନର କମ ଡିଷ୍ଟିକ ଅଡିଟ୍ ଅଫିସର, କେନ୍ଦୁଝରଙ୍କ ଅନୁଯାୟୀ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବରେ ସମ୍ପୃକ୍ତ ଅର୍ଥ ରାଶି ଭରଣ କରିନଥିବାରୁ ଯୋଡା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ୨୦.୦୧.୨୦୨୪ରେ ଦେଇଥିବା ନୋଟିସରୁ ଜଣାପଡିଛି, ତାହାର କୌଣସି କାରଣ ଆଜିପର୍ଯ୍ୟନ୍ତ ସେ ଦର୍ଶାଇ ପାରିନାହାନ୍ତି ।

## ଶିମିଳିପାଳ କୋର ଏରିଆରେ ବନ୍ଧୁକ ଧରି ବୁଲୁଥିଲେ, ବାନ୍ଧିଲା ବନ ବିଭାଗ



**ଶିମିଳିପାଳ,୫।୧୨(ସଂଚାର ବ୍ୟୁରୋ):** କୋର ଏରିଆରେ ଶିକାର ପାଇଁ ବନ୍ଧୁକ ଧରି ବୁଲୁଥିଲେ। ୨ ଶିକାରୀଙ୍କୁ ଗିରଫ କଲା ବନ ବିଭାଗ। ସେମାନଙ୍କ ନିକଟରୁ ୫ଟି ଦେଶୀ ବନ୍ଧୁକ ଜବତ କରାଯାଇଛି। ଦୁଇ ଜଣଙ୍କ ଠାରୁ ପାଞ୍ଚଟି ଦେଶୀ ବନ୍ଧୁକ, ଗୋଟିଏ ଅଧା ତିଆରି ବନ୍ଧୁକ ଓ ବାରୁଦ ସହ ଶିକାର ପାଇଁ ବ୍ୟବହୃତ ସାମଗ୍ରୀ ଜବତ କରିଛି ବନ ବିଭାଗ। ଶିମିଳିପାଳର କୋର ଏରିଆରେ ୨ ଶିକାରୀ ବନ୍ଧୁକ ଧରି ବୁଲୁଥିଲେ। ଏହା ଟ୍ରାପ କ୍ୟାମେରାରେ ଶିକାରୀ ଦ୍ୱୟଙ୍କର ଫଟୋ ଉଠିଥିଲା। ଏହି ଫଟୋକୁ ଭିତ୍ତି କରି ଶିକାରୀଙ୍କୁ ଗିରଫ କରିଛି ବନ ବିଭାଗ। ଦୁଇ ଜଣଙ୍କ ଠାରୁ ପାଞ୍ଚଟି ଦେଶୀ ବନ୍ଧୁକ, ଗୋଟିଏ ଅଧା ତିଆରି ବନ୍ଧୁକ, ବାରୁଦ ସହ ଶିକାର ପାଇଁ ବ୍ୟବହୃତ ସାମଗ୍ରୀ ଜବତ କରିଛି। ଏମାନଙ୍କ ନାଁରେ ବନ୍ୟଜନ୍ତୁ ବନ୍ଧୁକ ରଖିଥିବାରୁ ଆର୍ମସ ଆକ୍ଟ ଅନୁଯାୟୀ ମାମଲା ହେବ ବୋଲି ଦକ୍ଷିଣ ଶିମିଳିପାଳର ଉପ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।

## ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ

**ସୁବର୍ଣ୍ଣପୁର,୫।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଠାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଜିଲ୍ଲାସ୍ତରୀୟ ବିଶ୍ୱ୍ୱ ମୃତ୍ତିକା ଦିବସ ପାଳନ ଅନୁଷ୍ଠିତ ହୋଇଯାଇଛି। କୃଷି ଜିଲ୍ଲା ଅଧିକାରୀ ବୀରମହାରାଜପୁର ଶ୍ରୀ ଧୀରେନ୍ଦ୍ର ସିଂ ବରିହା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଶ୍ରୀ ହୃଷିକେଶ ଦାସ, ମାର୍କେଟିଂ ଅଧିକାରୀ ଗଣେଶ୍ୱର ମହାପାତ୍ର, ପାରାଦ୍ୱୀପ ପସଫେଟ ଲିମିଟେଡ଼ ଏରିଆ ମ୍ୟାନେଜର ସୁନୀଲ ସାହୁ,କୃଷି ଜିଲ୍ଲା ଅଧିକାରୀ ସୋନପୁର ଘନଶ୍ୟାମ ଦେହୁରୀ, କୃଷି ଜିଲ୍ଲା ଅଧିକାରୀ ଡୁଙ୍ଗୁରିପାଲି ବିପିନ ଉଦଗାତା, ଓ ବକ୍ତା ଭାବେ ଜିଲ୍ଲା କୃଷି ବିଜ୍ଞାନ ଗବେଷଣା କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ଼ଃ ବିଶ୍ୱରଂଜନ ପଟ୍ଟନାୟକ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ କୃଷି ଜିଲ୍ଲା ଅଧିକାରୀ ଶ୍ରୀ ଧୀରେନ୍ଦ୍ର ସିଂ ବରିହା ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ବିଶ୍ୱ ମୃତ୍ତିକା ଦିବସ ପାଳନର ତାତ୍ପର୍ଯ୍ୟ, ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଚଳିତ ବର୍ଷ ର ଶୀର୍ଷକ ମୃତ୍ତିକାର ଯତ୍ନ: ପରିମାପ, ପର୍ଯ୍ୟବେକ୍ଷକ, ପରିଚାଳନା ପରିପ୍ରେକ୍ଷୀରେ ମୁଖ୍ୟବକ୍ତା କୃଷି ବିଜ୍ଞାନ ଗବେଷଣା କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ଼ଃ ପଟ୍ଟନାୟକ ବକ୍ତବ୍ୟରେ ମାଟିକୁ ମା ସହିତ ତୁଳନା କରି ଭବିଷ୍ୟତ ପାଇଁ ମାଟିର ଗୁଣାତ୍ମକମାନକୁ ବଜାୟ ରଖିବା ସହିତ, ମାଟିର ଆବଶ୍ୟକ ଯତ୍ନ ଏବଂ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ।

## ସୁରକ୍ଷିତ ଏଲପିଜି ବ୍ୟବହାର ଓ ନିରାପଦ ରନ୍ଧନ ସଚେତନତା

**ବରଗଡ଼,୫।୧୨(ସଂଚାର ବ୍ୟୁରୋ):** ସୁରକ୍ଷିତ ଏଲ ପି ଜି ବ୍ୟବହାର ତଥା ନିୟନ୍ତ୍ରଣ ଓ ନିରାପଦ ରନ୍ଧନ ପାଇଁ ଭାରତ ଗ୍ୟାସ ବିତରକ ବ୍ଲୁ ଫ୍ଲେମ ଆନୁକୁଲ୍ୟରେ ବରଗଡ଼ ସ୍ୱୟଂ ସିଦ୍ଧା ଭବନ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଟିତ ହୋଇ ଯାଇଛି ।ଏହି ଅବସର ରେ ଆମ ରୋଷେଇ ଘର ଆମ ଦାୟିତ୍ୱ ଉପରେ ଆଧାରିତ ଗୃହିଣୀ ମାନଙ୍କ ମଧ୍ୟରେ ଏକ ରୋଷେଇ ପ୍ରତିଯୋଗିତା ଅନୁଷ୍ଟିତ ହୋଇଥିଲା ।ଏହି ପ୍ରତିଯୋଗିତା ରେ ୧୫ ଜଣ ଗୃହିଣୀ ଅଂଶ ଗ୍ରହଣ କରି ଏଲ ପି ଜି ର ସୁରକ୍ଷିତ ବ୍ୟବହାର ସହିତ ରନ୍ଧନ ଦକ୍ଷତା ପ୍ରତିପାଦନ କରିଥିଲେ । ଏହି ପ୍ରତିଯୋଗିତା କୁ ମୂଲ୍ୟାଙ୍କନ କରିବା ପାଇଁ ଖାଦ୍ୟ ସମାଲୋଚକ ଭାବେ ଜ୍ୟୋତି ମିତ୍ତଲ ସାମାଜିକ କର୍ମୀ ସଂଗୀତା ଅଗ୍ରୱାଲ,ଓ ପୁନାମ୍ ମିଶ୍ର ପ୍ରମୁଖ ତିନି ଜଣିଆ ବିଚାରକ ମଣ୍ଡଳୀ ଯୋଗ ଦେଇଥିଲେ । ଗୃହିଣୀ ବିନୋଦିନୀ ପ୍ରଧାନ ପ୍ରଥମ ପୁରସ୍କାର ଲାଭ କରି ବିଜୟୀ ହୋଇ ଥିଲେ ।

## କଳାହାଣ୍ଡି ଜିଲ୍ଲାରେ ମଦ କାରବାର ବଢୁଛି

**କଳାହାଣ୍ଡି,୫।୧୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ମଦ କାରବାର ଯୋଗୁଁ ମଦ୍ୟପଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଜିଲ୍ଲାରେ ଦେଶୀ ମଦ ବିକ୍ରି ସାମାନ୍ୟ କମିଥିବା ବେଳେ ବିଦେଶୀ ମଦ ବିକ୍ରି ବଢ଼ି ଚାଲିଛି। ଗତ ୨ ବର୍ଷର ଆକଳନରୁ ଏହା ଜଣାପଡିଛି। କଳାହାଣ୍ଡି ଜିଲ୍ଲା ଅବକାରୀ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ବର୍ଷ ମାର୍ଚ୍ଚ ଠାରୁ ସେପ୍ଟେମ୍ବର ଯାଏଁ ଜିଲ୍ଲାର ୩୪ଟି ଠିପିବନ୍ଦ ମଦ ଦୋକାନ ଓ ୨୨ଟି ଠିପି ଖୋଲା ମଦ ଦୋକାନ(ବାର) ରେ ପ୍ରାୟ ୪ ଲକ୍ଷ ୫୦ ହଜାର ୩୧ ଲିଟର (ଆଇଏମ୍‌ଏଫ୍‌ଏଲ୍) ବିଦେଶୀ ମଦ ବିକ୍ରି ହୋଇଛି। ସେହିଭଳି ବିଅର ଓ କେନ୍ ପ୍ରାୟ ୨୬ ଲକ୍ଷ ୭୫ ହଜାର ୬୭୫ ଲିଟର ବିକ୍ରି ହୋଇଛି। ଯାହାକି ଗତବର୍ଷ ଉପରୋକ୍ତ ମାସ ମଧ୍ୟରେ ଆଇଏମ୍‌ଏଫ୍‌ଏଲ୍ ବିଦେଶୀ ମଦ ବିକ୍ରି ୪ ଲକ୍ଷ ୨୬ ହଜାର ୪୫୯ ଲିଟର ରହିଥିବା ବେଳେ ବିଅର ଓ କେନ୍ ୧୯ ଲକ୍ଷ ୮୧ ହଜାର ୫୧୦ ଲିଟର ବିକ୍ରି ହୋଇଛି । ଏହି ୨ ବର୍ଷର ଆକଳନକୁ ଦେଖିଲେ ଚଳିତବର୍ଷ ଆଇଏମ୍‌ଏଫ୍‌ଏଲ୍ ବିଦେଶୀ ମଦ ବିକ୍ରି ପୂର୍ବ ବର୍ଷଠାରୁ ୨୬ ହଜାର ୫୭୨ ଲିଟର ଅଧୁକ ବିକ୍ରି ହୋଇଥିବା ବେଳେ ବିଅର ଓ କେନ୍ ୬ ଲକ୍ଷ ୬୪ ହଜାର ୧୫୬ ଲିଟର ଅଧିକ ମଦ ବିକ୍ରି ହୋଇଛି।